

ସେମିରେ ସାମ୍ସନ୍ ଶ୍ରେଷ୍ଠ ଖେଳାଳି

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-247 ♦FRIDAY ♦06 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୪୭ ♦ଶୁକ୍ରବାର ♦୦୬ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ସପ୍ତମ ଦିନରେ ମଧ୍ୟପ୍ରାଚ୍ୟ ଯୁଦ୍ଧ

# କମ୍ପୁଛି ଜଳ-ସ୍ଥଳ-ଆକାଶ



■ ତେହେରାନ/ତେଲ ଅଭିଭ୍, ୫।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଆହୁରି ଭୟଙ୍କର ହେବାରେ ଲାଗିଛି । ଯୁଦ୍ଧର ଷଷ୍ଠ ଦିନରେ ଇରାନ ପକ୍ଷରୁ ଇସ୍ରାଏଲ ଉପରକୁ ଶତାଧିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ଅନ୍ୟପଟେ ଇସ୍ରାଏଲ ଓ ଆମେରିକା ମଧ୍ୟ ମିଳିତ ଭାବେ ଇରାନର ଅଭ୍ୟନ୍ତରୀଣ ସୁରକ୍ଷା ବାହିନୀ (ଆଇଆରଜିସି) ଓ ବାସିଜ ୟୁନିଟ୍ ଉପରେ ଆକ୍ରମଣ ଜାରି ରଖିଛନ୍ତି । ଇରାନ ପକ୍ଷରୁ ଏଭଳି ଅପ୍ରତ୍ୟାଶିତ ଆକ୍ରମଣକୁ ନେଇ ଆମେରିକା ବିଚଳିତ ହୋଇପଡ଼ିଛି ।

ମିଳିଥିବା ସୂଚନା ଅନୁଯାୟୀ ଇରାନ ଇସ୍ରାଏଲ ସମେତ ଉପସାଗର ଅଞ୍ଚଳରେ ଥିବା ବିଭିନ୍ନ ଦେଶରେ ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ଚଳାଇଛି । କାତାର ରାଜଧାନୀ ଦୋହାରେ ଆଜି ବିସ୍ଫୋରଣ ହୋଇଛି । ଦୋହାରେ ଶକ୍ତିଶାଳୀ ବିସ୍ଫୋରଣ ପରେ ଆମେରିକୀୟ ଦୂତାବାସ ନିକଟରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ସେହିପରି ବାହାରିନରେ ମଧ୍ୟ ଇରାନ ଆକ୍ରମଣ କରିଛି । କୁଏତ ଉପକୂଳରେ ଏକ ଟ୍ୟାଙ୍କର ବିସ୍ଫୋରଣ ଯୋଗୁଁ ସମୁଦ୍ରରେ ପ୍ରଚୁର ତେଲ ବୋହିଯାଇଛି, ଯାହା ପରିବେଶ ▶ପୃଷ୍ଠା-୧୦

**ଦୋହାରେ ବିସ୍ଫୋରଣ, ଆଜରବାଇଜାନ ବିମାନ ବନ୍ଦରରେ ଡ୍ରୋନ୍ ମାଡ଼**

**ଆମେରିକାର ସବୁଠାରୁ ବଡ଼ 'ରାଡାର'କୁ ଧ୍ୱଂସ କଲା ଇରାନ**

**ଆମେରିକା ତୈଳ ଟ୍ୟାଙ୍କର ଉପରେ ଇରାନର ଆକ୍ରମଣ**

**ଖାମେନେଇଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତକଲା ଭାରତ**

## ଇରାନୀୟ ଯୁଦ୍ଧଜାହାଜକୁ ବୁଡ଼ାଇଦେଲା ଆମେରିକା; ୮୭ ମୃତ

■ ନୂଆଦିଲ୍ଲୀ, ୫।୩ (ଏଜେନ୍ସି): ଭାରତରେ ଆୟୋଜିତ ନୌସେନା ଅଭ୍ୟାସରେ ଯୋଗ ଦେଇ ଫେରୁଥିବା ଇରାନର ଯୁଦ୍ଧ ଜାହଜ 'ଆଇଆରଆଇଏସ୍ ଡେନା'କୁ ଆମେରିକା ଟର୍ପିଡୋ ମାଡ଼ କରି ବୁଡ଼ାଇ ଦେଇଛି । ଶ୍ରୀଲଙ୍କା ଉପକୂଳରେ ଘଟିଥିବା ଏହି ଆକ୍ରମଣରେ ଅତିକମ୍‌ରେ ୮୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୨ଜଣ ଆହତ ହୋଇଛନ୍ତି ଏବଂ ଅନେକ ନିଖୋଜ ଅଛନ୍ତି ।

ଏହି ଯୁଦ୍ଧ ଜାହାଜଟି ଭାରତର ବହୁରାଷ୍ଟ୍ରୀୟ ନୌସେନା ଅଭ୍ୟାସ 'ମିଲାନ ୨୦୨୬'ରେ ଅଂଶଗ୍ରହଣ କରିଥିଲା । ଅଭ୍ୟାସ ଶେଷ କରି ଫେରିବା ବେଳେ ଶ୍ରୀଲଙ୍କାର ଗାଲେ ବନ୍ଦର ସହରର ପ୍ରାୟ ୪୦କିମି ଦକ୍ଷିଣରେ ଆକ୍ରମଣର ଶିକାର ହୋଇଥିଲା । ଶ୍ରୀଲଙ୍କା ନୌସେନା ଅଧିକାରୀଙ୍କ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୮୭ଟି ଶବ ଉଦ୍ଧାର କରାଯାଇଛି । ୩୨ ଜଣ ଜବତ ଏବେ ମଧ୍ୟ ୬୧ ଜଣ ନିଖୋଜ ଅଛନ୍ତି । ଜାହଜା ବୁଡ଼ିବା ପୂର୍ବରୁ ▶ପୃଷ୍ଠା-୧୦

## ଟି ୨୦ ବିଶ୍ୱକପ: ଫାଇନାଲରେ ଭାରତ

■ ମୁମ୍ବାଇ, ୫।୩ (ସମିସ): ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ରୋମାଞ୍ଚଭରା ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୭ ରନ୍‌ରେ ପରାସ୍ତ କରି ଭାରତ ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଛି । ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ପାଇଁ ଭାରତକୁ ଆମନ୍ତ୍ରଣ କରିଥିଲା । ଓପନର୍ ସଞ୍ଜୁ ସାମ୍‌ସନ୍‌ଙ୍କ ଧୂଆଁଧାର ୮୯ ରନ୍ ସହ ଇଶାନ୍ କିଶାନ୍‌ଙ୍କ ୩୯ ଏବଂ ଶିବମ୍ ଦୁବେଙ୍କ ୪୩ ରନ୍ ଭାଗିଦାରୀରେ ଭାରତ ଇଂଲଣ୍ଡ ଆଗରେ ୨୫୩ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲା । ଜବାବରେ ଇଂଲଣ୍ଡ ଲଢୁଆ ବ୍ୟାଟିଂ କରି ବିଜୟର ନିକଟତର ହୋଇଥିଲା । ଜାକବ୍ ବେଥାଲ୍ ୪୮ଟି ବଲ୍‌ରେ ୧୦୫ ରନ୍ କରି ଭାରତକୁ ଅଡୁଆରେ ପକାଇଥିଲେ । ତେବେ ଶେଷ ଭାଗରେ ମାପଚୁପ ବୋଲିଂ ବଳରେ ଭାରତ ମ୍ୟାଚ୍ ଜିତିବାରେ ସମର୍ଥ ହୋଇଥିଲା । ଆସନ୍ତା ୮ ତାରିଖ (ରବିବାର) ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

## ରାଜ୍ୟସଭା ନିର୍ବାଚନ: ୪ ଆସନ ପାଇଁ ୬ ନାମାଙ୍କନ

### ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପଙ୍କ ଆବିର୍ଭାବ ପରେ ରୋଚକ ସ୍ଥିତିରେ ରାଜ୍ୟ ରାଜନୀତି





■ ଭୁବନେଶ୍ୱର, ୫।୩ (ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଗୁରବାର ନାମାଙ୍କନ ପତ୍ର ଦାଖଲର ଶେଷଦିନ ଥିବାବେଳେ ମୋଟ ୫ ଜଣ ନାମାଙ୍କନ ଭରିଛନ୍ତି । ବିଜେପିରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସୁଜିତ୍ କୁମାର ନାମାଙ୍କନ ଦାଖଲ କରିଥିବା ବେଳେ ବିଜେଡିରୁ ଡ. ସଂତୃପ୍ତ ମିଶ୍ର ମନୋନୟନ ପତ୍ର ଭରିଛନ୍ତି । ସେହିପରି ବିଜେଡି, କଂଗ୍ରେସ ଓ ସିପିଆଇ(ଏମ)ରୁ ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ଓ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହା ପୂର୍ବରୁ ଆନ୍ଧ୍ରପ୍ରଦେଶର ଜଣେ ପ୍ରାର୍ଥୀ ନାମାଙ୍କନ କରିଥିବାରୁ ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ୬ରେ ପହଞ୍ଚିଛି । ▶ପୃଷ୍ଠା-୧୦

**ବିଜେଡିରୁ ସଂତୃପ୍ତ, ବିଜେପିରୁ ମନମୋହନ ଓ ସୁଜିତ୍ ଦାଖଲ କଲେ ପ୍ରାର୍ଥିପତ୍ର**

**ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମାଙ୍କନ**

### ସଂତୃପ୍ତ ଓ ଦତ୍ତେଶ୍ୱରଙ୍କ ବିଜୟ ହେବ: ନବୀନ

■ ଭୁବନେଶ୍ୱର, ୫।୩ (ସମିସ): ରାଜ୍ୟସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ବିଜୟ ନିଶ୍ଚିତ ବୋଲି କହିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ । ଉଭୟ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ନବୀନ ଯୋଗ ଦେବା ସହ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଭରିଲେ ନାମାଙ୍କନ: ରାଜ୍ୟସଭା ଯିବେ ନୀତୀଶ

### ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ?



■ ପାଟନା/ନୂଆଦିଲ୍ଲୀ, ୫।୩ (ଏଜେନ୍ସି): ବିହାର ରାଜନୀତିର ଚାଣକ୍ୟ କୁହାଯାଉଥିବା ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ରାଜ୍ୟସଭାକୁ ଯିବେ । ରାଜ୍ୟସଭା ପାଇଁ ପ୍ରାର୍ଥିପତ୍ର ଦାଖଲ କରି ଆଜି ସେ କେବଳ ବିହାର ନୁହେଁ; ଜାତୀୟ ରାଜନୀତିରେ ମଧ୍ୟ ହଟଚମଟ ସୃଷ୍ଟି କରିଛନ୍ତି । ଦୀର୍ଘ ଦୁଇ ଦଶନ୍ଧି ଧରି ବିହାରରେ ଶାସନ କ୍ଷମତାରେ ଥିବା ନୀତୀଶ ଗତ ନଭେମ୍ବର ମାସରେ ଦଶମ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ଏମିତି କଣ ପରିସ୍ଥିତି ସୃଷ୍ଟି ହେଲା ଯେ ସେ ହଠାତ୍ ବିହାର ଛାଡ଼ି କେନ୍ଦ୍ର ରାଜନୀତିକୁ ଡେଇଁଛନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି । ଏବେ ତାଙ୍କ ସ୍ଥାନରେ କିଏ ମୁଖ୍ୟମନ୍ତ୍ରୀ ହେବ ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଗଲାଣି ।

୭୫ ବର୍ଷୀୟ ନୀତୀଶ ବିହାର ଛାଡ଼ି ରାଜ୍ୟସଭାକୁ ଯିବେ ଗତକାଲି ଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । ଆଜି ନୀତୀଶ ବିବୃତି ଜାରି କରି ରାଜ୍ୟସଭା ଯିବା କଥା ସତ ବୋଲି ସ୍ପଷ୍ଟ କରିଦେଇଥିଲେ । ତେବେ ସେ ▶ପୃଷ୍ଠା-୧୦

## ଆଜି ଆସୁଛନ୍ତି ଅମିତ ଶାହ

### ଭୁବନେଶ୍ୱରରେ ନ୍ୟାୟ ସଂହିତା ପ୍ରଦର୍ଶନୀକୁ କରିବେ ଉଦ୍‌ଘାଟନ



■ ଭୁବନେଶ୍ୱର, ୫।୩ (ସମିସ): ଭୁବନେଶ୍ୱରରେ ଶୁକ୍ରବାର ଠାରୁ ଆୟୋଜିତ ହେବାକୁ ଥିବା "ନ୍ୟାୟ ସଂହିତା ପ୍ରଦର୍ଶନୀ"କୁ ଉଦଘାଟନ କରିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଏହି ଅବସରରେ କଟକର ମୁଣ୍ଡଳି ସ୍ଥିତ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସ୍ଏଫ୍) ତାଲିମ ଅନୁଷ୍ଠାନର ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀ ଶାହ ପରେଡ୍ ଅଭିବାଦନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ପୁଲିସ ପକ୍ଷରୁ ଭୁବନେଶ୍ୱର ୟୁନିଟ-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ "ନ୍ୟାୟ ସଂହିତା ପ୍ରଦର୍ଶନୀ" ଆୟୋଜନ କରାଯାଉଛି । ନୂଆ ଅପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ▶ପୃଷ୍ଠା-୧୦

## ବଦଳିଲେ ୭ ରାଜ୍ୟପାଳ

■ ନୂଆଦିଲ୍ଲୀ, ୫।୩ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଆଜି ଅଚାନକ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସେହିପରି ଲଦାଖର ଉପ-ରାଜ୍ୟପାଳ କବିନ୍ଦର ଗୁପ୍ତା ମଧ୍ୟ ଇସ୍ତଫା ଦେଇଛନ୍ତି । ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବିଙ୍କୁ ପଶ୍ଚିମବଙ୍ଗର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି । ଆଜି ମୋଟ ୭ଟି ରାଜ୍ୟର ରାଜ୍ୟପାଳଙ୍କ ସମେତ ଦିଲ୍ଲୀ ଓ ଲଦାଖର ଉପ-ରାଜ୍ୟପାଳ ବଦଳିଛନ୍ତି ।

**ଆର୍‌ଏନ୍ ରବିଙ୍କୁ ପଶ୍ଚିମବଙ୍ଗ ଦାୟିତ୍ୱ**

**ଲଦାଖ ଓ ଦିଲ୍ଲୀରେ ନୂଆ ଉପ-ରାଜ୍ୟପାଳ**

ଗୁରୁବାର ରାତିରେ ରାଷ୍ଟ୍ରପତି ଭବନରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ହିମାଚଳ ପ୍ରଦେଶ ରାଜ୍ୟପାଳ ଶିବ ପ୍ରସାଦ ଶୁକ୍ଳାଙ୍କୁ ତେଲଙ୍ଗାନା ରାଜ୍ୟପାଳ ନିଯୁକ୍ତ କରାଯାଇଥିବା ବେଳେ ତେଲଙ୍ଗାନା ରାଜ୍ୟପାଳ ଜେଡି ବର୍ମାଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ଅବସ୍ଥାପିତ କରାଯାଇଛି । ମହାରାଷ୍ଟ୍ର ରାଜ୍ୟପାଳ ▶ପୃଷ୍ଠା-୧୦






ସକାଳ
www.sakalaepaper.com











## 'ଟ୍ରମ୍ପଙ୍କ ରକ୍ତ' ପାଇଁ ଇରାନୀ ଧର୍ମଗୁରୁଙ୍କ ଫତୱା

ତେହେରାନ, ୫ ।୩(ଏଜେନ୍ସି): ଆମେରିକା - ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଚରମସୀମାରେ ପହଞ୍ଚିଥିବା ବେଳେ ଇରାନର ବରିଷ୍ଠ ଧର୍ମଗୁରୁ ଆୟୋତୋଲ୍ଲା ଅବଦୁଲ୍ଲା ଜାଭାଦି-ଆମୋଲି ଏକ ଭୟଙ୍କର ଜିହାଦ ଫତ୍‌ୱା ଜାରି କରିଛନ୍ତି । ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଆମୋଲି ନିଜ ଫତ୍‌ୱାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ନାଗରିକଙ୍କ ପାଇଁ ରକ୍ତପାତର ଆହ୍ୱାନ ଦେଇଛନ୍ତି । ଜଣେ ନିଷ୍ଠାପର ସିଆ ମୁସଲମାନ ପାଇଁ ଏହା ବର୍ତ୍ତମାନ ସବୁଠାରୁ ବଡ଼ କର୍ତ୍ତବ୍ୟ ବୋଲି ସେ କହିଛନ୍ତି । ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁ ପରେ ଏହି ସଂଘର୍ଷ ଏବେ ଧର୍ମ ଯୁଦ୍ଧ ବା ଜିହାଦର ରୂପ ନେଇଛି । ଇରାନ ନେତାମାନେ ଏହାକୁ ସାରା ବିଶ୍ୱର ସିଆ ମୁସଲମାନଙ୍କ ବିରୋଧରେ ଏକ ଖୋଲା ଯୁଦ୍ଧ ବୋଲି ଘୋଷଣା କରିଛନ୍ତି । ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ଯେ ଇରାନର ସର୍ବୋଚ୍ଚ ନେତାଙ୍କୁ ହତ୍ୟା କରିବା ଏକ ଐତିହାସିକ ଅପରାଧ ଏବ ଏହାର ମାଷ୍ଟରମାଇଣ୍ଡଙ୍କଠାରୁ ପ୍ରତିଶୋଧ ନେବା ଇରାନର ବୈଧ ଅଧିକାର । ଖାମନେଇଙ୍କ ମୃତ୍ୟୁରେ ଇରାନରେ ୪୦ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି ଓ ତାଙ୍କର ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି କରାଯାଉଛି ।

## ବି-୨କୁ ଧ୍ୱଂସ କଲା ଇରାନ

ତେହେରାନ, ୫ ।୩(ଏଜେନ୍ସି):ଆମେରିକାର ସବୁଠାରୁ ଶକ୍ତିଶାଳୀ ବୋମା ବର୍ଷୀ ଯୁଦ୍ଧ ଜାହାଜ ବି-୨କୁ ଇରାନ



କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରିଦେଇଛି । ଇରାନ ସରକାର ପକ୍ଷରୁ ଆଜି ଏଭଳି ଦାବି କରାଯାଇଛି । ଏହାର ପ୍ରମାଣ ସ୍ୱରୂପ ଇରାନୀ ସେନା ଭିଡିଓ ଚିତ୍ର ଜାରି କରିଛି । ଯଦି ଏହା ସତ ହୋଇଥାଏ, ତେବେ ବି-୨ ଇତିହାସରେ ଏହା ହେଉଛି ପ୍ରଥମ ଘଟଣା । ଏହାପୂର୍ବରୁ ଯେତେ ଯୁଦ୍ଧରେ ବି-୨ ସାମିଲ ହୋଇଥିଲେ ମଧ୍ୟ ଏହା ଉପରେ କେବେ ଆକ୍ରମଣ ହୋଇନାହିଁ । ଇରାନର ଏହି ଦାବି ନେଇ ଆମେରିକା ପକ୍ଷରୁ କିଛି କୁହାଯାଇ ନାହିଁ । ଏଭଳି ଖବର ମେ୍ରିକା ପାଇଁ ବଡ଼ ଝଟକା ବୋଲି କୁହାଯାଉଛି ।

## ଭାରତ ସୀମାରେ ହାଇଆଲର୍ଟ

ନୂଆଦିଲ୍ଲୀ, ୫ ।୩(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟ ଚାଲିଥିବା ସାମରିକ ସଂଘର୍ଷର ପ୍ରଭାବ ଭାରତ ଉପରେ ପଡ଼ିପାରେ ବୋଲି ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ଚେତାବନୀ ଜାରି କରିଛନ୍ତି । ପାକିସ୍ତାନରେ ଅସ୍ଥିରତା ମଧ୍ୟରେ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଭାରତରେ ବଡ଼ଧରଣର ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି । ପାକ୍ ଅଧିକୃତ କଶ୍ମୀର (ପିଓକେ) ରେ ଥିବା ଆତଙ୍କବାଦୀ ଲଞ୍ଚ ପ୍ୟାଡ୍‌ଗୁଡ଼ିକ ପୁଣି ସକ୍ରିୟ ହୋଇ ଉଠିଛି । ପ୍ରାୟ ୧, ୦୦୦ରୁ ୧, ୫୦୦୦ ଆତଙ୍କବାଦୀ ଜମ୍ମୁ-କଶ୍ମୀର ସୀମା ଦେଇ ଭାରତକୁ ଅନୁପ୍ରବେଶ କରିବାକୁ ଅପେକ୍ଷା କରିଛନ୍ତି । ଲସ୍କର-ଇ- ତୋଏବା (ଏଲ୍‌ଇଟି) ଓ ଜୈଶ-ଇ-ମହମ୍ମଦ (ଜେଇଏମ୍) ପରି ଆତଙ୍କବାଦୀ ସଂଗଠନଗୁଡ଼ିକ ପାକିସ୍ତାନର ଆଇଏସ୍‌ଆଇ ନିର୍ଦ୍ଦେଶରେ ଭାରତରେ ବିସ୍ଫୋରଣ ଓ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । କେବଳ କଶ୍ମୀର ନୁହେଁ; ପଞ୍ଜାବ ସୀମାରେ ମଧ୍ୟ ଉତ୍ତେଜନା ଦେଖାଦେଇଛି । ଖଲିସ୍ତାନୀ ସଂଗଠନ ଓ ଆଇଏସ୍‌ଆଇ ମିଳିତ ଭାବେ ଭାରତର ସୁରକ୍ଷା ବ୍ୟବସ୍ଥା ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି । ଆଭ୍ୟନ୍ତରୀଣ ସମସ୍ୟାରୁ ଦୃଷ୍ଟି ହଟାଇବା ଓ ମଧ୍ୟପ୍ରାଚ୍ୟ ଯୁଦ୍ଧର ସୁଯୋଗ ନେବା ପାଇଁ ଏପରି ଯୋଜନା କରାଯାଉଛି ବୋଲି ଗୁଇନ୍ଦା ସଂସ୍ଥା ପକ୍ଷରୁ କୁହାଯାଇଛି ।

## ଆସାମରେ ସୁଖୋଇ-୩୦ ନିଖୋଜ



ସିଲଚର, ୫।୩: ଭାରତୀୟ ବାୟୁ ସେନାର ଲଢୁଆ ବିମାନ ସୁଖୋଇ-୩୦ ନିଖୋଜ ହୋଇଯାଇଛି । ଆସାମର ଜୋରହାଟ ଏୟାର ବେସରୁ ଆଜି ସନ୍ଧ୍ୟା ୭ଟାରେ ଉଡ଼ାଣ ପରେ ରଡାର ସହିତ ଏହାର ସଂପର୍କ ଛିନ୍ନ ହୋଇଯାଇଥିଲା । ଏଥିରେ ଦୁଇ ଜଣ ପାଇଲଟ ଅଛନ୍ତି । ଏହାକୁ ଠାବ କରିବା ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ । ନିକଟବର୍ତ୍ତୀ ପାହାଡ଼ିଆ ଅଞ୍ଚଳରେ ବିସ୍ଫୋରଣ ହୋଇଥିବା ସାମାଜିକ ଗଣମାଧ୍ୟମରେ ଭିଡିଓ ପ୍ରସାରିତ ହେଉଛି । ତେବେ ସେନା ପକ୍ଷରୁ କିଛି କୁହାଯାଇ ନାହିଁ ।

## ଦୁବାଇ ବିମାନ ସେବା ପୁଣି ଆରମ୍ଭ

ନୂଆଦିଲ୍ଲୀ, ୫ ।୩(ଏଜେନ୍ସି): ଯୁଦ୍ଧ ସ୍ଥିତି ଭିତରେ ମଧ୍ୟପ୍ରାଚ୍ୟରେ ଫସିଥିବା ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବା ପାଇଁ ବିଭିନ୍ନ ବିମାନ କମ୍ପାନୀ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ୪ ଦିନ ଧରି ବନ୍ଦ ରହିବା ପରେ ଗୁରୁବାର କୋଲକାତାରୁ ଦୁବାଇ ବିମାନ ସେବା ଆରମ୍ଭ ହୋଇଛି । ଗୁରୁବାର ଫ୍ଲାଏ ଦୁବାଇର ଏକ ବିମାନ ୧୩୦ ଜଣ ଯାତ୍ରୀଙ୍କୁ ଧରି କୋଲକାତାରେ ଅବତରଣ କରିଥିଲା ଏବଂ ପୁଣି ୫୫ ଜଣ ଯାତ୍ରୀଙ୍କୁ ନେଇ ଏହି ବିମାନ ଦୁବାଇ ଯାତ୍ରା କରିଥିଲା । ଏୟାର ଇଣ୍ଡିଆ କହିଛି ଯେ, ସେଠାରେ ଫସି ରହିଥିବା ଭାରତୀୟଙ୍କୁ ଆଣିବା ପାଇଁ ଦୁବାଇ ଓ ଜେଦ୍ଦାରୁ ବିମାନ ଚଳାଚଳ ଜାରି ରହିଛି । ଯେଉଁମାନେ ଗତ ୨୮ ତାରିଖ ପୂର୍ବରୁ ଟିକଟ ବୁକ୍ କରିଥିଲେ, ସେମାନେ ବିନା କୌଣସି ଅତିରିକ୍ତ ଶୁଳ୍କରେ ନିଜ ଟିକଟ ବାତିଲ କରି ପୂରା ଟଙ୍କା ଫେରସ୍ତ ପାଇପାରିବେ ।

# ଅସହାୟ ଟ୍ରମ୍ପଙ୍କ 'ଡୁମ୍‌ସଡେ' ପରୀକ୍ଷା

## ପୃଥିବୀର ଯେକୌଣସି ସ୍ଥାନକୁ ପରମାଣୁ ଆକ୍ରମଣ କରିପାରିବ





- ପଛକୁ ହଟିଲା ଯୁଦ୍ଧ ଜାହାଜ 'ଆବ୍ରହମ ଲିଙ୍କନ'
- ୟୁରୋପୀୟ ଦେଶ ଉପରେ ଟ୍ରମ୍ପ କ୍ଷୁବ୍ଧ
- ଇସ୍ରାଏଲ, ଗଲଫ୍‌ରୁ ଫେରୁଛନ୍ତି ଆମେରିକୀୟ

କାଲିଫର୍ଣ୍ଣିଆ/ତେହେରାନ, ୫ ।୩(ଏଜେନ୍ସି): ଇରାନ ସହ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ଆମେରିକା ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ଆମେରିକା ତା'ର ପରମାଣୁ କ୍ଷମତାସମ୍ପନ୍ନ 'ମିନିଟ୍‌ମ୍ୟାନ୍-୩' ଆନ୍ତଃମହାଦୀପୀୟ ବାଲାଷ୍ଟିକ କ୍ଷେପଣାସ୍ତ୍ର (ଆଇସିବିଏମ୍)ର ସଫଳ ପରୀକ୍ଷଣ କରିଛି । ଏହି କ୍ଷେପଣାସ୍ତ୍ରକୁ ସାଧାରଣତଃ 'ଡୁମ୍‌ସଡେ ମିସାଇଲ' କୁହାଯାଇଥାଏ । ଆମେରିକା ମଙ୍ଗଳବାର ଏହି ପରୀକ୍ଷାକୁ ଭାନେଡେନବର୍ଗ ସ୍ପେସ୍ ଫୋର୍ସ ବେସ୍‌ରୁ କରିଥିଲା । ଏହାର ଲକ୍ଷ୍ୟ ଭେଦ କ୍ଷମତା ପ୍ରାୟ ୧୩,୦୦୦ କିମି ରହିଛି । ଏହା କାଲିଫର୍ଣ୍ଣିଆରୁ ମାର୍ଶାଲ ଦୀପପୁଞ୍ଜ ପର୍ଯ୍ୟନ୍ତ ହଜାର ହଜାର ମାଇଲ ଅତିକ୍ରମ କରି ସଫଳତାର ସହ ଲକ୍ଷ୍ୟ ଭେଦ କରିଛି । 'ଡୁମ୍‌ସଡେ'କୁ 'ପ୍ରଳୟଙ୍କରୀ କ୍ଷେପଣାସ୍ତ୍ର' ବୋଲି କୁହାଯାଇଥାଏ । କାରଣ ଏହା ଏକାସାଙ୍ଗରେ ତିନୋଟି ଭିନ୍ନ ଭିନ୍ନ ଦିଗରେ ପରମାଣୁ ବୋମା ମାଡ଼ କରିପାରେ । ଏହି କ୍ଷେପଣାସ୍ତ୍ର ପୃଥିବୀର ଯେକୌଣସି ସ୍ଥାନକୁ ମାଡ଼ କରିପାରିବ । ଏହାଦ୍ୱାରା ପୃଥିବୀରେ ଏଭଳି ବିକିରଣ ବା ରେଡିଏସନ୍ ସୃଷ୍ଟି ହେବ, ଯାହାଫଳରେ ପୃଥିବୀ ଆଉ ବାସୋପଯୋଗୀ ହୋଇ ରହିବ ନାହିଁ । ଏହି କ୍ଷେପଣାସ୍ତ୍ରର ବେଗ ଶବ୍ଦର ଗତିଠାରୁ ଯଥେଷ୍ଟ ଅଧିକ । ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ନେଇ ଆମେରିକା କହିଛି ।ଯେ ଏହି ପରୀକ୍ଷଣର ଯୋଜନା ବହୁ ବର୍ଷ ପୂର୍ବରୁ ହୋଇଥିଲା ଓ ବର୍ତ୍ତମାନ ଚାଲିଥିବା ଯୁଦ୍ଧ ସହ ଏହାର କୌଣସି ସମ୍ପର୍କ ନାହିଁ । ତେବେ ଇରାନ ଯୁଦ୍ଧରେ ଅସହାୟ ହୋଇପଡ଼ିଥିବା ରାଷ୍ଟ୍ରପତି ଟ୍ରମ୍ପ ଇରାନକୁ ଡରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି । କାରଣ ଏହି ଯୁଦ୍ଧରେ ଆଶା ଅନୁଯାୟୀ ତାଙ୍କୁ ସଫଳତା ମିଳୁନାହିଁ । ଇସ୍ରାଏଲ ସମେତ ଉପସାଗୀୟ ଅଞ୍ଚଳରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଏବଂ ଦୂତାବାସ ଉପରେ ଇରାନ ଯେଭଳି ଆକ୍ରମଣ ଚଳାଇଛି, ତାହାର ମୁକାବିଲା ପାଇଁ ୟୁରୋପୀୟ ରାଷ୍ଟ୍ର ଆମେରିକାକୁ ସମର୍ଥନ ଦେଉ ନାହାନ୍ତି । ଏଥିରେ ଟ୍ରମ୍ପ ବିରକ୍ତି ପ୍ରକାଶ କରିବା ସହିତ ଇସ୍ରାଏଲ ଏବଂ ଉପସାଗରୀୟ (ଗଲ୍‌ଫ) ଦେଶରେ ରହୁଥିବା ଆମେରିକୀୟ ନାଗରିକଙ୍କୁ ଦେଶ ଫେରି ଆସିବା ଲାଗି ଟ୍ରମ୍ପ ପରାମର୍ଶ ଦେଇଛନ୍ତି । ଏହି ଦେଶମାନଙ୍କରେ ନିଜର ନାଗରିକମାନଙ୍କୁ ସୁରକ୍ଷା ପାଇଁ ଆମେରିକା ଗ୍ୟାରେଣ୍ଟି ଦେଇପାରୁନାହିଁ । ଆମେରିକାକୁ ନରାଶ କରିବା ଭଳି ଆଉ ଏକ ଖବର ଅନୁଯାୟୀ ଆମେରିକାର ବିଶାଳ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ 'ଆବ୍ରାହମ ଲିଙ୍କନ' ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହାପରେ ଆମେରିକା ଏହି ଜାହାଜକୁ ।ସେଠାରୁ ନିରାପଦ ସ୍ଥାନକୁ ଫେରାଇ ନେଇଛି ।

ଅନ୍ୟପକ୍ଷରେ ଇରାନ ମଧ୍ୟ ପରମାଣୁ ପରୀକ୍ଷା କରିଥିବା ଜଣାପଡ଼ିଛି । ରାଜଧାନୀ ତେହରାନ ନିକଟରେ ଗତ ୩ ତରିଖରେ ଭୂମିକମ୍ପ ଅନୁଭୂତ ହୋଇଛି । ଇରାନର ପରମାଣୁ ପରୀକ୍ଷା ଯୋଗୁଁ କମ୍ପନ ହୋଇଥିବା କୁହାଯାଇଛି । କିନ୍ତୁ ଏନେଇ ଇରାନ ନିରବ ରହିଛି ।

ଇତିମଧ୍ୟରେ ଖବର ମିଳିଛି ଯେ ଫ୍ରାନ୍ସ ନିଜର ସାମରିକ ଘାଟିଗୁଡ଼ିକୁ ବ୍ୟବହାର କରିବା ପାଇଁ ଆମେରିକା ସେନାକୁ ଅନୁମତି ପ୍ରଦାନ କରିଛି । ଇରାନ ବିରୁଦ୍ଧରେ ଚାଲିଥିବା ସାମରିକ ଅଭିଯାନରେ ଆମେରିକାକୁ ସହାୟତା କରିବା ପାଇଁ ଫ୍ରାନ୍ସ ଏହି ପଦକ୍ଷେପ ନେଇଛି । କିନ୍ତୁ ପୂର୍ବରୁ ଫ୍ରାନ୍ସର ଆମେରିକା ଓ ଇସ୍ରାଏଲର ଆକ୍ରମଣକୁ 'ଅନ୍ତର୍ଜାତୀୟ ଆଇନ୍ ବାହାରେ' ବୋଲି କହି ସମାଲୋଚନା କରିଥିଲା । ବର୍ତ୍ତମାନର ପରିସ୍ଥିତିକୁ ଦେଖି ଫ୍ରାନ୍ସ ନିଜର ନିଷ୍ପତ୍ତି ବଦଳାଇଛି । ୟୁରୋପୀୟ ଦେଶମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ଫ୍ରାନ୍ସ ଏଭଳି ନିଷ୍ପତ୍ତି ନେଇଛି । ତେବେ ୟୁରୋପର କୌଣସି ଦେଶ ଏହି ଯୁଦ୍ଧରେ ସାମିଲ ହେବାକୁ ସ୍ପଷ୍ଟ ଭା ।ବେ ମନା କରିଦେଇଛନ୍ତି ।

## ସାଉଦି ଉପରେ ଆକ୍ରମଣ ପଛରେ କିଏ? ସନ୍ଦେହ ଘେରରେ ଇସ୍ରାଏଲ

- ପଡ଼ୋଶୀ ରାଷ୍ଟ୍ରଙ୍କୁ ଇରାନ୍ ବିରୋଧରେ ଉସୁକାଉଛି!
- ସାଇପ୍ରସ, ଆଜରବୈଜାନ ଆକ୍ରମଣ ପଛରେ କିଏ?

ଦୁବାଇ, ୫ ।୩(ଏଜେନ୍ସି): ଇରାନ୍ ଏବଂ ଆମେରିକା-ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଦିନକୁ ଦିନ ଭୟଙ୍କର ରୂପ ନେବାରେ ଲାଗିଛି । ଇରାନ୍‌ର ରାଜଧାନୀ ତେହରାନରେ ଇସ୍ରାଏଲ ଓ ଆମେରିକା ମିଳିତ ଭାବେ ବୋମା ବର୍ଷଣ କରୁଥିବା ବେଳେ ଇରାନ୍ ଏହାର ଜବାବ ତା'ର ଅତ୍ୟାଧୁନିକ କ୍ଷେପଣାସ୍ତ୍ରରେ ଦେଉଛି । ଇସ୍ରାଏଲର ସମୃଦ୍ଧ ସହର ତେଲ-ଆଭିଭ୍‌ରେ ଇରାନ୍‌ର କ୍ଷେପଣାସ୍ତ୍ର ତାଣ୍ଡବ ଚଳାଇଛି । ଏପରିସ୍ଥଳେ, ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ କାଦୁଅଫିଙ୍ଗା ରାଜନୀତି ଆରମ୍ଭ ହୋଇଯାଇଛି । ବିଶେଷକରି, ବିଶ୍ୱର ଅନ୍ୟତମ ବୃହତ୍ତମ ତୈଳ ବିଶୋଧନ ସଂସ୍ଥା ସାଉଦି ଆରାମକୋର ତନୁରା ତୈଳ ବିଶୋଧନାଗାର, ପଡ଼ୋଶୀ ସାଇପ୍ରସ୍‌ରେ ଥିବା ବ୍ରିଟେନ୍‌ର ଏୟାର-ବେସ୍ ଏବଂ ପଡ଼ୋଶୀ ରାଷ୍ଟ୍ର ଅଜରବୈଜାନ୍ ଉପରେ ହୋଇଥିବା ଆକ୍ରମଣକୁ ନେଇ ତୁତୁମେମେ ଚାଲିଛି ।

ସୂଚନାନୁଯାୟୀ, ଦୁଇ ଦିନ ତଳେ ସାଉଦି ଆରବ ସରକାରଙ୍କ ଦ୍ୱାରା ପରିଚାଳିତ ତନୁରା ତୈଳ ବିଶୋଧନାଗାର ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣ ଏତେ ସାଂଘାତିକ ଥିଲା ଯେ ବାଧ୍ୟ ହୋଇ ଏହି ପ୍ଲାଣ୍ଟ ପରିଚାଳନାକୁ ବନ୍ଦ କରାଯାଇଛି । ଏହାଦ୍ୱାରା ସାଉଦି ସରକାରଙ୍କୁ ଦୈନିକ କୋଟିକୋଟି ଟଙ୍କାର କ୍ଷତି ହେଉଛି । ତେବେ ଇରାନ୍ ଏହି ଆକ୍ରମଣ କରିଥିବା କୁହାଯାଉଥିବା ବେଳେ ଇରାନ୍ ସରକାର ଏହାକୁ ଖଣ୍ଡନ କରିଛନ୍ତି । ସେହିପରି ସାଇପ୍ରସ୍‌ରେ ଥିବା ବ୍ରିଟେନ୍ ରୟାଲ ଏୟାର ଫୋର୍ସର ଏୟାର ବେସ୍ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣ ମଧ୍ୟ ଇରାନ୍ କରିଥିଲା ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । କିନ୍ତୁ, ବ୍ରିଟେନ୍‌ର ପ୍ରତିରକ୍ଷା ମନ୍ତ୍ରାଳୟ ଏହାର ତଦନ୍ତ କରି ଜଣାଇଛି ଯେ ଏହି ଆକ୍ରମଣ ଇରାନ୍‌ରୁ ହୋଇନାହିଁ । ଆକ୍ରମଣରେ ବ୍ୟବହାର ହୋଇଥିବା ଡ୍ରୋନ୍ ଇରାନ୍‌ର ନାମକରା ଡ୍ରୋନ୍ 'ସାହେଦ' ଭଳି ଦେଖିବାକୁ । କିନ୍ତୁ ତାହା 'ସାହେଦ' ଡ୍ରୋନ୍ ନୁହେଁ ବୋଲି ବ୍ରିଟେନ୍‌ର ପ୍ରତିରକ୍ଷା ମନ୍ତ୍ରାଳୟ ସ୍ପଷ୍ଟ କରିଛି । ଅପରପକ୍ଷେ, ପଡ଼ୋଶୀ ରାଷ୍ଟ୍ର ଅଜରବୈଜାନ ଉପରେ ଆଜି ହୋଇଥିବା ଡ୍ରୋନ୍ ଆକ୍ରମଣରେ ମଧ୍ୟ ଇରାନ୍‌ର ହାତ ଥିବା କୁହାଯାଉଥିବା ବେଳେ ଇରାନ୍ ସରକାର ଏହାକୁ ଖଣ୍ଡନ କରିଛନ୍ତି । ଏପରି ସ୍ଥିତିରେ ଏହି ଆକ୍ରମଣ ପଛରେ ଇସ୍ରାଏଲର ହାତ ଥିବା ନେଇ ଏବେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଏପରି କରି ଇସ୍ରାଏଲ ଅନ୍ୟ ରାଷ୍ଟ୍ରମାନଙ୍କୁ ବିଶେଷକରି ଇରାନ୍‌ର ପଡ଼ୋଶୀ ରାଷ୍ଟ୍ରମାନଙ୍କୁ ଇରାନ୍ ବିପକ୍ଷରେ ଉସୁକାଇବାକୁ ଚେଷ୍ଟା କରୁଛି ଏବଂ ଇରାନ୍ ବିପକ୍ଷ ଯୁଦ୍ଧରେ ଅଧିକରୁ ଅଧିକ ରାଷ୍ଟ୍ରମାନଙ୍କୁ ସାମିଲ କରିବାକୁ ଚେଷ୍ଟା କରୁଥିବା କୁହାଯାଉଛି ।

## ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ଉଦ୍ୟମ

- ଆରବ, ଇସ୍ରାଏଲ, ଫ୍ରାନ୍ସ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା
- ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ କଥା ହେଲେ ଜୟଶଙ୍କର
- ଖାମନେଇଙ୍କ ମୃତ୍ୟୁ ନେଇ ଶୋକ ପ୍ରକାଶ କଲା ଭାରତ

ନୂଆଦିଲ୍ଲୀ, ୫ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ଭାରତ ଉଦ୍ୟମ ଆରମ୍ଭ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସଂପର୍କରେ ଇସ୍ରାଏଲ, ଫ୍ରାନ୍ସ ଏବଂ ଆରବ ଦେଶମାନଙ୍କ ସହିତ କଥାବାର୍ତ୍ତା କରୁଥିବା ବେଳେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହିତ ଆଲୋଚନା କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯେକୌଣସି ବିବାଦର ସମାଧାନ ପାଇଁ ଆଲୋଚନା ଓ କୂଟନୀତି ଭଳି ଦିଗ ଅତ୍ୟନ୍ତ ଆବଶ୍ୟକ । ଆମେରିକା- ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ରୁଷ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ କେବଳ ସାମରିକ ଲଢ଼େଇ ଦ୍ୱାରା କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ । ୟୁକ୍ରେନ ହେଉ କିମ୍ବା ମଧ୍ୟପ୍ରାଚ୍ୟ, ସଂଘର୍ଷରୁ ତୁରନ୍ତ ଅନ୍ତ ଓ ଶାନ୍ତି ପ୍ରତିଷ୍ଠା ପାଇଁ କରାଯାଉଥିବା ସମସ୍ତ ପ୍ରୟାସକୁ ଆମେ ସମର୍ଥନ ଜାରି ରଖିବୁ । ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଆଜି ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହିତ ମଧ୍ୟ ଫୋନରେ କଥା ହୋଇଛନ୍ତି । ଇତିମଧ୍ୟରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁରେ ଭାରତ ସରକାର ଆନୁଷ୍ଠାନିକ ଭାବେ ଶୋକ ପ୍ରକାଶ କରିଛନ୍ତି । ଭାରତର ବୈଦେଶିକ ସଚିବ ବିକ୍ରମ ମିସ୍ରି ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସ ଯାଇ ଶୋକ ପୁସ୍ତିକାରେ ସ୍ୱାକ୍ଷର କରିଛନ୍ତି । ସେ ଇରାନ ରାଷ୍ଟ୍ରଦୂତଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ।

## ଭାରତୀୟ ବନ୍ଦରରୁ ଆମେରିକାର ଇରାନ ଆକ୍ରମଣ କଥା ମିଛ

ନୂଆଦିଲ୍ଲୀ, ୫ ।୩(ଏଜେନ୍ସି): ଆମେରିକା ନିଜର ନୌସେନା ଓ ବାୟୁସେନା ମାଧ୍ୟମରେ ଇରାନ ଉପରେ ଆକ୍ରମଣ ଜାରି ରଖିଥିବା ବେଳେ ଆମେରିକା ଭାରତୀୟ ବନ୍ଦରଗୁଡ଼ିକୁ ବ୍ୟବହାର କରୁଛି ବୋଲି ପ୍ରକାଶିତ ଏକ ରିପୋର୍ଟକୁ ଭାରତ ଖଣ୍ଡନ କରିଛି । ଆମେରିକା ପୂର୍ବତନ ସେନା କର୍ଣ୍ଣେଲ ଡଗଲାସ ମ୍ୟାକ୍‌ଗ୍ରେଗର ଦାବି କରିଥିଲେ ଯେ ଆମେରିକା ଇରାନ ବିରୁଦ୍ଧରେ ଯୁଦ୍ଧ ପାଇଁ ଭାରତୀୟ ନୌସେନା ଘାଟି ଓ ବନ୍ଦରଗୁଡ଼ିକୁ ବ୍ୟବହାର କରୁଛି । ତେବେ ଭାରତ ଏହି ଦାବିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛି । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛି । ସାମାଜିକ ଗଣମାଧ୍ୟମ ଏକ୍ସରେ ମାଧ୍ୟମରେ ମନ୍ତ୍ରଣାଳୟ ଲୋକଙ୍କୁ ଏଭଳି ଗୁଜବରୁ ଦୂରେଇ ରହିବାକୁ ସତର୍କ କରାଇଛି । ଏହି ରିପୋର୍ଟରେ ମ୍ୟାକଗ୍ରେଗର କହିଥିଲେ ଯେ, ଆମର ସମସ୍ତ ବେସ୍ ଓ ବନ୍ଦର ସ୍ଥାପନାଗୁଡ଼ିକ ନଷ୍ଟ ହୋଇଯାଇଛି । ଫଳରେ ଆମକୁ ବାଧ୍ୟ ହୋଇ ଭାରତ ଓ ଭାରତୀୟ ବନ୍ଦର ଉପରେ ନିର୍ଭର କରିବାକୁ ପଡୁଛି । ଭାରତ ଏହି ଦାବିକୁ ନକଲି ଓ ମିଥ୍ୟା ବୋଲି କହିଛି ।

# ଭାରତ ମହାସାଗରରେ ପହଞ୍ଚିଲା ଯୁଦ୍ଧ




- ଇରାନ ଯୁଦ୍ଧ ଜାହାଜ ଉପରେ ଆମେରିକାର ଆକ୍ରମଣ
- ଭାରତ ପାଇଁ ମଧ୍ୟ ଚିନ୍ତାର ବିଷୟ: ଶ୍ରୀଲଙ୍କା ସାଂସଦ
- ଇରାନର ଚେତାବନୀ; ଅନୁତାପ କରିବ ଆମେରିକା

କଲମ୍ବୋ/ନୂଆଦିଲ୍ଲୀ/ତେହେରାନ, ୫ ।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଭାରତୀୟ ମହାସାଗରରେ ପହଞ୍ଚିଛି । ଯୁଦ୍ଧ ଦୃଷ୍ଟିରୁ ସବୁଠାରୁ ସୁରକ୍ଷିତ ମନେ କରାଯାଉଥିବା ଭାରତୀୟ ମହାସାଗରରେ ଇରାନୀ ଜାହାଜ ଉପରେ ଆମେରିକାର ଆକ୍ରମଣ ଏହି ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି । ଏହା ସମଗ୍ର ଭାରତ ମହାସାଗର ଅଞ୍ଚଳରେ ଚିନ୍ତା ବଢ଼ାଇଛି । ଏହି ଘଟଣାକୁ ନେଇ ଶ୍ରୀଲଙ୍କା ସାଂସଦ ନମାଲ ରାଜପକ୍ଷେ କହିଛନ୍ତି ଯେ ଏହା ଶ୍ରୀଲଙ୍କା ସମେତ ଭାରତ ଓ ସମଗ୍ର ଦକ୍ଷିଣ ଏସିଆ ପାଇଁ ଗମ୍ଭୀର ଚିନ୍ତାର ବିଷୟ । ସେ କହିଛନ୍ତି ଯେ, ବହୁ ଦୂରରେ ଯୁଦ୍ଧ ହେଉଥିଲେ ମଧ୍ୟ ତାହାର ପ୍ରଭାବ ଭାରତ ମହାସାଗରରେ ଦେଖାଯାଉଛି । ଶ୍ରୀଲଙ୍କା ସରକାର ଏହାକୁ ସ୍ପଷ୍ଟ କରିବା ଆବଶ୍ୟକ ଯେ ଆମେରିକାର ଏହି ଅଭିଯାନ ସମ୍ପର୍କରେ ସେମାନେ ପୂର୍ବରୁ ଜାଣିଥିଲେ କି ନାହିଁ । ଯଦି ସରକାର ଏହି ଆକ୍ରମଣ ସମ୍ପର୍କରେ ପୂର୍ବରୁ ଜାଣିଥିଲେ, ତେବେ ଏ ନେଇ ଲୋକମାନଙ୍କୁ କାହିଁକି ଅବଗତ କରାଇ ନ ଥିଲେ । ଯଦି ସରକାର ଏହା ଜାଣି ନ ଥିଲେ, ତେବେ ଭାରତ ମହାସାଗରରେ ଏତେ ବଡ଼ ସାମରିକ ଅଭିଯାନ ହେଲା କିପରି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଏ ବିଷୟରେ ଭାରତ ସମେତ ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ ସହିତ ସମସ୍ତ ଆଞ୍ଚଳିକ ଦେଶଗୁଡ଼ିକ ସାଥି ହୋଇ ଆଲୋଚନା କରିବା ଦରକାର । ଏପର୍ଯ୍ୟନ୍ତ ଚାଲିଥିବା ଏହି ଯୁଦ୍ଧରେ ୨୦ରୁ ଅଧିକ ନୌସେନା ଯୁଦ୍ଧ ଜାହଜକୁ ଧ୍ୱଂସ କରାଯାଇଛି ।

ଶ୍ରୀଲଙ୍କା ଉପକୂଳରେ ଇରାନର ଆଇଆରଆଇଏସ୍ ଡେନା ଉପରେ ଆକ୍ରମଣ ପାଇଁ ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବ୍ବାସ ଆରାଗଚି ଆମେରିକାକୁ ଚେତାବନୀ ଦେଇଛନ୍ତି । ସମୁଦ୍ରରେ ଏହି ଆକ୍ରମଣକୁ ଏକ ନିର୍ମମ କାଣ୍ଡ ବୋଲି ସେ ଅଭିହିତ କରିଛନ୍ତି । ଏଥିପାଇଁ ଆମେରିକାକୁ ଅନୁଶୋଚନା କରିବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ଭାରତରେ ଅନୁଷ୍ଠିତ ମିଳିତ ନୌସେନା ଅଭ୍ୟାସ ସାରି ଫେରୁଥିବା ବେଳେ ଏହି ଜାହାଜ ଉପରେ ବିନା ସୂଚନା ବା ସତର୍କତାରେ ଆକ୍ରମଣ କରାଯାଇଥିବାରୁ ଆମେରିକାକୁ ଏଥିପାଇଁ କଠୋର ଅନୁତାପ କରିବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି ।

ଆଇଆରଆଇଏସ୍ ଡେନା ଫେବୃଆରୀ ୧୮ରୁ ୨୫ ବଙ୍ଗୋପସାଗରରେ ଅନୁଷ୍ଠିତ 'ମିଲାନ ଇଣ୍ଟରନ୍ୟାସନାଲ ଫ୍ଲିଟ୍ ରିଭ୍ୟୁ'ରେ ଅଂଶଗ୍ରହଣ କରିଥିଲା । ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଫେରିବା ସମୟରେ ଅନ୍ତର୍ଜାତୀୟ ଜଳସୀମାରେ ହିଁ ଏହାକୁ ଟାର୍ଗେଟ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ ଭାରତରେ ଆୟୋଜିତ ନୌସେନା ଅଭ୍ୟାସରେ ଯୋଗ ଦେଇ ଫେରୁଥିବା ଇରାନର ଯୁଦ୍ଧ ଜାହଜ 'ଆଇଆରଆଇଏସ୍ ଡେନା'କୁ ଆମେରିକା କ୍ଷେପଣାସ୍ତ୍ର ମାଡ଼ କରି ବୁଡ଼ାଇ ଦେଇଛି । ଶ୍ରୀଲଙ୍କା ଉପକୂଳରେ ଘଟିଥିବା ଏହି ଆକ୍ରମଣରେ ଅତିକମ୍‌ରେ ୮୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୨ଜଣ ଆହତ ହୋଇଛନ୍ତି ଏବଂ ଅନେକ ନିଖୋଜ ଅଛନ୍ତି । ଏଥିରେ ୧୮୦ରୁ ଅଧିକ ନାବିକ କର୍ମଚାରୀ ଥିଲେ ବୋଲି କୁହାଯାଉଛି ।

ଭାରତ ଏନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ । ତେବେ ଆକ୍ରମଣ ପରେ ବୁଡ଼ିଯାଉଥିବା ଇରାନୀ ଜାହାଜରୁ ନାବିକମାନଙ୍କୁ ଉଦ୍ଧାର କରିବା ଲାଗି ଭାରତୀୟ ଜାହାଜ ନିୟୋଜିତ ହୋଇଥିଲେ ବୋଲି ଭାରତ ପକ୍ଷରୁ କୁହାଯାଇଛି ।

# ବିଜୁବାବୁ ଥିଲେ ଓଡ଼ିଆ ଭାବନାର ପ୍ରତୀକ: ନବୀନ



- ଓଡ଼ିଶାର ଗୌରବମୟ ଅତୀତ ଓ ସମୃଦ୍ଧ ଭବିଷ୍ୟତ ମଧ୍ୟରେ ବିଜୁ ପଟ୍ଟନାୟକ ଥିଲେ ଏକ ସୁବର୍ଣ୍ଣ ସେତୁ
- ଓଡ଼ିଆ ସ୍ୱାଭିମାନ ଥିଲା ତାଙ୍କର ସବୁଠାରୁ ବଡ଼ ଶକ୍ତି
- ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବେ ବିପଦରେ

ଭୁବନେଶ୍ୱର,୫।୩(ସମିସ): ବିଜୁ ବାବୁ ଓଡ଼ିଶାର ଗୌରବମୟ ଅତୀତ ଓ ସମୃଦ୍ଧ ଭବିଷ୍ୟତ ମଧ୍ୟରେ ଏକ ସୁବର୍ଣ୍ଣ ସେତୁ ଥିଲେ। ସେ କେବଳ ଆମ ଅତୀତ ଗୌରବକୁ ନେଇ ଗର୍ବ କରୁ ନ ଥିଲେ, ବରଂ ଆମର ଉତ୍ତର ପିଢ଼ି ପାଇଁ ଏକ ସମୃଦ୍ଧ ଭବିଷ୍ୟତର ଯୋଜନା ମଧ୍ୟ କରିଥିଲେ। ବିଜୁ ବାବୁ କେବଳ ଜଣେ ରାଜନେତା ନଥିଲେ, ସେ ଓଡ଼ିଆ ଭାବନାର ପ୍ରତୀକ ଥିଲେ ବୋଲି କହିଛନ୍ତି ବିଜେଡି ସଭାପତି, ବିରୋଧୀ ଦଳ ନେତା ତଥା ବିଜୁ ବାବୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ। ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ଶ୍ରୀ ପଟ୍ଟନାୟକ ଶ୍ରଦ୍ଧା ସୁମାନ ଅର୍ପଣ କରିବା ସହ ଓଡ଼ିଆ ସ୍ୱାଭିମାନ ତାଙ୍କର ସବୁଠାରୁ ବଡ଼ ଶକ୍ତି ଥିଲା ବୋଲି ସେ ଅଭିହିତ କରିଛନ୍ତି।

ଶଙ୍ଖ ଭବନରେ ଆୟୋଜିତ ବିଜୁ ବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ନବୀନ କହିଛନ୍ତି ଯେ ଯେ ଆଜି ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ। ଏହି ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଓଡ଼ିଶାର ବିକାଶରୁ ଆରମ୍ଭ କରି ମହିଳା ସଶକ୍ତିକରଣ ଓ ପଞ୍ଚାୟତିରାଜ ବ୍ୟବସ୍ଥା ପର୍ଯ୍ୟନ୍ତ ତାଙ୍କର ଅବଦାନକୁ କେହି ମଧ୍ୟ ଭୁଲି ପାରିବେ ନାହିଁ। ଲୋକଙ୍କ ଶକ୍ତିକୁ ସମ୍ମାନ ଦେଉଥିବା ନେତା ହିଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ମଜବୁତ କରିପାରିବ। ପଞ୍ଚାୟତିରାଜ ବ୍ୟବସ୍ଥା ଦୁର୍ବଳ ହେଲେ ଲୋକଙ୍କ ଭରସା ମଧ୍ୟ ନଷ୍ଟ ହୋଇଯାଏ। ତେବେ ଏବେ ଓଡିଶାରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗୁରୁତର ସଙ୍କଟରେ ଅଛନ୍ତି, ଯାହା ଗଭୀର ଚିନ୍ତାର ବିଷୟ। ବିଜୁ ବାବୁଙ୍କ ଆଦର୍ଶରେ ବିଜେଡି ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଜନସଚେତନତା ସୃଷ୍ଟି କରିବ। ତାହା ହିଁ ବିଜୁ ବାବୁଙ୍କ ପ୍ରତି ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ହେବ ବୋଲି ନବୀନ କହିଛନ୍ତି।

**ପ୍ରଧାନମନ୍ତ୍ରୀ ଜଣାଇଲେ ଶ୍ରଦ୍ଧାଞ୍ଜଳି**

ଜୟନ୍ତୀ ଅବସରରେ ବିଜୁବାବୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଓଡ଼ିଶାର ଉନ୍ନତିକୁ ଆଗକୁ ନେବାରେ ବିଜୁବାବୁଙ୍କ ଗଭୀର ଉତ୍ସାହ ଓ ସମର୍ପଣକୁ ସ୍ମରଣ କରିଛନ୍ତି।

# ଦିଲ୍ଲୀ ଏମ୍ସ ସ୍ଥାନାନ୍ତର ହେଲେ ସୁରେଶ ପୂଜାରୀ



ଭୁବନେଶ୍ୱର, ୫।୩ (ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅକସ୍ମାତ ଅସୁସ୍ଥ ହୋଇ ପଡ଼ିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିବା ବେଳେ ଆଜି ତାଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ୨୦୨୩ ମସିହାର ସୁରେଶ ପୂଜାରୀ ଛାତିରେ ଯନ୍ତ୍ରଣା ଅନୁଭବ କରି ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହୋଇଥିଲେ। ସେଠାରେ ତାଙ୍କର ବ୍ଲକେଜରେ ଷ୍ଟେଣ୍ଟ୍ ଲଗା ଯାଇଥିଲା। ଶ୍ରୀ ପୂଜାରୀ ଗତ ମଙ୍ଗଳବାର ସନ୍ଧ୍ୟାରେ ବାସଭବନରେ ଥିବାବେଳେ ଛାତିରେ ତୀବ୍ର ଯନ୍ତ୍ରଣା ହେବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ଆଞ୍ଜିଓଗ୍ରାମ୍ କରାଯାଇଥିଲା। ସେ କରୋନାରି ଆର୍ଟେରି ରୋଗ (ସିଏଡି) ଓ ଟ୍ରିପଲ୍ ଭେସେଲ୍ ରୋଗ (ଟିଭିଡି)ରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଫଳରେ ତାଙ୍କର ହୃଦପିଣ୍ଡର ଧମନୀ ପ୍ରଭାବିତ ହୋଇଥିଲା। ଭୁବନେଶ୍ୱର ଏମ୍ସର ଚିକିତ୍ସା ଦଳ କାର୍ଡିଓଥୋରାସିକ୍ ଓ ଭାସ୍କୁଲାର୍ ସର୍ଜରୀ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ ମାଧ୍ୟମରେ ତାଙ୍କ ଅବସ୍ଥାକୁ ସ୍ଥିର କରିବାରେ ସଫଳ ହୋଇଥିଲେ। କିନ୍ତୁ ଉଚ୍ଚତର ଚିକିତ୍ସା ପାଇଁ ଗୁରୁବାର ସକାଳ ୯ଟା ରେ ତାଙ୍କୁ ବିମାନ ଯୋଗେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରିବାକୁ ଯୋଜନା କରାଯାଇଥିଲା। ଏବେ ଦିଲ୍ଲୀ ଏମ୍ସର ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ତାଙ୍କର ଭାଇଟାଲ୍ ସାଇନ୍ସ ସ୍ଥିର ରହିଥିବା ବେଳେ ଧମନୀ ଧମନୀ ଅବରୋଧକୁ ସମାଧାନ କରିବା ପାଇଁ ପଦକ୍ଷେପ ନିଆଯିବ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

# ଶିଶୁ ସମେତ ୪ ମୃତ

ଫୁଲବାଣୀ, ୫।୩ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ବର୍ଷର ଏକ ଶିଶୁ ସମେତ ୪ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ଫିରିଙ୍ଗିଆ ଥାନା ପାଙ୍ଗା ପଞ୍ଚାୟତ ପଟିଲିପିଡିଆ ଗ୍ରାମର ବାବୁଲା କହଁର(୩୮), ବାମନ କହଁର(୩୫), କାର୍ତ୍ତିକ କହଁର(୩) ଓ ସଲାଗୁଡ଼ା ପଞ୍ଚାୟତ ଟକେରୀଗୁଡ଼ା ଗ୍ରାମର ଟିଲୁ ଦିଗାଲ (୩୦)। ବନିତା କହଁର ଗୁରୁତର ହୋଇଛନ୍ତି।

ସୂଚନାନୁସାରେ, ବାବୁଲା, ବାମନ, ବନିତା ଓ କାର୍ତ୍ତିକ ଏକ ବାଇକ୍‌ରେ ଗୋଛାପଡ଼ା ଅଞ୍ଚଳରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଅପରାହ୍ଣ ପ୍ରାୟ ୩ଟା ବେଳେ ବନ୍ଧୁଲି ଛକ ନିକଟରେ ଅନ୍ୟ ଏକ ବାଇକ୍‌ରେ ବାଲନ୍ଦାପଡା ଆଡ଼କୁ ଯାଉଥିବା ଟିଲୁ ଦିଗାଲଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସମସ୍ତେ ଗୁରୁତର ହୋଇଥିଲେ। ସ୍ଥାନୀୟ ବିଜେପି ନେତା ବାବୁଲା କହଁର ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ବାବୁଲା, ବାମନ, କାର୍ତ୍ତିକ ଓ ଟିଲୁଙ୍କୁ ମୃତ ଘୋଷଣା କରିଥିଲେ। ବନିତା ଏବେ ଏଠାରେ ଚିକିତ୍ସାଧୀନ ଅଛନ୍ତି। ଗୋଛାପଡ଼ା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ ପାଳିତ

# ବିଜୁ ବାବୁ ଜଣେ ବ୍ୟକ୍ତି ନୁହନ୍ତି; ଏକ ବିଚାରଧାରା: ମୁଖ୍ୟମନ୍ତ୍ରୀ




- ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରେରଣାର ଉତ୍ସ
- ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ସହ ସମୃଦ୍ଧ ଓଡ଼ିଶା ଗଠନ ହେବ
- ସାହସ, ଦୂରଦୃଷ୍ଟି ଓ ଦେଶପ୍ରେମ ବିଜୁଙ୍କ ପ୍ରମୁଖ ପରିଚୟ

ଭୁବନେଶ୍ୱର,୫।୩(ସମିସ): ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଓଡ଼ିଶାର ବିକାଶ ପାଇଁ ବ୍ରତୀ ଥିଲେ। ବିଜୁ ବାବୁ ଯେଉଁ କ୍ଷେତ୍ରରେ ହାତ ରଖୁଥିଲେ, ତାହା ସୁନା ପାଲଟି ଯାଉଥିଲା। ଅତୀତର ନାୟକ ନୁହେଁ, ବରଂ ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଜୟଦେବ ଭବନଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜୁ ପଟ୍ଟନାୟକ କେବଳ ଜଣେ ବ୍ୟକ୍ତି ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ ଓ ଏକ ବିଚାରଧାରା। ସାହସ, ଦୂରଦୃଷ୍ଟି ଓ ଦେଶପ୍ରେମ ତାଙ୍କ ଜୀବନର ପ୍ରମୁଖ ପରିଚୟ ଥିଲା। ଓଡ଼ିଶା ପାଇଁ ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଥିଲା। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା, ଗରିବ ଲୋକଙ୍କୁ ରୋଜଗାର ଦେବା ଓ ମୌଳିକ ସୁବିଧା ସୁଯୋଗ ଦେବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଗାଁ'ର ସମୃଦ୍ଧି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ ପାଇଁ ବିଜୁ ବାବୁ ସ୍ୱପ୍ନ ଦେଖିଥିଲେ। ଏ ସମସ୍ତ ସ୍ୱପ୍ନର ସାମୂହିକ ରୂପ ହେଉଛି ସମୃଦ୍ଧ ଓଡ଼ିଶା। ସମୃଦ୍ଧ ଓଡ଼ଶା ଗଠନ ହେଲେ ହିଁ, ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହୋଇପାରିବ। ତେଣୁ ସମୃଦ୍ଧ ଓଡ଼ିଶା ଗଠନ କରି ବିଜୁ ବାବୁଙ୍କ ସ୍ୱପ୍ନକୁ ଆମ ସରକାର ନିଶ୍ଚୟ ପୂରଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ସ୍ୱାଧୀନତା ସଂଗ୍ରାମରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ ଥିଲା। ରୟାଲ ଏୟାର ଫୋର୍ସର ପାଇଲଟ୍ ଭାବେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସାହସିକ ଭୂମିକା ଗ୍ରହଣ କରିଥିଲେ। ଅଗଷ୍ଟ କ୍ରାନ୍ତି ସମୟରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସ୍ୱାଧୀନତା ପରେ ୧୯୪୭ ମସିହାରେ କାଶ୍ମୀର ସଙ୍କଟ ସମୟରେ ଶ୍ରୀନଗରରେ ସେନା ଅବତରଣ କରାଇ ଭାରତର ସୁରକ୍ଷାରେ ମଧ୍ୟ ସେ ଅମୂଲ୍ୟ ଅବଦାନ ରଖିଥିଲେ। ପରିଶେଷରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ସମୃଦ୍ଧି ଓ ଓଡ଼ିଆ ଜାତିର ଗୌରବକୁ ଆହୁରି ଉଚ୍ଚତାକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂହ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କୋର୍ଟ ଆଗରେ ଜଘନ୍ୟ କାଣ୍ଡ

# କୋର୍ଟ ସାମ୍ନାରେ ଯୁବକଙ୍କୁ ହାଣି ହତ୍ୟା

ଭଞ୍ଜନଗର, ୫।୩ (ସମିସ): ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ସାମ୍ନାରେ ବିଟ୍ ରାସ୍ତାରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଫାର୍ସାରେ ହାଣି ହତ୍ୟା। ଭଞ୍ଜନଗରରେ ଆଜି ଦିନ ଦି' ପହରେ ଘଟିଥିବା ଏଭଳି ଏକ ଘଟଣା ସାଧାରଣରେ ଆତଙ୍କ ଖେଳାଇ ଦେଇଛି। ମୃତକ ହେଲେ, ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲି ଗ୍ରାମର ରାମନାଥ ସ୍ୱାଇଁଙ୍କ ପୁଅ ଅଶୋକ କୁମାର ସ୍ୱାଇଁ (୪୫)। ପୁଲିସ ଅଶୋକଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ନମ୍ବର ୧୮୫/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଏହାସହ ଅଭିଯୁକ୍ତ ଡିହପଡ଼ାଳ ଗ୍ରାମର ଦିଲ୍ଲୀପ ଜେନା(୪୫)କୁ ହେପାଜତକୁ ନେଇ ପଚରାଉଚରା କରୁଛି। ତେବେ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି, ସେ ନେଇ ପୁଲିସ୍ ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।



ଅଶୋକ ଏକ ମାମଲାରେ ହାଜର ହେବାକୁ କୋର୍ଟକୁ ଆସୁଥିବା ବେଳେ ଦିଲ୍ଲୀପ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସେ ଦୌଡ଼ି ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ଦିଲ୍ଲୀପ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଚୋଟ ପରେ ଚୋଟ ପକାଇଥିଲା। ଏଥିରେ ଅଶୋକଙ୍କ ଶରୀରର ଦେହ, ମୁଣ୍ଡରେ ୨୦ରୁ ଊର୍ଦ୍ଧ୍ୱ ଚୋଟ ବାଜିଥିଲା। ରକ୍ତ ଜୁଡୁବୁଡୁ ଅଶୋକଙ୍କୁ ପାଖରେ ଥିବା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦିଲ୍ଲୀପକୁ କୋର୍ଟ ପରିସରରେ ଥିବା ପୁଲିସ କାବୁ କରି ଥାନାକୁ ନେଇଥିଲେ।

ହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଦିଲ୍ଲୀପ ପୂର୍ବରୁ ଅଶୋକ ନାମରେ ଟଙ୍କାପଇସା ଦେଣନେଣ ମାମଲା ସହ ଅନେକ ସଂଗିନ ଅଭିଯୋଗ କରିଥିଲେ। ପୁଲିସ ଅଶୋକକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଶୋକ ଜାମିନରେ ଆସିଥିବା ବେଳେ ଗୁରୁବାର କୋର୍ଟରେ ହାଜର ହେବାକୁ ଆସିଥିବା ବେଳେ ଦିଲ୍ଲୀପଙ୍କ ଆକ୍ରମଣର ଶିକାର ହୋଇଥିଲେ।

## ଅସହ୍ୟ ହେଲା ପତ୍ନୀ ବିୟୋଗ ଦୁଃଖ

# ଗଛରୁ ଡେଇଁ ଜୀବନ ହାରିଲେ ସ୍ୱାମୀ



ଜେନାପୁର, ୫।୩ (ସମିସ): ଅସହ୍ୟ ହେଲା ପତ୍ନୀଙ୍କ ବିୟୋଗ ଦୁଃଖ। ମାନସିକ ଭାରସାମ୍ୟ ହରାଇ ଗଛରୁ ଡେଇଁ ଜୀବନ ହାରିଲେ ସ୍ୱାମୀ। ଯାଜପୁର ଜିଲ୍ଲା ମଧୁପୁରଗଡ଼ ଅଞ୍ଚଳରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଧୀନ ମଧୁପୁରଗଡ଼ ତଳସାହିର ରୂପେଶ ଗୋଛାୟତ(୩୦)। ପୁଲିସ୍ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ପ୍ରାୟ ମାସକ ତଳେ ରୂପେଶଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ପତ୍ନୀଙ୍କ ଅକାଳ ବିୟୋଗରେ ରୂପେଶ ପୂରା ଭାଙ୍ଗି ପଡ଼ିଥିଲେ। ସେହିଦିନଠାରୁ କାହା ସହ ଠିକ୍‌ରେ କଥାବାର୍ତ୍ତା ହେଉନଥିଲେ କି ଠିକ୍‌ରେ ଖିଆପିଆ ବି କରୁନଥିଲେ। ସବୁବେଳେ ଚିନ୍ତାଗ୍ରସ୍ତ ରହୁଥିଲେ। ତେବେ ସୋମବାର ସନ୍ଧ୍ୟାରେ ଘର ପାଖ ଏକ ନିମ୍ବ ଗଛ ଉପରେ ଚଢ଼ି ବିଭିନ୍ନ ପ୍ରକାରର ପ୍ରଳାପ କରିବା ସହ ଆତ୍ମହତ୍ୟା ଉଦ୍ୟମ ଥିଲେ। ଗ୍ରାମବାସୀ, ସ୍ଥାନୀୟ ପ୍ରଶାସନ ଓ ଅଗ୍ନିଶମ ବାହିନୀର କର୍ମଚାରୀ ଯେତେ ବୁଝାସୁଝା କରିଥିଲେ ମଧ୍ୟ ସେ କାହାରି କଥା ଶୁଣିନଥିଲେ। ଶେଷରେ ପ୍ରାୟ ୫୦ ଫୁଟ୍ ଉଚ୍ଚ ଗଛରୁ ଏକ ଆଜବେଷ୍ଟସ୍ ଘର ଉପରକୁ ଡେଇଁ ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମବାହିନୀ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ, ଆଜି ସକାଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

## ଶିକ୍ଷକ ବେଶରେ ସଇତାନ

# ବିଜ୍ଞାନମେଳାରୁ ଫେରିବା ବାଟରେ ଛାତ୍ରୀଙ୍କୁ ଦୁଷ୍କର୍ମ

ଫୁଲବାଣୀ, ୫।୩ (ସମିସ): ଗୁରୁ-ଶିଷ୍ୟର ପବିତ୍ର ସଂପର୍କରେ ଦାଗ। ବିଜ୍ଞାନ ମେଳାରୁ ଫେରିବା ବାଟରେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ। ଖାଲି ସେତିକି ନୁହେଁ, ପରେ ଜୀବନରୁ ମାରିଦେବାର ଧମକ ଦେଇ ସ୍କୁଲ ହଷ୍ଟେଲରେ ବାରମ୍ବାର ଦୁଷ୍କର୍ମ। କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ୍ ଗୋଛାପଡ଼ା ଥାନା ଅନ୍ତର୍ଗତ କଟ୍ରିଙ୍ଗିଆ ଅଞ୍ଚଳରେ ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏହି ଘଟଣା ପଦାକୁ ଆସିବା ପରେ ଏବେ ସମଗ୍ର ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଗୋଛାପଡ଼ା ଥାନା ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ଗତ ନଭେମ୍ବର ୨୧ତାରିଖରେ ଫୁଲବାଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା। ଏହି ମେଳାରେ ଯୋଗ ଦେବାକୁ ଅଭିଯୁକ୍ତ ଶିକ୍ଷକଜଣଙ୍କ ଛାତ୍ରୀଙ୍କୁ ସାଙ୍ଗରେ ନେଇ ଆସିଥିଲେ। କାର୍ଯ୍ୟକ୍ରମ ସାରି ଫେରିବା ସମୟରେ ବିଳମ୍ବ ହୋଇଥିଲା। ଅନ୍ଧାରର ସୁଯୋଗ ନେଇ ଶିକ୍ଷକଜଣଙ୍କ ନିଛାଟିଆ ସ୍ଥାନରେ ଗାଡ଼ି ଅଟକାଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା। ନାବାଳିକାଜଣକ ସେଠାରେ ଅଚେତ ହୋଇପଡ଼ିଥିଲେ। ପରେ, ଶିକ୍ଷକଜଣଙ୍କ ଛାତ୍ରୀଙ୍କୁ ଧମକଚମକ ଦେଇଥିଲେ। ଏ ସଂପର୍କରେ ମୁହଁ ଖୋଲିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଭୟରେ ଛାତ୍ରୀଜଣଙ୍କ କାହାକୁ କିଛି କହିପାରିନଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଶିକ୍ଷକଜଣଙ୍କ ହଷ୍ଟେଲ ପରିସରରେ ମଧ୍ୟ ପଶିଥିଲେ। ଅଭିଯୋଗ ଅନୁଯାୟୀ, ଗତ ୧୮ ତାରିଖ ମଧ୍ୟରେ ସେ ପ୍ରାୟ ୬ଥର ଛାତ୍ରୀଙ୍କୁ ଶାରୀରିକ ଶୋଷଣ କରିଥିଲେ। ବିଦ୍ୟାଳୟ ପରିସର, ଯେଉଁଠି ପିଲାମାନେ ନିଜକୁ ସବୁଠାରୁ ସୁରକ୍ଷିତ ମଣନ୍ତି, ସେହିଠାରେ ଜଣେ ଶିକ୍ଷକଙ୍କ ଏଭଳି ପାଶବିକ ପ୍ରବୃତ୍ତି ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ ବିଷୟ ହେଉଛି, ପୀଡ଼ିତାଙ୍କ ସାଙ୍ଗମାନେ ଏହି ଘଟଣା ବିଷୟରେ କିଛିଟା ସୁରାକ୍ ପାଇଥିଲେ। ସେମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ। କିନ୍ତୁ, କୌଣସି ଅଜ୍ଞାତ କାରଣରୁ ପ୍ରଧାନଶିକ୍ଷକ ଏହାକୁ ଗୁରୁତ୍ୱ ନ ଦେଇ ଚପାଇବାକୁ ଚେଷ୍ଟା କରିଥିଲେ। ଯଦି ପ୍ରଥମ ସମୟରେ ପଦକ୍ଷେପ ନିଆଯାଇଥାନ୍ତା, ତେବେ ହୁଏତ ବାରମ୍ବାର ଶାରୀରିକ ଅତ୍ୟାଚାରରୁ ନାବାଳିକାଜଣଙ୍କ ରକ୍ଷା ପାଇଯାଇଥାନ୍ତେ। ଅତ୍ୟାଚାର ସହି ନପାରି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଭାବେ ବିଗିଡିବାରେ ଲାଗିଥିଲା। ଏହା ଦେଖି ବିଦ୍ୟାଳୟର ଅନ୍ୟ ଜଣେ ଶିକ୍ଷକ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ବିଦ୍ୟାଳୟରେ ପହଞ୍ଚି ଝିଅଠାରୁ ସବୁ କଥା ଶୁଣିବା ପରେ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ଗୋଛାପଡ଼ା ଥାନାରେ ଏତଲା ଦିଆଯିବା ପରେ ପୁଲିସ ତୁରନ୍ତ ତତ୍ପରତା ପ୍ରକାଶ କରିଥିଲା। ଅଭିଯୁକ୍ତ ଶିକ୍ଷକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ମାମଲା। ପୋକ୍‌ସୋ ଆକ୍ଟ ଏବଂ ଅନ୍ୟାନ୍ୟ କଠୋର ଧାରାରେ ମାମଲା ରୁଜୁ କରାଯାଇଛି ବୋଲି ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ କହିଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଜଣେ ଗୁରୁଙ୍କ ଏଭଳି ନୀଚ କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା ପ୍ରଧାନଶିକ୍ଷକଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

**ଅଭିଯୁକ୍ତ ଶିକ୍ଷକ ଗିରଫ**

## ରାଜ୍ୟରେ ନୂଆ ରାଜନୈତିକ ସମୀକରଣ ନେଇ କଳ୍ପନାଜଳ୍ପନା

# କ'ଣ ହେବ ସମୟ କହିବ: ନବୀନ

ଭୁବନେଶ୍ୱର,୫।୩(ସମିସ): ଗୁରୁବାର ରାଜ୍ୟ ରାଜନୀତିରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରଥମ ଥର ପାଇଁ ରାଜ୍ୟ ରାଜନୀତିରେ କୌଣସି ଏକ ପ୍ରସଙ୍ଗକୁ ନେଇ ଏକାଠି ହୋଇଛନ୍ତି ବିଜେଡି, କଂଗ୍ରେସ ଓ ସିପିଏମ୍। ରାଜ୍ୟସଭା ଚତୁର୍ଥ ଆସନ ପାଇଁ ବିଜେଡି ଘୋଷିତ ମିଳିତ ପ୍ରାର୍ଥୀ ଡ଼ାକ୍ତର ଦତ୍ତେଶ୍ୱର ହୋତାଙ୍କୁ କଂଗ୍ରେସ ଓ ସିପିଏମ୍‌ର ସମର୍ଥନ ଆଗାମୀ ଦିନରେ ଓଡ଼ିଶା ରାଜନୀତିରେ ନୂଆ ରାଜନୈତିକ ସମୀକରଣକୁ ଇଙ୍ଗିତ ଦେଉଥିବା କଳ୍ପନାଜଳ୍ପନା ସୃଷ୍ଟି କରିଛି। ଏପରିକି ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଦିବସରେ ଏପରି ଏକ ଘଟଣା ଭବିଷ୍ୟତରେ ବିଜେପି ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅପରପକ୍ଷରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସ ଓ ସରକାରୀ ଛୁଟିକୁ ବନ୍ଦ କରିଥିବା ସତ୍ତ୍ୱେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଉତ୍ସବରେ ବିଜୁ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ବିଚାରଧାରା ବୋଲି ଅଭିହିତ କରିବା ଆଉ ଏକ ଦିଗକୁ ଇଙ୍ଗିତ କରିଛି। ଆଧୁନିକ ଓଡ଼ିଶାର ନିର୍ମାତା ଭାବରେ ବିଜୁବାବୁ ପ୍ରେରଣାର ଉତ୍ସ ବୋଲି ଉଲ୍ଲେଖ କରି ସରକାର ବିଜୁ ଲିଗାସୀକୁ ନିକଟତର କରିବା ପାଇଁ ଲକ୍ଷ୍ୟ ରଖିଥିବା ମଧ୍ୟ ଆଲୋଚନା ହେଉଛି।

ବିଜେଡି ଗଠନ ପରେ ୧୯୯୭ରୁ ୨୦୦୯ ଯାଏଁ ରାଜ୍ୟରେ ବିଜେଡି ବଡ଼ଭାଇ ଓ ବିଜେପି ସାନଭାଇ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା। ତତ୍କାଳୀନ ବାଜପେୟୀଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମଧ୍ୟ ସମ୍ଭାଳିଥିଲେ। ରାଜ୍ୟରେ ନବୀନଙ୍କ ନେତୃତ୍ୱାଧୀନ ସରକାରରେ ବିଜେପି କନିଷ୍ଠ ସହଯୋଗୀ ଭାବରେ ୨୦୦୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। କନ୍ଧମାଳ ଦଙ୍ଗା ପରେ ନବୀନ ବିଜେପି ହାତ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୯ ମସିହାରେ ସିପିଆଇ ଓ ସିପିଏମ ସହ ବିଜେଡି ନିର୍ବାଚନୀ ମେଣ୍ଟ କରିଥିଲେ ହେଁ ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୪ ମସିହା ପରଠାରୁ ଏକାକୀ ନିର୍ବାଚନ ଲଢ଼ି ଆସୁଛି। ୨୦୦୯ ପରଠାରୁ ବିଜେଡି ଉଭୟ ବିଜେପି ଓ କଂଗ୍ରେସ ସହ ସମଦୂରତା ବଜାୟ ରଖି ଆସିଛନ୍ତି। ଉଭୟ ଏନଡିଏ ତଥା ୟୁପିଏ ସରକାରଙ୍କୁ ନବୀନ କେନ୍ଦ୍ରରେ ରାଜ୍ୟର ସ୍ୱାର୍ଥ ଚରିତାର୍ଥ ପାଇଁ ସର୍ତ୍ତମୂଳକ ସମର୍ଥନ ପ୍ରଦାନ କରିଛନ୍ତି। ମାତ୍ର ପ୍ରଥମ ଥର ପାଇଁ ରାଜ୍ୟରେ ବିଜେଡି ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ସହ ମିଶି ମିଳିତ ପ୍ରାର୍ଥୀ ଦେବା ନୂଆ ଘଟଣା।

ପୂର୍ବରୁ ସିପିଏମ ସହ ବିଜେଡି ନିର୍ବାଚନୀ ମେଣ୍ଟ କରିଥିବାର ଦୃଷ୍ଟାନ୍ତ ରହିଛି, ମାତ୍ର କଂଗ୍ରେସ ସହ କୌଣସି ସମୟରେ ବିଜେଡି କୌଣସି ନିର୍ବାଚନୀ ବୁଝାମଣା କରିନାହିଁ। ଏବେ ବିଜେଡି ଘୋଷିତ ପ୍ରାର୍ଥୀଙ୍କୁ କଂଗ୍ରେସର ସମର୍ଥନ ଯେଉଁ ସମୀକରଣ ସୃଷ୍ଟି କରିଛି, ତାହା ଆଗାମୀ ଦିନରେ ରାଜ୍ୟରେ କି ପ୍ରକାର ପ୍ରଭାବ ପକାଇବ ତାହା ଏବେଠାରୁ ଆକଳନ କରିବା ରାଜନୈତିକ ସମୀକ୍ଷକଙ୍କ ପାଇଁ ସମ୍ଭବ ହୋଇନାହିଁ। ଏପରିକି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଏ ସମ୍ପର୍କରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି। ରାଜ୍ୟରେ ଏକ ଧର୍ମନିରପେକ୍ଷ ସମଭାବାପନ୍ନ ଦଳଙ୍କୁ ନେଇ ଏକ ମେଣ୍ଟ ଗଠନ ହେବାକୁ ଯାଉଛି କି ବୋଲି ସାମ୍ବାଦିକଙ୍କ ପ୍ରଶ୍ନକୁ ନବୀନ ଗ୍ରହଣ କରିନାହାନ୍ତି କିମ୍ବା ଏଡ଼ାଇ ଯାଇ ନାହାନ୍ତି। 'କଣ ହେବ ତାହା ଆଗକୁ ସମୟ ହିଁ କହିବ' ବୋଲି ତାଙ୍କର ସଂକ୍ଷିପ୍ତ ଉତ୍ତର ବିଭିନ୍ନ ଦିଗକୁ ଇଙ୍ଗିତ କରିଛି। ଅନ୍ୟପକ୍ଷରେ ରାଜନୈତିକ ସମୀକ୍ଷକମାନେ ନବୀନଙ୍କ ଏହି ସଂକ୍ଷିପ୍ତ ଟିପ୍ପଣୀକୁ ହାଲୁକା ଭାବରେ ଗ୍ରହଣ କରିପାରୁ ନାହାନ୍ତି। ନବୀନ କମ୍ କଥା କହନ୍ତି ଓ ତାଙ୍କ ଛୋଟ ଟିପ୍ପଣୀ ଅନେକ ଅର୍ଥକୁ ବହନ କରିଥାଏ। ଜାତୀୟ ରାଜନୀତିରେ ସମ୍ପ୍ରତି ସୃଷ୍ଟି ହୋଇଥିବା ଦ୍ରୁତ ପରିବର୍ତ୍ତନୀୟ ସ୍ଥିତି ଓ ରାଜ୍ୟର ଦୃଶ୍ୟପଟ ଏବେ ନିରନ୍ତର ବଦଳିବାରେ ଲାଗିଛି। ରାଜନୀତିରେ ଜଣେ ପୋଖତ୍ ଖେଳାଳି ତଥା ରଣନୀତିଜ୍ଞ ନବୀନ ସବୁ ପରିସ୍ଥିତିକୁ ଅତି ପାଖରୁ ବିଶ୍ଳେଷଣ କରୁଛନ୍ତି। ଅତଏବ ରାଜ୍ୟ ସ୍ୱାର୍ଥ ପାଇଁ ଯାହା ଆବଶ୍ୟକ ତାହା କରାଯିବ ବୋଲି ପ୍ରକାରାନ୍ତରେ ନବୀନ ଇଙ୍ଗିତ ଦେଇଥିବା ଅନେକ ମନେ କରୁଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ରାଜ୍ୟ ରାଜନୀତିରେ ଏହି ନୂଆ ସମୀକରଣ ଆରମ୍ଭ ହୋଇଥିବା ବେଳେ ବିଜେପି ଶୀର୍ଷ ନେତୃତ୍ୱଙ୍କ ପାଇଁ ଏହା ଚିନ୍ତାର କାରଣ ସାଜିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରଦାନ କରିଛନ୍ତି।

## ଛେଳି ଚୋରି ପାଇଁ କଙ୍ଗାରୁକୋର୍ଟ

# ଗ୍ରାମବାସୀଙ୍କ ମାଡ଼ରେ ନାବାଳକ ମୃତ

## ୧୨ ଗିରଫ, ଗିରଫଦାରୀ ଭୟରେ ଗାଁ ପୁରୁଷଶୂନ୍ୟ

ରାଇରଙ୍ଗପୁର, ୫।୩ (ସମିସ): ଛେଳି ଚୋର ଅଭିଯୋଗରେ ଜଣେ ନାବାଳକକୁ ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମାରି ହତ୍ୟା। ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍, ତିରିଂ ଥାନା ଅନ୍ତର୍ଗତ ହେରୋଗୋଡ଼ା ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତ ନାବାଳକଜଣଙ୍କ ହେଲା, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭୁଟକାବାଦି ଗ୍ରାମର ରାଜକୁମାର ବିନ୍ଧାଣୀଙ୍କ ପୁଅ ସମ୍ବିତ ବିନ୍ଧାଣୀ। ଏହି ଘଟଣାରେ ଅନ୍ୟ ଜଣେ ନାବାଳକ ମଧ୍ୟ ଗୁରୁତର ଆହତ ହୋଇଛି। ତିରିଂ ଥାନା ପୁଲିସ ମାମଲାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ନମ୍ବର ୩୧/୨୬ରେ ଏକ ମାମଲା ରୁଜୁ କରି ୧୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ପୁଲିସ କହିଛି। ଅପରପକ୍ଷେ, ଗିରଫଦାରୀ ଭୟରେ ଏବେ ପୂରା ଗାଁ ପୁରୁଷଶୂନ୍ୟ ହୋଇଯାଇଛି।

ସୂଚନାନୁଯାୟୀ, ମୃତ ସମ୍ବିତ ନିଜ ମାମୁ ଘର, ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଗ୍ରାମରେ ରହି ବାସିଙ୍ଗି ସରକାରୀ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲା। ସୋମବାର ଅପରାହ୍ଣରେ ସମ୍ବିତ ଓ ତା'ର ଜଣେ ସାଙ୍ଗ ନିକଟସ୍ଥ ହେରୋଗୋଡ଼ା ଗ୍ରାମକୁ ଏକ ବାଇକ୍‌ରେ ଯାଇଥିବା ବେଳେ ଗ୍ରାମବାସୀମାନେ ମିଳିତ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଛେଳି ଚୋର ସନ୍ଦେହରେ ଗ୍ରାମବାସୀମାନେ ଦୁହିଁଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହାସହ ସେମାନଙ୍କ ବାଇକ୍‌କୁ ଜାଳି ଦେଇଥିଲେ। ଖବର ପାଇ ପୁଲିସ ଦୁହିଁଙ୍କୁ ଉଦ୍ଧାର କରି ଝରାଡିହି ହସ୍ପିଟାଲରେ ଭର୍ତ୍ତି କରାଇଥିଲା।



କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ରାଇରଙ୍ଗପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ବିତର ମୃତ୍ୟୁ ହୋଇଯାଇଥିଲା। ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁରରୁ ବାରିପଦାସ୍ଥ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**ଅନ୍ୟ ଜଣେ ନାବାଳକ ଚିକିତ୍ସାଧୀନ**

ଅପରପକ୍ଷେ, ପୁଅକୁ ହତ୍ୟା କରାଯାଇଥିବା ନେଇ ସମ୍ବିତର ବାପା ତିରିଂ ଥାନାରେ ଅଭିଯୋଗ କରିବାରୁ ପୁଲିସ ନଂ ୩୧/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୨ଜଣ ଅଭିଯୁକ୍ତ ଗ୍ରାମବାସୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦାରୀ ସଂଖ୍ୟା ଆଗକୁ ଆହୁରି ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଗିରଫଦାରୀ ଭୟରେ ଗ୍ରାମବାସୀ ଫେରାର୍ ହୋଇଯାଇଥିବାରୁ ପୂରା ଗାଁ ପୁରୁଷଶୂନ୍ୟ ହୋଇଯାଇଛି।





## ନିଶା ପାଇଁ ସ୍ୱାମୀ ସାଜିଲା ସଇତାନ

# ମଦ ପାଇଁ ଟଙ୍କା ନଦେବାରୁ ପତ୍ନୀଙ୍କୁ ହତ୍ୟା

■ ପାଣି ଢାଳି ପ୍ରମାଣ ନଷ୍ଟ ଉଦ୍ୟମ
■ ଆଜବେଷ୍ଟସରେ ଲୁଚାଇଥିଲା ଛୁରି



ଭୁବନେଶ୍ୱର, ୫।୩ (ସମିସ): ପୁଣି ନିଶା ପାଇଁ ଗଡ଼ିଛି ମୁଣ୍ଡ। ହୋଲି ପୂର୍ବ ରାତିରେ ରକ୍ତ ରଞ୍ଜିତ ହୋଇଛି ଫୁଲେଶ୍ୱରୀ ବସ୍ତି। ମଦ ପିଇବାକୁ ଟଙ୍କା ନଦେବାରୁ ଛୁରି ଭୁଷି ପତ୍ନୀଙ୍କୁ ହତ୍ୟା କରିଛି ସ୍ୱାମୀ। ମୃତା ମହିଳା ହେଲେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବିଜିପୁରର ସାବିତ୍ରୀ ମଲ୍ଲିକ। ଏଭଳି କାଣ୍ଡ ଭିଆଇଥିବା ସ୍ୱାମୀ ତଥା ଭାପୁରର ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ତା' ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ ହୋଇଛି।

ପୁଲିସ ସୂଚନାନୁଯାୟୀ, ବିଜିପୁରର ସାବିତ୍ରୀ ଓ ଭାପୁରର ପୂର୍ଣ୍ଣଚନ୍ଦ୍ର ବିବାହ କରିବା ପରେ ଉଭୟ ଫୁଲେଶ୍ୱରୀ ବସ୍ତିର ପ୍ଲଟ୍ ନଂ-୩୧୬/୨୧୫୫ରେ ରହି ଆସୁଥିଲେ। ସାବିତ୍ରୀ ଏକାଧିକ ଘରେ ଘରୋଇ ସହାୟିକା ଭାବେ ଓ ମିରମ୍ ରେଷ୍ଟୁରାଣ୍ଟରେ ମଧ୍ୟ କାମ କରୁଥିଲେ। କିନ୍ତୁ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଟଙ୍କାଟିଏ ରୋଜଗାର କରୁନଥିବା ବେଳେ ଦୈନନ୍ଦିନ ଖର୍ଚ୍ଚ ପାଇଁ ପତ୍ନୀଙ୍କ ଉପରେ ନିର୍ଭର କରୁଥିଲା। ପୂର୍ଣ୍ଣଚନ୍ଦ୍ର ନିଶା ସେବନ କରିବାକୁ ସାବିତ୍ରୀଙ୍କ ଠାରୁ ଜୋରଜବରଦସ୍ତି ଟଙ୍କା ନେଇ ଯାଉଥିବାରୁ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା।

ଗତ ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ସାବିତ୍ରୀ କାମରୁ ଫେରି ଘରେ ଥିବାବେଳେ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲା। ହେଲେ ସେ ଟଙ୍କାଟିଏ ଦେବେ ନାହିଁ ବୋଲି କହିବାରୁ ପୂର୍ଣ୍ଣଚନ୍ଦ୍ର ରାଗି ଯାଇ ତାଙ୍କୁ ଧକ୍କା ପକାଇଥିଲା। ସାବିତ୍ରୀ ତଳେ ପଡ଼ିଯିବା ପରେ ପୂର୍ଣ୍ଣଚନ୍ଦ୍ର ପରିବା କଟା ଛୁରି ଆଣି ତାଙ୍କ ବାମ ପଟ ପେଟକୁ ଭୁଷି ଦେଇଥିଲା। ସାବିତ୍ରୀ ଯେତେ କାକୁତିମିନତି ହୋଇଥିଲେ ମଧ୍ୟ ପୂର୍ଣ୍ଣଚନ୍ଦ୍ର ବାରମ୍ବାର ଛୁରି ଭୁଷି ଚାଲିଥିଲା। ସାବିତ୍ରୀଙ୍କ ପାଟି ଶୁଣି ପଡ଼?ଶୀମାନେ ଧାଇଁ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ସେପଟେ ଘରର ଚଟାଣ ସାରା ରକ୍ତ ଛିଟିକା ପଡ଼ିଥିଲା। ପ୍ରମାଣ ନଷ୍ଟ କରିବାକୁ ଯାଇ ପୂର୍ଣଚନ୍ଦ୍ର ଘରକୁ ପାଣି ପକାଇବା ଧୋଇ ଦେଇଥିଲା। ରକ୍ତ ଲଗା ଛୁରିକୁ ଏକ ଜରି ମୁଣାରେ ପୁରାଇ ଭଙ୍ଗା ଆଜବେଷ୍ଟସ ତଳେ ଲୁଚାଇ ଦେଇଥିଲା। ଏହାପରେ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲା। ଲୋକମାନେ ତାକୁ ଘେରିଯାଇ କାବୁ କରିବା ସହ ପୁଲିସକୁ ହସ୍ତାନ୍ତର କରିଥିଲେ। ସାବିତ୍ରୀଙ୍କ ମାଆ ବାସନ୍ତୀ ମଲ୍ଲିକ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସାବିତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ସେପଟେ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍‌ଏ) ଧାରା ୨୩ ଅନୁଯାୟୀ ଦୁଇ ଜଣ ସାଧାରଣ ଲୋକ (ସାକ୍ଷୀ)ଙ୍କ ଉପସ୍ଥିତିରେ ପୂର୍ଣଚନ୍ଦ୍ରର ବୟାନ ରେକର୍ଡ କରିଥିଲା। ପୂର୍ଣଚନ୍ଦ୍ରର ବୟାନ ଆଧାରରେ, ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଫୁଲେଶ୍ୱରୀ ବସ୍ତି ସ୍ଥିତ ଭଡ଼ା ଘରେ ଚଢ଼ଉ କରିଥିଲା। ସେଠାରୁ ଘଟଣାରେ ବ୍ୟବହୃତ ଛୁରି ଜବତ କରିବା ପରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ କୋର୍ଟ ଚାଲାଣ କରିଥିଲା।

● କାର୍ ବ୍ୟାକ୍ କରିବା ବେଳେ ଅଘଟଣ

## ଗାଡ଼ି ଚଢ଼ିଯାଇ ଘରୋଇ ସହାୟିକାଙ୍କ ମୃତ୍ୟୁ



■ ପାହାଚରୁ ଖସି ପଡ଼ିଛନ୍ତି କହି ଖସିବାକୁ ଉଦ୍ୟମ
■ ମାଲିକ ଗିରଫ; ଗାଡ଼ି ଜବତ

ଭୁବନେଶ୍ୱର, ୫।୩ (ସମିସ): ରାଜଧାନୀର ମଧୁସୂଦନ ନଗର ଅଞ୍ଚଳରେ ଅମାନବୀୟ ଘଟଣା ଘଟିଛି। କାର୍ ବ୍ୟାକ୍ କରିବା ବେଳେ ଗାଡ଼ି ଚଢ଼ିଯିବାରୁ ଘରୋଇ ସହାୟିକାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଫୁଲବାଣୀ ଜିଲ୍ଲା ଗୋଛାପଡ଼ା ଥାନା ଅଞ୍ଚଳର ସୁମିତ୍ରା ଦିଗାଲ (୬୨)। ସୁମିତ୍ରାଙ୍କ ଭାଇ ପୀତବାସଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ମାମଲା ରୁଜୁ କରି ମାଲିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି, ମଧୁସୂଦନ ନଗରରେ ରହୁଥିବା ବାଲିଅନ୍ତା ଥାନା ଆଣ୍ଡୁଆରିର ପ୍ରଦୀପ୍ତ କୁମାର ଦାସ (୬୬)।

ପୁଲିସ ସୂଚନାନୁଯାୟୀ, ସୁମିତ୍ରା ଦୀର୍ଘ ଦେଢ଼ବର୍ଷ ହେବ ପ୍ରଦୀପ୍ତଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ। ବୁଧବାର ସକାଳ ସମୟରେ ସୁମିତ୍ରା ଦାଣ୍ଡରେ ଝାଡୁ ମାରୁଥିବା ବେଳେ ପ୍ରଦୀପ୍ତ କାର୍ ବ୍ୟାକ୍ କରୁଥିଲେ। ହଠାତ୍ ଗାଡ଼ିଟି ସୁମିତ୍ରାଙ୍କ ଉପରେ ଚଢ଼ିଯିବା ସହ ଗୋଡ଼, ଛାତି ଓ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ପ୍ରଦୀପ୍ତଙ୍କ ଭାଇମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଭଉଣୀ ପାହାଚରୁ ପଡ଼ି ମୃତ୍ୟୁବରଣ କରିଥିବା ପ୍ରଦୀପ୍ତ ଫୋନ୍ କରି ପୀତବାସଙ୍କୁ ଜଣାଇଥିଲେ। ପିତବାସ ଆସି ପହଞ୍ଚିବା ବେଳକୁ ସୁମିତ୍ରାଙ୍କ ଗୋଡ଼ ଓ ଛାତିରେ ଟାୟାର ଦାଗ ଦେଖିଥିଲେ। ମାଲିକ ପ୍ରଦୀପ୍ତ କାର୍ ଚଢ଼ାଇ ସୁମିତ୍ରାଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ କାମ କରୁଥିବା ତାଙ୍କର ଜଣେ ଗ୍ରାମବାସୀଙ୍କ ଠାରୁ ପୀତବାସ ଜାଣିବାକୁ ପାଇଥିଲେ।

ପୀତବାସଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ସୁମିତ୍ରାଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତଦନ୍ତ ବେଳେ ତାହା ହତ୍ୟା ନୁହେଁ, ବରଂ କଲପେବଲ୍ ହୋମିସାଇଡ୍ ବୋଲି ପୁଲିସ ଜାଣିବାକୁ ପାଇଥିଲା। ପ୍ରଥମରୁ ହତ୍ୟା ମାମଲା ରୁଜୁ କରିଥିବା ପୁଲିସ ପରବର୍ତ୍ତୀ ସମୟରେ କଲପେବଲ୍ ହୋମିସାଇଡ୍ ଦଫାକୁ ପରିବର୍ତ୍ତନ କରିଥିଲା। ଅଭିଯୁକ୍ତ ପ୍ରଦୀପ୍ତଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଦୁର୍ଘଟଣାଗ୍ରସ୍ତ କାର୍ ଓ ମୋବାଇଲ ଫୋନ୍ ଜବତ କରିଥିଲା।

## ରେଳ ଧାରଣାରୁ ମିଳିଲା ବିଲ୍ଡରଙ୍କ ମୃତଦେହ



ଭୁବନେଶ୍ୱର, ୫।୩ (ସମିସ): ଶ୍ରୀଲିଙ୍ଗରାଜ ଷ୍ଟେସନ ନିକଟସ୍ଥ ରେଳ ଧାରଣାରୁ ମୃତଦେହ ଠାବ ହୋଇଛି। ମୃତକ ହେଉଛନ୍ତି ବୋତଣ୍ଡା ଗାଁର ମୂରଲୀଧର ବେହେରା ଓରଫ୍ ପପୁ (୩୭)। ସେ ଜମିବାଡ଼ି ବ୍ୟବସାୟ କରୁଥିଲେ।

ସୂଚନା ଅନୁସାରେ, ପପୁ ବିବାହିତ ହୋଇଥିବା ବେଳେ ତାଙ୍କର ପତ୍ନୀ ଓ ଦୁଇଟି ଝିଅ ଅଛନ୍ତି। ସେ ଓ ତାଙ୍କ ମାନସ ମିଶି ସ୍ଥାନୀୟ ଅଞ୍ଚଳରେ ଜମିବାଡ଼ି ବ୍ୟବସାୟ କରୁଥିଲେ। ପ୍ଲଟିଂ ସ୍କିମ ଭିତରେ ନିର୍ମାଣାଧୀନ ସାଇଟକୁ ପଥର, ମୋରମ୍ ଆଦି କଞ୍ଚାମାଲ ଆସୁଥିବାରୁ ପପୁ ଅନେକ ସମୟରେ ରାତିରେ ସାଇଟରେ ରୁହନ୍ତି। ଗତ ସୋମବାର ରାତି ୯ଟାରେ ପପୁ ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୧୨ଟା ବେଳକୁ ହଠାତ୍ ତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଘର ଲୋକ ବ୍ୟସ୍ତ ତାଙ୍କ ସାଙ୍ଗମାନଙ୍କୁ ଫୋନ୍ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଭୋର୍ ସମୟରେ ପପୁଙ୍କ କାର୍‌ଟି ଶ୍ରୀ ଲିଙ୍ଗରାଜ ଷ୍ଟେସନ ନିକଟରେ ପାର୍କିଂ ହୋଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଗଲା ବେଳକୁ, ଶ୍ରୀ ଲିଙ୍ଗରାଜ ଷ୍ଟେସନ ଓ ସରକନ୍ତରା ରେଳଧାରଣାରେ ପପୁଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ଭୁବନେଶ୍ୱର ସରକାରୀ ରେଳବାଇ ପୁଲିସ (ଜିଆରପି) ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ପରିବାରଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେପଟେ ପପୁଙ୍କର କିପରି ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ରଙ୍ଗଖେଳ ବେଳେ ମହିଳାଙ୍କୁ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୫।୩(ସମିସ): ହୋଲି ଖେଳୁଥିବା ଜଣେ ମହିଳାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖାରବେଳ ନଗର ଥାନା ପୁଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାମ ନିରଞ୍ଜନ ବେହେରା (୫୦) ଓ ତାଙ୍କ ଘର ମସଜିଦ କଲୋନୀରେ ବୋଲି ଜଣାପଡ଼ିଛି। ବୁଧବାର ଦିନ ପ୍ରାୟ ୧ଟା ସମୟରେ ଅଭିଯୋଗକାରିଣୀ ଏବଂ ଅନ୍ୟାନ୍ୟ ସ୍ଥାନୀୟବାସିନ୍ଦା ସେମାନଙ୍କ ଅଞ୍ଚଳରେ ହୋଲି ଉତ୍ସବ ପାଳନ କରୁଥିବା ସମୟରେ ଅଭିଯୁକ୍ତ ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ। ଏନେଇ ସେ ଏବଂ ଉପସ୍ଥିତ ଅନ୍ୟ ଲୋକମାନେ ପ୍ରତିବାଦ କରିଥିବାରୁ ଅଭିଯୁକ୍ତ ତାଙ୍କ ଚୁଟି ଟଣାଟାଣି କରିବା ସହିତ ଏକ ଟିନ୍ ସିଟ୍‌ରେ ତାଙ୍କ ମୁଣ୍ଡକୁ ଜୋରଜବରଦସ୍ତ ଆଘାତ କରି ଆକ୍ରମଣ କରିଥିଲେ। ସେ ତାଙ୍କୁ ଲାତ ମାରିଥିଲେ ଏବଂ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ଏହି ଆକ୍ରମଣରେ ଅଭିଯୋଗକାରିଣୀ ଆହତ ହୋଇଥିଲେ ଏବଂ ସ୍ଥାନୀୟ ଲୋକମାନେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ନୀଳାଚଳ ହସ୍ପିଟାଲକୁ ନେଇଯାଇଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଏବଂ ଅଭିଯୋଗକାରିଣୀ ସମାନ ଅଞ୍ଚଳର ବାସିନ୍ଦା ଏବଂ ହୋଲି ପାଳନ ସମୟରେ ଅଭିଯୁକ୍ତ କୌଣସି ସ୍ପଷ୍ଟକାରଣ ବିନା ଦୁର୍ବ୍ୟବହାର କରି ଆକ୍ରମଣ କରିଥିଲେ। ଅଭିଯୁକ୍ତ ନିରଞ୍ଜନକୁ ଗିରଫ କରାଯାଇଥିଲା।

## ଯାତ୍ରା ବେଳେ ଗଣ୍ଡଗୋଳ କରି ୪ ଗିରଫ



ଭୁବନେଶ୍ୱର, ୫।୩(ସମିସ): ଧଉଳି ଥାନା ଲିଙ୍ଗିପୁର ଗ୍ରାମରେ ମେଳଣ ପଡ଼ିଆରେ ଚାଲିଥିବା ଯାତ୍ରାପାର୍ଟିରେ ବିଶୃଙ୍ଖଳା କରିବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଶିଶୁପାଳଗଡ଼ ଅଞ୍ଚଳର କୁନୁ ଓରଫ ଅନିଲ କୁମାର ସୁନ୍ଦରାୟ, ଗଙ୍ଗୋତ୍ରୀନଗର ଲେନ-୧ର ପିଙ୍କୁ ଓରଫ ଦେବେନ୍ଦ୍ର ନାଥ ଗୌଡ଼, ଲିଙ୍ଗରାଜ ଥାନା ମହାବୀର ନଗର ଅଞ୍ଚଳର ସ୍ୱସ୍ତିକ ନାୟକ ଏବଂ ନୂଆଗାଁ ଅଞ୍ଚଳର ଗୁଡୁ ଓରଫ ଆଶୁତୋଷ ଜେନା। ଖବରନେବାରେ ଜଣାପଡ଼ିଛି ବୁଧବାର ରାତିରେ ଲିଙ୍ଗିପୁର ମେଳଣ ଉପଲକ୍ଷେ ଏକ ଯାତ୍ରାପାର୍ଟି ନାଟକ ପରିବେଷଣ ହେଉଥିଲା। ରାତି ପ୍ରାୟ ସାଢେ ୧ ଟାରେ ଉପରୋକ୍ତ ଯୁବକ ଏକ ଜିପ୍ ଓ ମୋଟର ସାଇକେଲରେ ସଭାସ୍ଥଳକୁ ଆସି ଯାତ୍ରା କମିଟି ଦ୍ୱାରା ଲଗାଯାଇଥିବା ବ୍ୟାରିକେଡ୍ ଭାଙ୍ଗି ସେମାନଙ୍କ ଗାଡ଼ି ସହିତ ନିଷିଦ୍ଧାଞ୍ଚଳରେ ଜୋରଜବରଦସ୍ତ ପ୍ରବେଶ କରିଥିଲେ।

ଏଥିରେ କମିଟି ସଦସ୍ୟମାନେ ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ସେମାନଙ୍କର ଆକ୍ରମଣାତ୍ମକ ଆଚରଣ ଯୋଗୁଁ ସମବେତ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଓ ଭୟଭୀତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିସହ ଉକ୍ତ ସ୍ଥାନରେ ଶାନ୍ତିଶୃଙ୍ଖଳା ବ୍ୟାହତ ହୋଇଥିଲା। ଖବରପାଇ ଧଉଳି ଥାନା ପୁଲିସ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଏଥିସହ ତାଙ୍କ ବ୍ୟବହୃତ ମହିନ୍ଦ୍ରା ଜିପ, ଗୋଟେ ମୋଟର ସାଇକଲ ଏବଂ ତେଲେଙ୍ଗାନା କଟୁରି ଜବତ କରିଛି।

## ପେଟ୍ରୋଲ୍ ପମ୍ପ ନିକଟରେ ଗଣ୍ଡଗୋଳ; ୨ ଗିରଫ

ଭୁବନେଶ୍ୱର, ୫।୩(ସମିସ): ଧଉଳି ଥାନା ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ସାମାନ୍ୟ ବଚସାରେ ୨ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିଶୁପାଳଗଡ଼ ଜେନାସାହିର ହାପି ଓରଫ ଲିଟନ ଜେନା ଏବଂ ଚନ୍ଦନ ଦାସ। ଗତକାଲି ଗଣେଶ ପ୍ରସାଦ ମୁଖୀ ନାମକ ଜଣେ ଯୁବକ ସ୍କୁଟିରେ ତାଙ୍କ ଘରୁ ବାହାରି ଧଉଳି ଅଞ୍ଚଳ ଅଭିମୁଖେ ଯାଉଥିବା ସମୟରେ ନୂଆଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଅଜଣା କାର ଦ୍ରୁତ ଗତିରେ ତାଙ୍କୁ ସାଇଡ ମାରିଥିଲା। ଫଳରେ ଏକ ବଡ଼ ଦୁର୍ଘଟଣାରୁ ସାମାନ୍ୟ ବର୍ତ୍ତି ଯାଇଥିଲେ ଗଣେଶ। ଏହାକୁ ନେଇ ଗଣେଶ ଓ କାର ଚାଳକଙ୍କ ମଧ୍ୟରେ ଉଗ୍ର ଯୁକ୍ତିତର୍କ ହୋଇଥିଲା। ବଚସା ସମୟରେ କାରରେ ବସିଥିବା ହାପି ଓ ଚନ୍ଦନ ଗଣେଶଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ହାପି ଓ ଚନ୍ଦନ ଗଣେଶଙ୍କ ମୁଣ୍ଡକୁ ଇଟାରେ ଆକ୍ରମଣ କରିଥିଲେ। ଯାହା ଫଳରେ ଗଣେଶ ରକ୍ତାକ୍ତ ହେବାସହ ଆଘାତ ପାଇଥିଲେ। ଖବରପାଇ ପୁଲିସ ଆହତ ଗଣେଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଶାହାଙ୍କ ଗସ୍ତ ପୂର୍ବରୁ କଂଗ୍ରେସ ନେତାଙ୍କୁ ଉଠାଇନେଲା ପୁଲିସ

ଭୁବନେଶ୍ୱର, ୫।୩(ସମିସ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ଯୁବ କଂଗ୍ରେସକୁ ପୁଲିସର ଟାର୍ଗେଟ। ଯୁବ କଂଗ୍ରେସ କର୍ମୀମାନଙ୍କୁ ଖୋଜି ଖୋଜି ପୁଲିସ ଉଠାଇ ନେଉଛି। କାହାକୁ ବିମାନବନ୍ଦରରୁ ଉଠାଇ ନେଇଛି ତ ଆଉ କିଏ ଘରେ ଖାଉଥିଲା ବେଳେ ତାଙ୍କୁ ଉଠାଇ ନେଇଛି। ବଡ଼ ନେତାଙ୍କୁ ଅସ୍ଥାୟୀ ଭାବେ ଥାନାରେ ରଖାଯାଉଥିଲା ବେଳେ ଛୋଟ ନେତାମାନଙ୍କୁ ଅଜ୍ଞାତ ସ୍ଥାନରେ ରଖାଯାଉଛି। ଥାନାରେ ଖାଅ, ପିଇ ଆଉ କ୍ରିକେଟ୍ ଖେଳ ଦେଖ ପଛେ କିନ୍ତୁ ସାମ୍ନାରେ ରୁହ। ଏହି କ୍ରମରେ ପୁଲିସ ପ୍ରଥମେ ଦିଲ୍ଲୀରୁ ଫେରୁଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କୁ ପୁଲିସ ଭୁବନେଶ୍ୱର ବିମାନ ବନ୍ଦରରୁ ଉଠାଇ ନେଇ କ୍ୟାପିଟାଲ ଥାନାରେ ଅଟକ ରଖିଥିଲା। ଏହାପରେ ଯୁବଛାତ୍ର ନେତା ସୁଦୀପ ସାମଲ, ବଳରାମ ନନ୍ଦ, ସୁରଜ ରାଉତ ଏବଂ ବିରଞ୍ଚି ବାରିକଙ୍କୁ ଉଠାଇ ନେଇଥିଲା। ଖବରଲେଖା ବେଳେ ଯୁବ କଂଗ୍ରେସ କର୍ମୀଙ୍କ ଆଗୁଆ ଗିରଫଦାରୀ ୫ରହିଥିଲା ବେଳେ ଏହି ସଂଖ୍ୟା ରାତି ମଧ୍ୟରେ ବୃଦ୍ଧି ପାଇବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ୨ ଗିରଫ

ଭୁବନେଶ୍ୱର, ୫।୩(ସମିସ): ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଠାରୁ ଟଙ୍କା ଲୁଟ୍ କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଗୁରୁବାର ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଯୁବକ ହେଉଛନ୍ତି, ଖଣ୍ଡଗିରି ଥାନା ଅଞ୍ଚଳର ଅନିମେଶ ଲେଙ୍କା (୨୯) ଓ ଖୋର୍ଦ୍ଧା ସଦରର ସିରାଜୁଦିନ ଖାଁ (୨୪)। ଖବର ନେବାରୁ ଜଣାପଡ଼ିଛି ଯେ, ବୁଧବାର ଅର୍ଜୁନ ଭୋଇ ଡ୍ୟୁଟିରୁ ଫେରୁଥିବା ସମୟରେ କିଛି ବ୍ୟକ୍ତି ରାସ୍ତାରେ ତାଙ୍କୁ ଅଟକାଇ ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ଏହି ଦାବିକୁ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ସେମାନେ ତାଙ୍କୁ ପ୍ରବଳ ଭାବେ ମାଡ଼ ମାରିବା ସହିତ ପଥର ଦ୍ୱାରା ତାଙ୍କ ମୁହଁ ଏବଂ ଆଖିରେ ଆଘାତ କରିଥିଲେ ଏବଂ ତାଙ୍କୁ ନିର୍ମମ ଭାବରେ ଆକ୍ରମଣ କରି ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ବିଶ୍ୱସ୍ତ ସୂଚନା ଆଧାରରେ ଅଭିଯୁକ୍ତମାନେ କିଟ୍ ଖାଓଗାଲି ଅଞ୍ଚଳ ନିକଟରେ ବୁଲୁଥିବା ସମୟରେ ପୁଲିସ ସେମାନଙ୍କୁ ଗିରଫ କରିଛି।

● ୩ ଦିନିଆ ରିମାଣ୍ଡରେ କୋଟିପତି ଖଣି ଅଧିକାରୀ

## ପଚରାଉଚରା ପାଇଁ ଫୁଲବାଣୀ ନେବ ଭିଜିଲାନ୍ସ

ଭୁବନେଶ୍ୱର, ୫।୩(ସମିସ): ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ପୂର୍ବତନ କଟକ ମଣ୍ଡଳ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କୁ ରିମାଣ୍ଡରେ ଅଣାଯାଇଛି। ଗୁରୁବାର ଅଭିଯୁକ୍ତ ଦେବବ୍ରତଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଭିଜିଲାନ୍ସ ନିର୍ଦ୍ଦେଶାଳୟ ମାରାଥନ ଜେରା କରୁଛି। ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ ଭିଜିଲାନ୍ସ ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୩ ଦିନିଆ ରିମାଣ୍ଡ ଲାଗି ଅନୁମତି ଦେଇଥିଲେ। ଏହାପରେ ଝରପଡ଼ା ଜେଲରୁ ଦେବବ୍ରତଙ୍କୁ ଭିଜିଲାନ୍ସ ଟିମ୍ ଆଣି ପଚରାଉଚରା କରୁଛି। ତେବେ ଶୁକ୍ରବାର ଦେବବ୍ରତଙ୍କୁ ଫୁଲବାଣୀ ନିଆଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଫୁଲବାଣୀରେ ବନ୍ଦ ଥିବା ଦେବବ୍ରତଙ୍କ ଭଡାଘରେ ଅଧିକ ଯାଞ୍ଚ କରାଯିବ। ସେଠାରେ କିଛି ସମ୍ପତ୍ତି ଥାଇପାରେ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦେବବ୍ରତଙ୍କୁ ନିଲମ୍ବିତ କରାଯାଇଥିବା ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଏସପି ସରୋଜ ସାମଲ କହିଛନ୍ତି।

କୋଇଲା ବ୍ୟବସାୟଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏହାପରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ଫେବ୍ରୁଆରୀ ୨୫ (ବୁଧବାର) ଭିଜିଲାନ୍ସ ପକ୍ଷରୁ ଦେବବ୍ରତଙ୍କ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଭୁବନେଶ୍ୱର ପଟିଆ ଶ୍ରୀବିହାରସ୍ଥିତ ଏକ ଆପାର୍ଟମେଣ୍ଟର ଫ୍ଲାଟ୍‌ ୪.୨୭ କୋଟି ଟଙ୍କା ଜବତ ହୋଇଥିଲା। ଯାହା ଭିଜିଲାନ୍ସ ଇତିହାସରେ ସର୍ବାଧିକ ନଗଦ ଟଙ୍କା ଜବତ ବୋଲି କୁହାଯାଇଥିଲା। ସେହିପରି ଅଫିସ ଚାମ୍ବରରୁ ୧.୨୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏଥିସହ ଫ୍ଲାଟରୁ ୩୦୫. ୪୦ ଗ୍ରାମ ସୁନା ଓ ୬୦୦ ଗ୍ରାମ ରୁପା ଅଳଙ୍କାର ଠାବ ହୋଇଥିଲା।

## ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ଯୁବକ ମୃତ

ବାଲିଅନ୍ତା, ୫।୩(ସମିସ): ବାଲିଅନ୍ତା ଥାନ ଅଧୀନ ହଂସପାଳ - ଅଭୟମୁଖୀ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ପାରିବାସୁଦେଇପୁର ଛକରେ ବୁଧବାର ବିଦ୍ୟୁତ ଖୁଣ୍ଟରେ ବାଇକ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଣ୍ଟପୁର ଗ୍ରାମ ପୁରୁଣା ପଟେଣା ସାହିର ନିଲୁ କାଣ୍ଡି (୩୫)। ନିଲୁଙ୍କୁ ସଂକଟାପର୍ଣ୍ଣ ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ହାଇଟେକ ହସ୍ପିଟାଲ ପଠାଇଥିଲେ। ହେଲେ ଡାକ୍ତର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ନିଲୁ ପାରିବାସୁଦେଇପୁରରୁ ବାଇକରେ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଫଳରେ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତାଙ୍କର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସ ଡକାଇ ହସ୍ପିଟାଲ ପଠାଇଥିଲେ। ସେହିପରି ଦିନ ସାଢେ ୧ଟା ବେଳେ ବାଲିଅନ୍ତା ସାଇଫନ ଛକ ନିକଟରେ ବାଇକ - ବାଇକ ମୁହାଁମୁହିଁ ଧକ୍କା ହେବାରୁ ନିଆଳି ଅଞ୍ଚଳର ଜଣେ ଆରୋହୀ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପୁଲିସ କହିଛି।

## ପୁଲିସ-ଆଦିବାସୀ ମୁହାଁମୁହିଁ

# ରଣକ୍ଷେତ୍ର ପାଲଟିଲା ଭଗବତୀପୁର



■ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ
■ ବାଦ୍ ପଡ଼ିଲେନି ଜନପ୍ରତିନିଧି
■ ୧୬୩ ଧାରା ଲାଗୁ; ୩ ପ୍ଲାଟୁନ୍ ପୁଲିସ ମୁତୟନ
■ ଗିରଫ ଭୟରେ ଜନଶୂନ୍ୟ ଗାଁ

ଭୁବନେଶ୍ୱର, ୫।୩ (ସମିସ): ଝୁମୁକା ଅଞ୍ଚଳରେ ମଦ ଯାଞ୍ଚ କରିବାକୁ କେନ୍ଦ୍ରକରି ଚନ୍ଦକା ଥାନା ଅନ୍ତର୍ଗତ ଭଗବତୀପୁର ରଣକ୍ଷେତ୍ର ପାଲଟିଛି। ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବା ସହ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି ଆଦିବାସୀ। ପୁଲିସର ଆକ୍ରମଣରେ ୧୦ ଜଣ ଗ୍ରାମବାସୀ ଆହତ ହୋଇଥିବା ବେଳେ ଗ୍ରାମବାସୀଙ୍କ ଆକ୍ରମଣରେ ପୁଲିସ ମଧ୍ୟ ଆହତ ହୋଇଛି। ବିବାଦ ସମାଧାନ କରିବାକୁ ଯାଇ ଜନପ୍ରତିନିଧି ମଧ୍ୟ ପୁଲିସର ରୋଷର ଶିକାର ହୋଇଛନ୍ତି। ଜଣେ ଜନପ୍ରତିନିଧି ଓ ଗାଁ ମୁଖିଆଙ୍କୁ ପୁଲିସ ଉଠାଇ ନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଛି। ତେବେ ପୁଲିସକୁ ଅପହରଣ ଓ ଆକ୍ରମଣ ଘଟଣାରେ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, କଣ୍ଟାବାଡ଼ର ଜ୍ୟୋତି ଶଙ୍କର ବିଶ୍ୱାଳ (୪୭), ରବୀନ୍ଦ୍ର ଭୋଇ (୩୧), ଗୋବିନ୍ଦ ବେହେରା (୩୬), ଭଗବତୀପୁରର ବିଜୟ ପୂର୍ତ୍ତି (୨୬) ଓ ବସନ୍ତ ଛତର (୨୧)। ତେବେ ଗିରଫ ଭୟରେ ପୁରା ଗାଁ ଜନଶୂନ୍ୟ ହୋଇଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ ହୋଇଥିବା ବେଳେ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ବୁଧବାର ଭଗବତୀପୁର ଗ୍ରାମବାସୀମାନେ ହୋଲି ଖେଳିବା ସହ ସ୍ଥାନୀୟ ଝୁମୁକା ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ପୁଲିସ ପକ୍ଷରୁ ମଦ୍ୟପାନ କରି ଗାଡ଼ି ଚାଳନା ଯାଞ୍ଚ କରୁଥିଲା। ସ୍ଥାନୀୟ ଭଗବତୀପୁର ଓ କଣ୍ଟାବାଡ଼ର ଲୋକମାନେ ଗାଧୋଇବାକୁ ଯାଇଥିବା ବେଳେ ପୁଲିସ ସେମାନଙ୍କୁ ମଧ୍ୟ ଯାଞ୍ଚ କରି କରିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ବିବାଦ ସୃଷ୍ଟି ହୋଇଥିଲା।

ପୁଲିସ ଲାଠି ଚାଳନା କରିଥିବା ବେଳେ ଗ୍ରାମବାସୀମାନେ ପୁଲିସ ଉପରକୁ ଟେକାପଥର ମାଡ଼ କରିଥିଲେ। ପୁଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଉଥିବା ଅଭିଯୋଗ କରି ପିସିଆର ଭ୍ୟାନ ଓ ହୋମଗାର୍ଡଙ୍କୁ ଅଟକ ରଖିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ କରିବା ସହ ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ହୋମଗାର୍ଡଙ୍କୁ ଉଦ୍ଧାର କରିବା ସହ ପିସିଆର ଭ୍ୟାନକୁ ମୁକୁଳାଇ ଥିଲେ। ସ୍ଥାନୀୟ ଜନପ୍ରତିନିଧି ଓ ଗାଁ ମୁରବୀ ଘଟଣାରେ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ପୁଲିସ ଉଠାଇ ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦେଇଥିଲା।

ସ୍ଥାନୀୟ ଗ୍ରାମବାସୀମାନେ ଗାଧୋଇବାକୁ ଯାଉଥିବା ବେଳେ ପୁଲିସର ଏଭଳି ଯାଞ୍ଚ ପ୍ରକ୍ରିୟାର ସାମ୍ନା କରିବା ଘଟଣାକୁ ଲୋକମାନେ ନାପସନ୍ଦ କରିଥିଲେ। ପୁଲିସ ଫୋର୍ସ ମୁତୟନ ହୋଇଥିବାବେଳେ ଗିରଫଦାରୀ ଭୟରେ ପୁରା ଗାଁ ଜନଶୂନ୍ୟ ହୋଇଯାଇଛି।

## ଚୌଦ୍ୱାର ଜେଲରୁ ଅପରାଧୀ ଫେରାର ଘଟଣା

# ଖସିବାର ମାସକ ଆଗରୁ କାମ କରୁ ନ ଥିଲା ସିସିଟିଭି

ଭୁବନେଶ୍ୱର, ୫।୩ (ସମିସ): ଚୌଦ୍ୱାର ଜେଲରୁ ଅପରାଧୀ ଫେରାର ଘଟଣା ଦିନକୁ ଦିନ ଅଧିକ ରହସ୍ୟମୟ ହେବାରେ ଲାଗିଛି। ଦିନ ଗଡ଼ି ଚାଲିଥିବା ବେଳେ ବେଳେ ଗୋଟିଏ ପରେ ଗୋଟିଏ ନୂଆ କଥା ସାମ୍ନାକୁ ଆସୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଦୁଇ ଅଭିଯୁକ୍ତ ଫେରାର ହେବାର ମାସକ ପୂର୍ବରୁ ଜେଲରେ ସିସିଟିଭି କାମ କରୁ ନ ଥିଲା। ଏହା ସତରେ ଖରାପ ହୋଇ ଯାଇଥିଲା ନା ଖରାପ କରି ଦିଆଯାଇଥିଲା ତାହା ସନ୍ଦେହ ସୃଷ୍ଟି କରିଛି। ଅଚଳ ସିସିଟିଭିକୁ ମରାମତି କ୍ଷେତ୍ରରେ ଜେଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବା ନୂଆ ନୂଆ ଦିଗକୁ ଇଙ୍ଗିତ କରିଛି। ବିଭାଗୀୟ ତଦନ୍ତ ରିପୋର୍ଟରେ ଏଭଳି ତଥ୍ୟ ବରିଷ୍ଠ ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ଭୂମିକାକୁ ରହସ୍ୟମୟ କରିଛି।

ପାଣିକୋଇଲି ପଣ୍ଡା ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ମାମଲାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ପ୍ରଥମେ ଯାଜପୁର ଓ ପରେ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର ହୋଇଥିଲେ। ହାଇ ସିକ୍ୟୁରିଟି ସେଲର ୱାର୍ଡ ନଂ - ୭ ରେ ରାଜା ରହୁଥିବା ବେଳେ ମଧୁକାନ୍ତକୁ ୪ ନଂ ୱାର୍ଡରେ ରଖାଯାଇଥିଲା। ଗତବର୍ଷ ଅକ୍ଟୋବର ୨/୩ ମଧରାତ୍ରିରେ ଉଭୟ ହାଇ ସିକ୍ୟୁରିଟି ସେଲରୁ ଖସି ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଘଟଣାରେ ୱାର୍ଡର, ମୁଖ୍ୟ ୱାର୍ଡର ଓ ପରେ ଜେଲରଙ୍କୁ ନିଲମ୍ବନ କରାଯିବା ସହ ଜେଲ୍ ଡିଆଇଜି ଅନୁସୟା ଜେନାଙ୍କୁ ବିଭାଗୀୟ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତ ପରେ ଡିଆଇଜି ଦେଇଥିବା ରିପୋର୍ଟରେ ପ୍ରଦତ୍ତ ତଥ୍ୟ ବରିଷ୍ଠ ଜେଲ୍ ଅଧୀକ୍ଷକଙ୍କ ସୁଜିତ ରାଉଳଙ୍କ ଖାମଖିଆଲି ମନୋଭାବକୁ ପଦାରେ ପକାଇ ଦେଇଛି।

ହାଇ ସିକ୍ୟୁରିଟି ସେଲର ପ୍ରବେଶ ପଥରେ ଭିତର ପଟକୁ ଲକ୍ଷ୍ୟକରି ଲାଗିଥିବା ସିସିଟିଭି କ୍ୟାମେରା ଗତବର୍ଷ ଅଗଷ୍ଟ ୩୦ ତାରିଖ ଠାରୁ କାମ କରୁନଥିଲା। ଅର୍ଥାତ୍ ରାଜା ଓ ମଧୁକାନ୍ତ ଫେରାର ହେବାର ଠିକ୍ ମାସକ ପୂର୍ବରୁ ସିସିଟିଭି କ୍ୟାମେରା ଅଚଳ ହୋଇ ଯାଇଥିଲା। ତା' ଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଦୀର୍ଘ ଏକ ମାସ ଧରି କ୍ୟାମେରା ଅଚଳ ହୋଇଥିଲେ ମଧ ଚୌଦ୍ୱାର ଜେଲ୍ ମୁଖିଆ ତଥା ବରିଷ୍ଠ ଜେଲ୍ ଅଧୀକ୍ଷକ ଶ୍ରୀ ରାଉଳ ତାହାର ମରାମତି କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ହାଇ ସିକ୍ୟୁରିଟି ସେଲ୍ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ମାସ ଧରି ସିସିଟିଭି କ୍ୟାମେରା କାମ ନ କରିବା ଓ ଏହାରି ଭିତରେ ସମସ୍ତଙ୍କୁ ଚକମା ଦେଇ ଦୁଇ ଅଭିଯୁକ୍ତ ଜେଲରୁ ଖସି ପଳାଇବା, ମୁଖିଆଙ୍କ ଭୂମିକାକୁ ସନ୍ଦେହ ଘେରକୁ ଟାଣି ଆଣିଛି।

ଅନୁରୂପ ଭାବରେ ମଧୁକାନ୍ତ ରହୁଥିବା ୪ ନଂ ୱାର୍ଡର ସିସିଟିଭି ତଳକୁ ରହିବା ପରିବର୍ତ୍ତେ ଉପରକୁ ଉପର ମୁହାଁ ହୋଇ ରହିଥିଲା। ଜାଣିଶୁଣି ସିସିଟିଭି କ୍ୟାମେରାକୁ ଉପରକୁ ଠେଲି ଦିଆଯାଇଥିଲା, ଯେପରିକି ଅଭିଯୁକ୍ତମାନଙ୍କର କୌଣସି ତଥ୍ୟ ରେକଡର୍ ହୋଇ ପାରିବ ନାହିଁ। ଫଳରେ ୱାର୍ଡ ଭିତରେ ଅଭିଯୁକ୍ତ ମଧୁକାନ୍ତର ହାବଭାବ ଓ ଚାଲିଚଳନ ରେକର୍ଡ ହେଉନଥିଲା। ସେହିପରି ଅଭିଯୁକ୍ତ ରାଜା ରହୁଥିବା ୱାର୍ଡର ସିସିଟିଭି ମଧ ସଠିକ୍ ରହି ନ ଥିଲା। ଯାହାଦ୍ୱାରା ରାଜାର ଚାଲିଚଳନ ଉପରେ ନଜର ରଖିବା କଷ୍ଟକର ବ୍ୟାପାର ହୋଇଥିଲା। ଦୁଇଟି ଯାକ ୱାର୍ଡର ସିସିଟିଭି ସଠିକ୍ ଭାବେ ନ ଥିବା ଡିଆଇଜି ତଦନ୍ତ ବେଳେ ଜାଣିବାକୁ ପାଇଥିଲେ। ହେଲେ ସେହି କଥାଟିକୁ ଜେଲର ବରିଷ୍ଠ ଅଧୀକ୍ଷକ କିପରି ଜାଣି ପାରିନଥିଲେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଡିଆଇଜିଙ୍କ ତଦନ୍ତ ରିପୋର୍ଟରେ ଦେଇଥିବା ଏଇଭଳି କିଛି ତଥ୍ୟ ଜେଲ୍ ମୁଖିଆଙ୍କ ଚରମ ଅବହେଳାକୁ ପ୍ରମାଣିତ କରିଛି। ଜେଲରୁ ଅଭିଯୁକ୍ତ ଖସିଯିବା ଅଘଟଣ ନା ପୂର୍ବ ନିର୍ଦ୍ଧାରିତ ତାକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପଣ୍ଡିତ ପୁଅ ମାଙ୍କଡ ମାରିଲେ ଦୋଷ ନାହିଁ ନ୍ୟାୟରେ କେବଳ ୱାର୍ଡର, ମୁଖ୍ୟ ୱାର୍ଡର ଓ ଜେଲରଙ୍କୁ ନିଲମ୍ବନ କରା ଯାଇଥିଲେ ମଧ ବରିଷ୍ଠ ଅଧୀକ୍ଷକଙ୍କ ବିରୋଧରେ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

# ଦଣ୍ଡେଶ୍ୱରଙ୍କୁ ସମର୍ଥନ ଘୋଷଣା କଲା ସିପିଆଇ(ଏମ୍)

ଭୁବନେଶ୍ୱର, ୫।୩ (ସମିସ): ରାଜ୍ୟସଭା ନିର୍ବାଚନର ଗୁରୁତ୍ୱପୂର୍ଣ୍ଣ ଏବଂ ମର୍ଯ୍ୟାଦାଜନକ ଚତୁର୍ଥ ଆସନ ପାଇଁ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପ୍ରାର୍ଥିତ୍ୱକୁ ସିପିଆଇ (ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଛି। ଏନେଇ ଦଳ ପକ୍ଷରୁ ଗୁରୁବାର ବିଧିବଦ୍ଧ ଘୋଷଣା ସହ ଏହି ନିର୍ବାଚନ ଧର୍ମନିରପେକ୍ଷ, ଗଣତନ୍ତ୍ର

### ନାମାଙ୍କନ ବେଳେ ଉପସ୍ଥିତ ରହିଲେ ପାର୍ଟିର ରାଜ୍ୟ ସମ୍ପାଦକ

ଓ ସମ୍ବିଧାନକୁ ରକ୍ଷା କରିବା ପାଇଁ ଏକ ରାଜନୈତିକ ଓ ଆଦର୍ଶଗତ ସଂଗ୍ରାମ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି।

ଡା. ହୋତା ଧର୍ମନିରପେକ୍ଷ ମୂଲ୍ୟବୋଧ, ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷା କରିବାର ଲଢ଼େଇକୁ ଆଗେଇ ନେବା ପାଇଁ ପ୍ରାର୍ଥୀ ହୋଇଛନ୍ତି। ଆଜି ବିଧାନସଭାରେ ତାଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ବିଧାନସଭାର ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ବରିଷ୍ଠ ସିପିଆଇ(ଏମ୍) ନେତା ତଥା ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ ଉପସ୍ଥିତ ରହି ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛନ୍ତି।

ଦଳ ଆହୁରି କହିଛି, ବିଜେପି ପ୍ରାୟୋଜିତ ପ୍ରାର୍ଥୀଙ୍କ ବିରୋଧରେ ବୃହତ୍ତମ ବିରୋଧୀ ଦଳ ବିଜେଡି ଓ ଅନ୍ୟତମ ବିରୋଧୀ ଦଳ କଂଗ୍ରେସ ସହ ବିଧାନସଭାରେ ବଣାଇ ଆସନକୁ ପ୍ରତିନିଧିତ୍ୱ କରୁଥିବା ସିପିଆଇ(ଏମ୍) ଏକାଠି ହୋଇ ଏହି ଲଢ଼େଇ କରିବ। ଦଳର ଏକମାତ୍ର ବିଧାୟକ ଲକ୍ଷ୍ମଣ ମୁଣ୍ଡା ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ସମର୍ଥନ ଦେବେ। ଡାକ୍ତର ଦଣ୍ଡେଶ୍ୱର ହୋତା ସାମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଏବଂ ଓଡ଼ିଶାର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଆଗକୁ ଆସିଥିବାରୁ ପାର୍ଟି ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇଛି। ଏହାସହ ରାଜ୍ୟର ସମସ୍ତ ଧର୍ମନିରପେକ୍ଷ ବିରୋଧୀ ଦଳର ବିଧାୟକମାନଙ୍କୁ ଦେଶ ଓ ଓଡ଼ିଶାର ସ୍ୱାର୍ଥ ପାଇଁ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ସପକ୍ଷରେ ମତଦାନ କରିବାକୁ ଦଳ ନିବେଦନ କରିଛି।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

# ପୂର୍ବତନ ବୋର୍ଡ ଉପ-ସଭାପତିଙ୍କ ସମେତ ୮ ଜଣଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

କଟକ, ୫।୩ (ସମିସ): ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପ ସଭାପତି ନିହାର ରଞ୍ଜନ ମହାନ୍ତିଙ୍କ ସମେତ ୮ ଜଣ ଅଭିଯୁକ୍ତଙ୍କୁ ଆଜି ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ସମସ୍ତ ଜାମିନ ଆବେଦନ ଗୁଡିକର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗିରଫ ଅଭିଯୁକ୍ତ ବୋର୍ଡର ପ୍ରାକ୍ତନ ଉପ ସଭାପତି ନିହାର ରଞ୍ଜନ ମହାନ୍ତି, ଜିତନ ମହାରଣା (ଡାଟା ଏଣ୍ଟ୍ରି ଅପରେଟର), ରାମଜୀ ପ୍ରସାଦ ଗୁପ୍ତା, ବିଜୟ କୁମାର ମିଶ୍ର, ଜୟନ୍ତ କୁମାର ରାଉତ, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ ଓ ସନାତନ ବିଷୋୟୀଙ୍କୁ ଜାମିନ ମଞ୍ଜୁର କରିଛନ୍ତି ଅଦାଲତ। ଅଭିଯୁକ୍ତମାନେ ତଦନ୍ତକାରୀ ସଂସ୍ଥାକୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ଅନୁମତି ବିନା ସେମାନେ ଦେଶ ବାହାରକୁ ଯାଇପାରିବେ ନାହିଁ। ସେହିଭଳି ବୋର୍ଡ ସହ ସଂଶ୍ଳିଷ୍ଟ ଅଭିଯକ୍ତଙ୍କୁ ବୋର୍ଡର କୌଣସି କନଫିଡେନ୍ସିଆଲ କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ ବୋଲି ଅଦାଲତ କହିଛନ୍ତି।

ପ୍ରକାଶଥାଉକି ଗତ ବର୍ଷ ଜୁଲାଇ ୨୦ରେ ହେବାକୁ ଥିବା ଓଟିଇଟି ପରୀକ୍ଷା ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଜିତନ ମହାରଣା ସେତେବେଳେ ଉପସଭାପତି ଥିବା ନୀହାରଙ୍କ ଲାପଟପରୁ ପେନ୍ ଡ୍ରାଇଭ୍ ସାହାଯ୍ୟରେ ପ୍ରଶ୍ନପତ୍ର ଚୋରି କରିଥିଲେ। ଏଥିପାଇଁ ବିଜୟ ମିଶ୍ର ନାମକ ବ୍ୟକ୍ତି ଜିତନଙ୍କୁ ୨.୫ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅଭିଯୁକ୍ତ ପ୍ରଶାନ୍ତ ଏହାକୁ ଅନୁବାଦ କରିବା ସହ ନିଜ ହାତରେ ଲେଖିଥିଲେ। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ସମ୍ପୃକ୍ତ ଥିବା ଡାଟା ଏଣ୍ଟ୍ରି ଅପରେଟର୍ ଏବଂ ଉପ-ସଭାପତିଙ୍କ ସମେତ ଅନ୍ୟମାନଙ୍କୁ ଗତ ୨୦୨୫ ଅଗଷ୍ଟ ମାସରେ ଗିରଫ କରିଥିଲା। ତେବେ ଦୀର୍ଘ ୬ମାସ ଧରି ଜେଲ୍‌ରେ ରହିବା ପରେ ସେମାନେ ମୁକୁଳିବେ ବୋଲି ଜଣାପଡ଼ିଛି।

# ମହାନଦୀରେ ବୁଡ଼ି ୩ ମୃତ

ଆଠଗଡ଼, ୫।୩ (ସମିସ): ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁରଠାରେ ପ୍ରବାହିତ ମହାନଦୀର ଅମଙ୍ଗେଇ କୁଦରେ ନିକଟରେ ଗାଧୋଇବା ବେଳେ ପାଣିରେ ବୁଡ଼ି ୨ଜଣ ଯୁବକ ପ୍ରାଣ ହରାଇଛନ୍ତି। ସୋମବାର ଏହି ଅଘଟଣ ଘଟିଛି। ସେହିପରି, ଅନ୍ୟ ୪ ଜଣ ଉଦ୍ଧାର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।





ଆଠଗଡ଼ ଟାଉନ୍‌ର ସଂକଳ୍ପ ମିଶ୍ର, ମନ୍ମଥ ଦାଶ ଓ ଅନ୍ୟ ୨ଜଣ ସାଙ୍ଗଙ୍କ ସହ କନ୍ଦରପୁରର ଚିନ୍ମୟ ଦାସ ଓ ଖୁଣ୍ଟୁଣୀ ଥାନା ଅଧୀନ ରାଧାରମଣପୁରର ସୌଭାଗ୍ୟ ସାହୁ ପ୍ରମୁଖ ମହାନଦୀକୁ ଗାଧୋଇବାକୁ ଯାଇଥିଲେ।

କୂଳ ନିକଟରେ ସେମାନେ ଏକ ଡଙ୍ଗା ଯୋଗେ ଅମଙ୍ଗେଇକୁଦ ପର୍ଯ୍ୟନ୍ତ ଯାଇ ନିକଟରେ ଗାଧୋଉଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ଚିନ୍ମୟ ଓ ସଂକଳ୍ପ କିଛି ଦୂରକୁ ଭାସି ଯାଇଥିଲେ। ପାଖରେ ଥିବା ମତ୍ସ୍ୟଜୀବୀ ଓ ଗ୍ରାମବାସୀ ନଦୀ ଜଳରୁ ପ୍ରଥମେ ଚିନ୍ମୟକୁ ଉଦ୍ଧାର କରି ଦମକଳ ଯୋଗେ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସ୍ଥାନୀୟ ଜନସାଧାରଣ ଓ ଅଗ୍ନିଶମ କର୍ମଚାରୀ ମହାନଦୀ ଗଭୀର ଜଳରୁ ସଂକଳ୍ପକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ମଧ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟ ୨ଜଣ ସୌଭାଗ୍ୟ ଓ ମନ୍ମଥଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି। ଆଠଗଡ଼ ଆଇଆଇସି ସୁମତି ମହାନ୍ତି ଘଟଣା ସମ୍ପର୍କରେ ସୂଚନା ପାଇ ଘଟଣାସ୍ଥଳ ଓ ଡାକ୍ତରଖାନାରେ ସଦଳବଳେ ପହଞ୍ଚି ୨ଟି ଶବ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି। ଏନେଇ ଡାକ୍ତରଖାନା ପରିସରରେ ଶୋକକୁଳ ପରିବେଶ ସୃଷ୍ଟି ହୋଇଥିଲା।

ବଡ଼ମ୍ବା, ୫।୩ (ସମିସ): ହୋଲି ଖେଳି ସାରି ବଡ଼ମ୍ବା ଥାନା ଗୋପୀନାଥପୁର ନିକଟସ୍ଥ ପ୍ରସିଦ୍ଧ ଶୈବ ପୀଠ ସିଂହନାଥ ପୀଠକୁ ସଂଯୋଗ କରୁଥିବା ଆସ୍ଥାୟୀ କାଠ ପୋଲ ନିକଟ ରବିବାର ମହାନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳକ ହେଉଛନ୍ତି, ବଡ଼ମ୍ବା ଥାନା ଅନ୍ତର୍ଗତ ତୃଣପୁର ଗ୍ରାମର ପ୍ରିୟାଂଶୁ ବେହେରା (୧୫)।



ସୂଚନା ଅନୁଯାୟୀ, ପ୍ରିୟାଂଶୁ ନିଜର କିଛି ସାଙ୍ଗଙ୍କ ସହିତ ମିଶି ତାଙ୍କ ଗାଁରେ ହୋଲି ଖେଳିଥିଲେ। ରଙ୍ଗ ଖେଳ ସରିବା ପରେ ପ୍ରାୟ ଦିନ ୧୦ଟା ୩୦ ସମୟରେ ସେମାନେ ଗାଧୋଇବା ପାଇଁ ଗୋପୀନାଥପୁର- ସିଂହନାଥ ପୀଠକୁ ସଂଯୋଗ ଆସ୍ଥାୟୀ କାଠ ପୋଲ ନିକଟ ମହାନଦୀକୁ ଯାଇଥିଲେ। କାଠ ପୋଲ ନିକଟରେ ଗାଧୋଇବା ସମୟରେ ମହାନଦୀର ପ୍ରବଳ ସ୍ରୋତରେ ପ୍ରିୟାଂଶୁଙ୍କର ଦୁଇ ଜଣ ସାଙ୍ଗ ଅସାବଧାନତାବଶତଃ ଗଭୀର ପାଣିକୁ ଚାଲିଯାଇଥିଲେ। ସାଙ୍ଗମାନଙ୍କୁ ବିପଦରେ ଦେଖି ପ୍ରିୟାଂଶୁ ସେମାନଙ୍କୁ ରକ୍ଷା କରିବାକୁ ଆଗେଇ ଆସିଥିଲେ। ହେଲେ ସାଙ୍ଗମାନେ କୌଣସି ମତେ କୂଳକୁ ଫେରି ଆସିବାରେ ସଫଳ ହୋଇଥିଲେ ହେଁ ପ୍ରିୟାଂଶୁ ନିଜେ ସ୍ରୋତର ପ୍ରଖରତା ସମ୍ଭାଳି ନ ପାରି ନଦୀ ଗର୍ଭରେ ନିଖୋଜ ହୋଇଯାଇଥିଲେ। ସାଙ୍ଗମାନଙ୍କ ଚିତ୍କାର ଶୁଣି ସେଠାରେ ଗାଧୋଉଥିବା କିଛି ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇ ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଖୋଜାଖୋଜି କରିବା ପରେ ପ୍ରିୟାଂଶୁଙ୍କୁ ମହାନଦୀ ମଝିରେ ଥିବା ଏକ କୁଦରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଦମକଳ ବାହିନୀ ଏବଂ ବଡମ୍ବା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ପ୍ରିୟାଂଶୁଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ପୁଲିସ ଗାଡ଼ିରେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରିୟାଂଶୁ ସୁନାପାଳ ଡିଏଭି ସ୍କୁଲର ଜଣେ ମେଧାବୀ ଛାତ୍ର ଥିଲେ ଏବଂ ତାଙ୍କର ଏଭଳି ଅକାଳ ବିୟୋଗରେ ତୃଣପୁର ଗ୍ରାମ ସମେତ ସମଗ୍ର ବଡ଼ମ୍ବା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରାଜ୍ୟ ପରିବେଶ ସଚିବଙ୍କୁ କେନ୍ଦ୍ରର ରିପୋର୍ଟ ତଲବ

ଭୁବନେଶ୍ୱର, ୫।୩(ସମିସ): ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (ଏସ୍‌ଇଆଏଏ) ଏବଂ ରାଜ୍ୟ ପରିବେଶ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି (ଏସ୍‌ଇଏସି)ର ଅବୈଧ ଗଠନ ଉପରେ ଗମ୍ଭୀର ଉଦବେଗ ପ୍ରକାଶ କରିଛି କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ। ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ୨୦୨୨ ଓ ୨୦୨୪ର ନିର୍ଦ୍ଦେଶାବଳୀ ଉଲ୍ଲଙ୍ଘନ ଯୋଗୁଁ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କୁ ମନ୍ତ୍ରଣାଳୟ ରିପୋର୍ଟ ତଲବ କରିଛି। ରାଜ୍ୟ ବନ ବିଭାଗ ଏହି ଦୁଇ ମାର୍ଗଦର୍ଶିକାର ଉଲ୍ଲଂଘନ କରି କମିଟି ଗଠନ କରିଥିବାରୁ ଏଭଳ କରାଯାଇଥିବା ଜଣାପଡ଼ିଛି।

ପୂର୍ବ ମାର୍ଗଦର୍ଶିକା ଅନୁଯାୟୀ 'ଏସ୍‌ଇଆଏଏ' ଓ 'ଏସ୍‌ଇଏସି' କମିଟିର ୩୦-୫୦ ପ୍ରତିଶତ ସଦସ୍ୟ ଏଥିରେ ରହିବା ନିୟମ ଥିଲେ ମଧ ଜଣେ ହେଲେ ସଦସ୍ୟଙ୍କୁ ବି ଏଥିରେ ରଖାଯାଇ ନାହିଁ। ବିଭିନ୍ନ ସରକାରୀ ପ୍ରତିଷ୍ଠାନର କର୍ମଚାରୀ/ଅଧପକ ପ୍ରସ୍ତାବିତ ସଦସ୍ୟ ଭାବେ ସକ୍ରିୟ ସରକାରୀ/ଶିକ୍ଷାକ୍ଷେତ୍ର ସେବାରେ ଅଛନ୍ତି। ସେମାନେ ପୂର୍ଣ୍ଣ ବେତନ ଓ ସୁବିଧା ପାଉଛନ୍ତି, ଯାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୦୨(୧)(କ) ଓ ଇଆଇଏ ବିଜ୍ଞପ୍ତି, ୨୦୦୬ର ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି। ଏଥିରେ ଶିଳ୍ପ, ଖଣି, ରସାୟନ ଜଳବାୟୁ ପରିବେଶ ପ୍ରଭାବ କ୍ଷେତ୍ରରେ ଅଭିଜ୍ଞତା ଥିବା ବିଶେଷତ ଅବସରପ୍ରାପ୍ତ ବିଶେଷଜ୍ଞଙ୍କୁ ଅଗ୍ରାଧିକାର ନିୟମକୁ ଅଣଦେଖା କରାଯାଇଛି ବୋଲି ଅଭିଯୋଗ କରି ଗତ ଡିସେମ୍ବର ୮ ତାରିଖରେ ଆମ ଜନତା ଅଧିକାର ସହ ଆବାହକ ବାସୁଦେବ ଭଟ୍ଟ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ୫ ତାରିଖରେ ରାଜ୍ୟର ବିଭାଗୀୟ ସଚିବଙ୍କୁ କେନ୍ଦ୍ର ସଚିବ ରିପୋର୍ଟ ତଲବ କରିଥିବା ନେଇ ସଂଗଠନ ପକ୍ଷରୁ କୁହାଯାଇଛି।

## ■ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ମୁଖ୍ୟମନ୍ତ୍ରୀ 'ରାଜ୍ୟ ଏଆଇ ମିଶନ' କାର୍ଯ୍ୟକାରିତାକୁ ଗୁରୁତ୍ୱ

ଭୁବନେଶ୍ୱର, ୫।୩(ସମିସ): ଆର୍ଥିକ ବର୍ଷ ୨୦୨୬-୨୭ ବଜେଟ୍‌ରେ ଘୋଷିତ ନୂଆ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରମୁଖ ଉପକ୍ରମଗୁଡ଼ିକର ବଜେଟ୍ ଅନୁମୋଦନକୁ ଦୃଷ୍ଟିରେ ରଖି ଆଗୁଆ ତାହାର କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତି କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବ ସ୍ତରୀୟ ବୈଠକରେ ସମସ୍ତ ନୂଆ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ସମ୍ପର୍କରେ ସଂପୃକ୍ତ ସଚିବମାନଙ୍କ ସହିତ ଆଲୋଚନା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ "ରାଜ୍ୟ ଏଆଇ ମିଶନ'କୁ ଗୁରୁତ୍ୱ ଦେଇଥିବା ବେଳେ ଭାରତର ଅଗ୍ରଣୀ କୃତ୍ରିମ ବୁଦ୍ଧିମତ୍ତା ସଂସ୍ଥା "ସର୍ବମ୍ ଏଆଇ' ପକ୍ଷରୁ ରାଜ୍ୟ ସରକାରଙ୍କ ସହ ସହଯୋଗ ସମ୍ଭାବନା ସମ୍ପର୍କରେ ଏକ ଉପସ୍ଥାପନା କରାଯାଇଥିଲା। ସଂସ୍ଥା ପକ୍ଷରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରଶାସନରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ମାଧ୍ୟମରେ ବିଭାଗୀୟ କାର୍ଯ୍ୟକୁ ଅଧିକ ସହଜ, ଦ୍ରୁତ ଓ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ପ୍ରସ୍ତାବ ରଖାଯାଇଥିଲା।

ବୈଠକରେ ରାଜ୍ୟର ଆର୍ଥିକ ସ୍ଥିତି ଏବଂ ୨୦୨୬ ଫେବୃଆରୀ ମାସ ଶେଷ ସୁଦ୍ଧା ହୋଇଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦିତ ଖର୍ଚ୍ଚ ଅଗ୍ରଗତି ସଂପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟ ସଚିବ ସମସ୍ତ ବିଭାଗକୁ ଧାର୍ଯ୍ୟ ସମୟ ଚଳିତ ମାସ ଶେଷ ସୁଦ୍ଧା ବଜେଟ୍ ଅନୁମୋଦନ ହିସାବରେ ଖର୍ଚ୍ଚ ଉପଯୋଗ କରିବା ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ପ୍ରସ୍ତାବିତ ନୂତନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରସ୍ତୁତି କରିବାକୁ ବିଶେଷ ଦୃଷ୍ଟି ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

# ପର୍ଯ୍ୟାପ୍ତ ମାନବସମ୍ବଳ ହିଁ ଆଇନଶୃଙ୍ଖଳା ଏବଂ ତଦନ୍ତ ବିଭାଗକୁ ଅଲଗା କରିପାରିବ: ଡିଜି

ଭୁବନେଶ୍ୱର, ୫।୩(ସମିସ): ଭୁବନେଶ୍ୱର ପୁଲିସ ଜିଲ୍ଲା ଉପରେ ଆଇନ୍‌ଶୃଙ୍ଖଳା ସବୁ ସମୟରେ ଏକ ବୋଝ ଭଳି ରହୁଛି। ଏହାଦ୍ୱାରା ତଦନ୍ତ ଅଧପନ୍ତରିଆ ହେଉଛି। କେତେବେଳେ ପୁଲିସ ଠିକ୍ ସମୟରେ ଚାର୍ଜସିଟ୍ ଠିକ୍ ସମୟରେ ଦାଖଲ କରିପାରୁନାହିଁ। କେତେବେଳେ ଅପରାଧସ୍ଥଳରେ ପହଁଞ୍ଚିବାକୁ ବିଳମ୍ବ ହୋଇଯାଉଛି। ଏଣୁ ଭୁବନେଶ୍ୱର ପୁଲିସ ବ୍ୟବସ୍ଥାରେ ଆଇନ୍‌ଶୃଙ୍ଖଳା ଏବଂ ତଦନ୍ତ ବିଭାଗକୁ ଅଲଗା କରିବାକୁ ବହୁ ଦିନ ହେବ ଦାବି ହୋଇ ଆସୁଛି। ହେଲେ ମାନବସମ୍ବଳ ଅଭାବର ଏହା ହୋଇ ନ ପାରି ଥଣ୍ଡା ବସ୍ତାକୁ ଚାଲି ଯାଉଛି। ଏହା ମଧ୍ୟରେ ନୂତନ ଭାବେ ଭାରତୀୟ ନ୍ୟାୟ ସଂହିତା ଲାଗୁ କରାଗଲାଣି। ହେଲେ ଭୁବନେଶ୍ୱର ପୁଲିସ ଜିଲ୍ଲାରେ କିନ୍ତୁ ପୁଲିସ ସୁଧାର ଆସି ପାରିଲା ନାହିଁ। ଆଇନ୍‌ଶୃଙ୍ଖଳା ଏବଂ ତଦନ୍ତ ବିଭାଗ ଅଲଗା ହୋଇପାରିଲା ନାହିଁ। ଏସମ୍ପର୍କରେ ପୁଲିସ ଡିଜି ୱାଇ.ବି ଖୁରାନିଆ କହିଛନ୍ତି କୌଣସି ଜିଲ୍ଲାରେ ପର୍ଯ୍ୟାପ୍ତ ମନବସମ୍ବଳ ରହିଲେ ହିଁ ଏହି ବ୍ୟବସ୍ଥାକୁ ସମ୍ଭବ କରିପାରିବ ବୋଲି ଡ଼ିଜି କହିଛନ୍ତି ।

## ପୀତବାସ ପଣ୍ଡାଙ୍କ ହତ୍ୟା ମମାଲା

# ବିକ୍ରମ ପଣ୍ଡା ଓ ଶିବଶଙ୍କର ଦାଶଙ୍କ ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି ୯ରେ

କଟକ, ୫।୩ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶଙ୍କ ତରଫରୁ ଦାୟର ଜାମିନ ଆବେଦନର ଶୁଣାଣି ଅସମ୍ପୂର୍ଣ୍ଣ ରହିଛି। ମାମଲାର ତଦନ୍ତକାରୀ ଅଧିକାରୀଙ୍କ ତରଫରୁ ସତ୍ୟପାଠ ମାଧ୍ୟମରେ ଶ୍ରୀ ପଣ୍ଡାଙ୍କ ଜାମିନ ଆବେଦନକୁ ବିରୋଧ କରି ସରକାରଙ୍କ ତରଫରୁ ଲିଖିତ ଆପତ୍ତି ଦାଖଲ କରାଯାଇଥିଲା। ମାର୍ଚ୍ଚ ୯କୁ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ। ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୁଇ ଜାମିନ ଆବେଦନର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫, ଡିସେମ୍ବର ୧୬ରେ ବ୍ରହ୍ମପୁର ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତ ଆବେଦନାକରୀଙ୍କ ଜାମିନ ଖାରଜ କରିଥିଲେ। ଅତିରିକ୍ତ ଦୌରାଜଜ୍ ଅଦାଲତଙ୍କ ଜାମିନ ଖାରଜ ନିର୍ଦ୍ଦେଶକୁ ଚାଲେଞ୍ଜ କରି ହାଇକୋର୍ଟରେ ଜାମିନ ଆବେଦନ ଦାୟର କରିଥିଲେ ଆବେଦନକାରୀ।




ସକାଳ
THE SAKALA

# ସମ୍ପାଦକୀୟ



ଖାଦ୍ୟ ଅପଚୟ କରିବା, ଗରିବ ଓ ବୁଭୁକ୍ଷୁର ଖାଇବା ଥାଳିକୁ ଚୋରି କରି ନେବା ସହିତ ସମାନ।
ପୋପ୍ ଫ୍ରାନ୍‌ସିସ୍

## ଉତ୍କଟ ହେବ ସାର ସଙ୍କଟ!

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଭାରତରେ ଇନ୍ଧନ(ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ) ସମସ୍ୟା ସୃଷ୍ଟି ହେବ ଏବଂ ଏହାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଇନ୍ଧନ ଆବଶ୍ୟକତାର ୮୮ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରୁଥିବା ଭାରତର ଏହି ଚିନ୍ତା ରୁଷ ସହାୟତାରେ କିଛି ପରିମାଣରେ ଟଳିଯାଇପାରେ। କିନ୍ତୁ ଆଗକୁ ସାର ହିଁ ଅସଲ ସଙ୍କଟ ସୃଷ୍ଟି କରିବାକୁ ଯାଉଥିବା କୃଷି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଭାରତ ଭଳି କୃଷିପ୍ରଧାନ ଦେଶ ଏ ପର୍ଯ୍ୟନ୍ତ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିନାହିଁ। ଏଣୁ ବିଶ୍ୱରେ ଯୁଦ୍ଧ ଭଳି ସଙ୍କଟ ସୃଷ୍ଟି ହେଲେ ଭାରତର କୃଷି ଅର୍ଥନୀତି ପ୍ରଭାବିତ ହେଉଛି। ଗତ ବର୍ଷ ପରିସ୍ଥିତି ସ୍ୱାଭାବିକ ଥିବା ସତ୍ତ୍ୱେ ଓଡ଼ିଶା ସମେତ ପଞ୍ଜାବ, ହରିଆଣା, ବିହାର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର ଚାଷୀମାନେ ସାର ପାଇଁ ନାହିଁ ନଥିବା ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଅଙ୍ଗର ଯୁଦ୍ଧ ଚାଲିଥିବାରୁ ଏହା ଏତେଶୀଘ୍ର ପ୍ରଶମିତ ହେବାର ସମ୍ଭାବନା ଦେଖାଯାଉନାହିଁ। ତେଣୁ ମୌସୁମୀ ପୂର୍ବରୁ ଭାରତ ଏଥିପ୍ରତି ଆଗୁଆ ପଦକ୍ଷେପ ନେବା ଆବଶ୍ୟକ।

ଭାରତୀୟ କୃଷିରେ ଡିଏପି ଓ ୟୁରିଆର ଚାହିଦା ଅଧିକ। ଅପରପକ୍ଷରେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ ଉପରେ ନିର୍ଭରଶୀଳ। ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଥିଲା। କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି। ତେଣୁ ଭାରତ ବାଧ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସିବା ବ୍ୟତୀତ ବିକଳ୍ପ ନାହିଁ। ତେଣୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଏବଂ ସାର ପହଞ୍ଚିବାରେ ବିଳମ୍ବ ହେବା ସ୍ୱାଭାବିକ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଭାରତର ଡିଏପି ଓ ୟୁରିଆ ଆମଦାନୀ ପ୍ରାୟ ୨୫% ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଏହିସବୁ କାରଣ ସହିତ ଭାରତର ଅସ୍ଥିମଜ୍ଜାଗତ ପରମ୍ପରା କଳାବଜାରୀ ମିଶିଗଲେ ଆଗକୁ ସାର ସଙ୍କଟ ନିୟନ୍ତ୍ରଣ ବାହାରକୁ ଚାଲିଯିବା ଏକପ୍ରକାର ନିଶ୍ଚିତ। ଏବେ ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ ଏହାର ପ୍ରତ୍ୟକ୍ଷ ପ୍ରଭାବ ଦେଶର ଖାଦ୍ୟ ଉତ୍ପାଦନ ଓ ମୁଦ୍ରାସ୍ଫୀତି ଉପରେ ପଡ଼ିବା ଅନିବାର୍ଯ୍ୟ।

ଏଭଳି ଏକ ସମୟରେ କେନ୍ଦ୍ର ସରକାରଙ୍କ ସାର ବାବଦ ରିହାତି ନୀତି ଆଉ ଏକ ସଙ୍କଟ ସୃଷ୍ଟି କରିବାକୁ ଯାଉଥିବା ଅଭିଯୋଗ ହେଉଛି। ଏଣିକି କେନ୍ଦ୍ର ସରକାର ସାର ବାବଦ ରିହାତି କୃଷକମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ହସ୍ତାନ୍ତର(ଡିବିଟି) କରିବାକୁ ନିଷ୍ପତ୍ତି ନେଇଛନ୍ତି। ପାଇଲଟ୍ ପ୍ରକଳ୍ପ ଭାବରେ ପଞ୍ଜାବରେ ୧.୭ ଟ୍ରିଲିୟନ୍(୧ ଟ୍ରିଲିୟନ=୧ଲକ୍ଷ କୋଟି) ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ଯିବ ବୋଲି ଘୋଷଣା ହୋଇସାରିଛି। ସାର ବାବଦ ରିହାତି ପ୍ରତ୍ୟକ୍ଷ ହସ୍ତାନ୍ତର ଦ୍ୱାରା ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ ଏବଂ ଏହାଦ୍ୱାରା ଚାଷୀମାନେ ନିଜ ଇଚ୍ଛା ଓ ସୁବିଧା ଅନୁଯାୟୀ ସାର କିଣି ବ୍ୟବହାର କରିପାରିବେ ବୋଲି ସରକାର ଯୁକ୍ତି କରିଛନ୍ତି। ଏହାଦ୍ୱାରା ମଧ୍ୟ କଳାବଜାରୀ ହ୍ରାସ ପାଇବ ବୋଲି ସରକାର ଆଶା କରିଛନ୍ତି। ଅପରପକ୍ଷରେ ଏହି ନୀତିର ବିରୋଧକାରୀଙ୍କ ମତରେ ଏହିକ୍ରମରେ ସରକାର ସାର ବାବଦ ରିହାତି ପରିମାଣ କ୍ରମାନ୍ୱୟରେ ହ୍ରାସ କରିବେ, ଯେଭଳି ଏବେ ରୋଷେଇ ଗ୍ୟାସ୍ ସିଲିଣ୍ଡରରେ ହେଉଛି।

ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ସାର ବାବଦ ରିହାତି ରାଶି ସରକାର ସିଧାସଳଖ ସାର ଉତ୍ପାଦନକାରୀଙ୍କୁ ଦେଉଛନ୍ତି ଏବଂ ଚାଷୀମାନେ ସରକାରୀ ଘୋଷିତ ଦରରେ ସାର କିଣୁଛନ୍ତି। ଉଦାହରଣସ୍ୱରୂପ ଏବେ ୪୫ କିଲୋଗ୍ରାମ ଓଜନ ବିଶିଷ୍ଟ ୟୁରିଆ ସାର ବସ୍ତାକୁ ଚାଷୀମାନେ ୨୭୦ ଟଙ୍କାରେ କିଣୁଥିବା ବେଳେ ତାହାର ବାସ୍ତବ ମୂଲ୍ୟହେଉଛି ୨୪୦୦ ଟଙ୍କା। ଏହି ତଫାତ୍‌କୁ କେନ୍ଦ୍ର ସରକାର ଭରଣା କରୁଛନ୍ତି। ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନା ଲାଗୁ ହେବା ପରେ ଚାଷୀମାନଙ୍କୁ ସମ ପରିମାଣର ୟୁରିଆ୨୪୦୦ ଟଙ୍କା ଦେଇ କିଣିବାକୁ ପଡ଼ିବ। ନଗଦ ପ୍ରତ୍ୟକ୍ଷ ହସ୍ତାନ୍ତର ଯୋଜନାରେ ସରକାରଙ୍କର କିଛି ଲାଭ ହେବ ନାହିଁ, ଅଧିକନ୍ତୁ କୃଷି ଉତ୍ପାଦ ଖର୍ଚ୍ଚରେ ଏହି ରାଶି ଯୋଡ଼ି ହୋଇ ମହଙ୍ଗା ହେବ। ଏହାଛଡ଼ା ଏବେ ଆମ ଦେଶରେ ଭାଗଚାଷୀଙ୍କ ସଂଖ୍ୟା ଜମି ମାଲିକଙ୍କ ତୁଳନାରେ ଅଧିକ ଥିବାରୁ ଏହି ଯୋଜନାର ପ୍ରତ୍ୟକ୍ଷ ଲାଭ ପ୍ରକୃତ ହିତାଧିକାରୀ ପାଇବାରେ ଅନେକ ପ୍ରତିବନ୍ଧକ ସୃଷ୍ଟି ହେବ। ସାମଗ୍ରିକ ଭାବରେ ଦୀର୍ଘମିଆଦୀ ସମୟରେ କୃଷି ଋଣ ପରିମାଣ ବୃଦ୍ଧି ପାଇବ ଏବଂ କ୍ଷୁଦ୍ର ଓ ମଧ୍ୟମ ଚାଷୀମାନେ ପ୍ରତିଯୋଗିତା କରି ନ ପାରି କୃଷିକାର୍ଯ୍ୟ ଛାଡ଼ିବାକୁ ବାଧ ହେବେ। ଭାରତ ସରକାର ଆମେରିକା ସହିତ କରିଥିବା ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ ସେଠାକାର କୃଷି ଉତ୍ପାଦର ଭାରତ ପ୍ରବେଶ ପାଇଁ ପଥ ସୁଗମ ହେବାକୁ ଯାଉଛି। ତେଣୁ ଏହି ବୁଝାମଣା ଆଧାରରେ ଭାରତ ସରକାରଙ୍କ ଏହା ଏକ ଗୁପ୍ତ କାର୍ଯ୍ୟକ୍ରମ ବୋଲି ମଧ୍ୟ ଅଭିଯୋଗ ହେଉଛି। ଡବ୍ଲ୍ୟୁଟିଓ କୃଷି ବାବଦ ରିହାତି ହ୍ରାସ କରିବାକୁ ଭାରତ ଉପରେ ବାରମ୍ବାର ଚାପ ପକାଇ ଆସୁଛି। ସିଧାସଳଖ ରିହାତି ହ୍ରାସ କଲେ ସରକାରଙ୍କୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ। ତେଣୁ ଏହିକ୍ରମରେ ବା ଡିବିଟି ଜରିଆରେ ରିହାତି ବ୍ୟବସ୍ଥାର ଧାରା ପରିବର୍ତ୍ତନ କରି ଶେଷରେ ସମ୍ପୂର୍ଣ୍ଣ ପ୍ରତ୍ୟାହାର କିମ୍ବା ନାମକୁ ମାତ୍ର ଦେବାର ଧାରା ଲାଗୁ ହେଲେ ସେତେବେଳକୁ ଏହାକୁ ପ୍ରତିବାଦର ସ୍ୱର କିମ୍ବା ପ୍ରତ୍ୟାହାର କରିବାର ସମ୍ଭାବନା ମଉଳି ଯାଇଥିବ।

ତେଣୁ ଏକପକ୍ଷରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଅପରପାର୍ଶ୍ୱରେ କେନ୍ଦ୍ର ସରକାରଙ୍କ ସୁପରିକଳ୍ପିତ ସାର ରିହାତି ଯୋଜନାରେ ଆମ ଦେଶର ଚାଷୀମାନେ ହିଁ ନୟାନ୍ତ ହେବା ନିଶ୍ଚିତ। ଏହାର ପରୋକ୍ଷ ପୀଡ଼ିତ ହେବେ ଦେଶର ବିଶାଳ ଖାଉଟି ବର୍ଗ। ଦେଶର ଅର୍ଥନୀତି ମଧ୍ୟ ଏଥିରୁ ବର୍ତ୍ତିବ ନାହିଁ। ତେଣୁ ସରକାର ଏହି ଯୋଜନାକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବା ପୂର୍ବରୁ ସଂସଦର ଚଳିତ ବଜେଟ୍ ଅଧିବେଶନରେ ଆଭିମୁଖ୍ୟ ସ୍ପଷ୍ଟ କରିବା ଆବଶ୍ୟକ।

## ଅନ୍ୟ ଏକ ସ୍ୱାଧୀନତା ସଂଗ୍ରାମର ଇସ୍ତାହାର

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଦିଲ୍ଲୀ ମହାନଗରୀର ସୁସଜ୍ଜିତ ଭାରତ ମଣ୍ଡପରେ ବସିଥିଲା ବଛା ବଛା ଏ.ଆଇ. ବିଜ୍ଞାନୀ, ବିଶାରଦମାନଙ୍କ ସମ୍ମିଳନୀ। ଖୁସି ଓ ଗର୍ବରେ ଫାଟି ପଡୁଥିଲେ 'ସବୁ ଭଲ, ସବୁ ସୁନ୍ଦର' ରଟି ହେବାରେ ଅଭ୍ୟସ୍ତ ହୋଇପଡ଼ିଥିବା ଭାରତମାତାଙ୍କ ସୁଯୋଗ୍ୟସନ୍ତାନ ଆମେ ସଭିଏଁ। ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ପ୍ରଚଣ୍ଡ ଦେଶାତ୍ମବୋଧଜନିତ ଭାବାବେଗରେ ଲୁତୁପୁତୁ ହୋଇ ପଡ଼ିଥିବା ପ୍ରଚଣ୍ଡ ମହାତ୍ତ୍ୱାକାଂକ୍ଷୀ ନାଗରିକ ଆମେ। ଦେଶ ଆମର ଆଗେଇ ଚାଲିଛି ବୁଲେଟ୍ ଟ୍ରେନ୍‌ର ଗତିରେ। ଚାରି କି ପାଞ୍ଚ ଟ୍ରିଲିୟନ୍‌ର ଅର୍ଥନୈତିକ ମହାଶକ୍ତି ହେବାକୁ ଆଉ କେଇଟାବର୍ଷ ମାତ୍ର ବାକି। ଏ ଚମତ୍କାରିତା ପୁଣି ସମ୍ଭବ ହେବାକୁ ଯାଉଛି ଆମେ ଆମ ଧର୍ମ, ପରମ୍ପରା, ସଂସ୍କୃତିର ଧ୍ୱଜା ଉଡ଼ାଇ ଚାଲିଥିବା ବେଳେ, ଆମ ସନାତନୀ 'ଜ୍ଞାନାଲୋକ'ର ଶ୍ରେଷ୍ଠତାର ଆବେଗଘନ ଉଦ୍‌ଘୋଷଣା କରିଚାଲିଥିବା ବେଳେ। ସମଗ୍ର ବିଶ୍ୱ ତଟସ୍ଥ ମୁଦ୍ରାରେ ଦେଖିଚାଲିଛି 'ଭାରତୀୟତା'ର ନବାଭିଷେକ ଏଇ ଅତ୍ୟାଧୁନିକ କାଳଖଣ୍ଡରେ।

ମାତ୍ର ବହୁ ବିରୋଧାଭାସର ଆବର୍ତ୍ତ ଓ ସଂଗମ ହେଉଛି ଏ 'ଭାରତୀୟତା'ର ମଞ୍ଜି ସ୍ୱରୂପ। ଏହାର ସଦ୍ୟତମ ନମୁନାଟିଏ ଆମେ ପାଇଲେ ବିଶ୍ୱବିଶ୍ରୁତ ସର୍ବଧର୍ମ-ସମନ୍ୱୟୀ ଜଗନ୍ନାଥଙ୍କ ପାବନ ଭୂମି ଓଡ଼ିଶାରେ। ସମଗ୍ର ବିଶ୍ୱ ତେଣୁ ପୁନଶ୍ଚ ନିଶ୍ଚିତ ହୋଇଗଲା ଯେ ଏ ପ୍ରାଚୀନତମ ଭୂଖଣ୍ଡ ଆଧୁନିକତାର ପରସ୍ତ ପରସ୍ତ ପୋଷାକ ଯେତେ ପିନ୍ଧିଲେ ମଧ୍ୟ କଦାପି ହେଲେ ଭୁଲିଯିବ ନାହିଁ ତା'ର ସନାତନୀ ସଂସ୍କାର, ତା'ର ଗୌରବୋଜ୍ଜ୍ୱଳ ଐତିହ୍ୟ। କ'ଣ ସେ ସଂସ୍କାର, ସେ ଐତିହ୍ୟ? ତାହା ମୂଳତଃ ହେଉଛି ସ୍ପୃଶ୍ୟ-ଅସ୍ପୃଶ୍ୟ ଭେଦରେ ରେଖାଙ୍କିତ ହୋଇଥିବା ନାନାବିଧ ବିଚାର, ଆଦର୍ଶ ତଥା ଜୀବନଧାରା। ସଦ୍ୟତମ ନମୁନାଟିଏ ଆମ ଆଗରେ, ଏ ଆଇ କନ୍‌କ୍ଲେଭରେ ଯୋଗ ଦେଇଥିବା ଅତିଥିମାନଙ୍କ ଆଗରେ ଏବଂ ସମଗ୍ର ବିଶ୍ୱ ଆଗରେ ପେସ୍ କରିଦେଲା ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ ଅଖ୍ୟାତ ଗ୍ରାମ। ଉକ୍ତ ଗ୍ରାମସ୍ଥିତ ଅଙ୍ଗନବାଡ଼ିରେ ନିଯୁକ୍ତି ପାଇଥିବା ଜଣେ ଦଳିତ ବର୍ଗର ଯୁବତୀଙ୍କ ହାତରନ୍ଧା ଖାଦ୍ୟ ସେମାନଙ୍କ ପିଲାମାନେ ସ୍ପର୍ଶ କରିବେ ନାହିଁ ବୋଲି ହୁକୁମନାମାଟିଏ ଜାରି କରିଦେଲେ ସେହି ଗ୍ରାମର ତଥାକଥିତ ସବର୍ଣ୍ଣ ମୁଖିଆମାନେ। ଭାରତ ମଣ୍ଡପର ଏ.ଆଇ କନ୍‌କ୍ଲେଭର ସାମ୍ ଅଲଟାମ୍ୟାନ୍, ସୁନ୍ଦର ପିଚାଇ, ଡାରିଓ ଆମୋଡେଇମାନେ ବିକଶିତ ଭାରତ ପାଇଁ ଏ.ଆଇ ନକ୍‌ସାମାନ ଆଙ୍କୁଥିବା ବେଳେ ଭାରତୀୟ ସଂସ୍କାର, ଭାରତୀୟ ଐତିହ୍ୟର ଏମନ୍ତ ବିରୋଧାଭାସାକ୍ରାନ୍ତ ସ୍ୱରୂପ ସଂପର୍କରେ ନିଶ୍ଚୟ ଜାଣିଯାଇଥିବେ ଏବଂ ଏହା ବି ଏକପ୍ରକାର ନିଶ୍ଚିତ ଯେ ସେମାନେ ଯେତେ ବୁଦ୍ଧିମତ୍ତା ସଂପନ୍ନ ହେଲେ ମଧ୍ୟ ଏତାଦୃଶ ଜଟିଳତମ ଭାରତୀୟ ବିରୋଧାଭାସର କି ପ୍ରକାର ବ୍ୟାଖ୍ୟା କରିବେ, ସେ ସଂପର୍କରେ ଭାଳି ହୋଇଚାଲିବେ ଆପଣା ଆପଣାର ଏ.ଆଇ ଗବେଷଣାଗାରମାନଙ୍କରେ ବେଶ୍ କିଛିକାଳ ପର୍ଯ୍ୟନ୍ତ।

ବାସ୍ତବ ସତ୍ୟଟି ହେଉଛି ଯେ ଆମର ହଜାର କି ଦୁଇହଜାର ବର୍ଷ ତଳର ଧାର୍ମିକ, ସାଂସ୍କୃତିକ ତଥା ସାମାଜିକ ଦୃଷ୍ଟିକୋଣ ଓ ଜୀବନଧାରା ଏବେ ବି ସେମିତି ସତେଜ, ସକ୍ରିୟ ରହିଛି ଅକୃତ୍ରିମ କ୍ରିୟାଶୀଳତା ସହ ବର୍ତ୍ତମାନର ଏଇ କୃତ୍ରିମ ବୁଦ୍ଧିମତ୍ତାର କାଳଖଣ୍ଡରେ। ଆହୁରି, ଆହୁରି ତୀବ୍ରତାର ସହ ଆଚ୍ଛନ୍ନ କରିଚାଲିଛି ଆମର ଚିନ୍ତାଚେତନାକୁ, ଖାସ୍ ଆମର ରାଜନୈତିକ ନେତୃବୃନ୍ଦ ଏବଂ ଅନ୍ଧ ଅନୁଗତ ବୁଦ୍ଧିଜୀବୀମାନଙ୍କ ସୌଜନ୍ୟରୁ। ଏ ଭୂମିରେ ଗାନ୍ଧୀ, ନେହେରୁ ଆମ୍ବେଦକରମାନଙ୍କର ଆବିର୍ଭାବ ସତ୍ତ୍ୱେ, ସମତା, ବାକ୍‌ସ୍ୱାଧୀନତା, ଭ୍ରାତୃତ୍ୱଭାବ ଓ ବୈଜ୍ଞାନିକ ବିଚାରଶୀଳତା ପରି ସର୍ବୋତ୍ତମ ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରିତ ସମ୍ବିଧାନଟିଏ ଆମ ପାଖରେ ଥିବା ସତ୍ତ୍ୱେ ଏବଂ ସେହି ସମ୍ବିଧାନରେ ମାରାତ୍ମକ ଦୁର୍ଗୁଣ 'ଜାତିବାଦ'ର ବିଲୋପନ ପାଇଁ ଏକାଧିକ ଧାରା, ଉପଧାରା ଉଲ୍ଲିଖିତ ହୋଇଥିବା ସତ୍ତ୍ୱେ ଆମେ ପ୍ରାୟ ନିରବଚ୍ଛିନ୍ନ ଭାବରେ ଦେଖିଚାଲିଛେ କୋଟି କୋଟି ଦଳିତବର୍ଗର ମଣିଷମାନଙ୍କର ନିଷ୍ପେଷଣ।

ଯେତେବେଳେ ଆମ ପାଖରେ ଊନବିଂଶ ଶତାବ୍ଦୀର ଶେଷ ଚାରିଦଶକରୁ ବିଂଶ ଶତାବ୍ଦୀର ପଚାଶ ବା ଷାଠିଏ ଦଶକ ମଧ୍ୟରେ ଯୋଗଜନ୍ମା ଧର୍ମ, ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ଓ ଆଧୁନିକ ଚେତନାର ଅଗ୍ରଗାମୀ ଚିନ୍ତକ, ବୈପ୍ଳବିକ ସାଧକମାନେ ଥିଲେ ଏବଂ ଜାତିପ୍ରଥା ରୂପକ ବିଭୀଷିକାର ମୂଳୋତ୍ପାଟନ ପାଇଁ ଉଦ୍ୟମରତ ଥିଲେ, ସେତେବେଳେ ଯେଉଁମାନେ ଆଦୌ କେଉଁ ରକ୍ଷଣଶୀଳ, ରୂଢ଼ିବାଦୀ ବା ପ୍ରଦୂଷିତ ଅସ୍ମିତାବୋଧରେ ଆକ୍ରାନ୍ତ ହୋଇ ନ ଥିଲେ, ସେମାନେ ଭାବି ନେଇଥିଲେ ଯେ ଜାତିପ୍ରଥା -ମହାମାରୀଟି ନିଶ୍ଚୟ ଆଉ କେଇଟି ବର୍ଷ ଭିତରେ ଆମ ଦେଶରୁ ମୂଳପୋଛ ହୋଇଯିବ। ଭାବି ନେଇଥିଲେ ଯେ ଆମ ଲୋକେ ଏଣିକି ଗୋଟିଏ ସୁନ୍ଦର, ସ୍ୱାସ୍ଥ୍ୟପ୍ରଦ ବାତାବରଣରେ ଜୀବନର ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ପାଇଁ ମୁକ୍ତ ଭାବରେ ଠିକଣା ପଦକ୍ଷେପମାନ ନେବେ। ଯୁଗ ଯୁଗ ଧରି ସମାଜର ଅନ୍ଧାର କୋଣମାନଙ୍କରେ ରହିବା ସେମାନଙ୍କ ଭାଗ୍ୟ ବା ପୂର୍ବଜନ୍ମର କର୍ମଫଳ ବୋଲି ଯେଉଁମାନଙ୍କୁ ବଡ଼ ବଡ଼ ଧର୍ମବେତ୍ତାମାନେ ବୁଝାଇ ଦେଇଛନ୍ତି, ସେହିମାନେ ଜାଣିଯିବେ ଯେ ସେ ସବୁ ତୁଚ୍ଛା କଳ୍ପନାପ୍ରସୂତ, ତୁଚ୍ଛା ଖଳଚିନ୍ତା ପ୍ରଣୋଦିତ। ସ୍ୱାଭାବିକ ଭାବରେ ଆମେମାନେ ନିଶ୍ଚିତ ହୋଇଯାଇଥିଲେ ଯେ ଗାନ୍ଧୀବାଦର ବିଜୟ ହେବ; ସ୍ପୃଶ୍ୟ, ଅସ୍ପୃଶ୍ୟ ଭେଦାଭେଦ ଦୂରୀଭୂତ ହୋଇଯିବ; ଶାନ୍ତି, ମୈତ୍ରୀ, ପ୍ରୀତିର ପତାକା ହିମାଳୟଠାରୁ କୁମାରୀକା ଯାଏ ଉଡ଼ିଚାଲିବ। କିନ୍ତୁ ଅତି ବେଦନାଦାୟକ ଭାବରେ ଏ ସୁନ୍ଦର ସ୍ୱପ୍ନଟି ଅଧୁରା ଏବେ ମଧ୍ୟ। ଆଜି ବି ଅର୍ଦ୍ଧାଧିକ ଭାରତୀୟ ଜାତିବାଦର ବିଷବଳୟ ଭିତରେ ପୀଡ଼ିତ, ନିର୍ଯ୍ୟାତିତ। ଆଜି ଗାନ୍ଧୀ, ନେହେରୁ, ଆମ୍ବେଦକରମାନଙ୍କୁ ଆମ ଚେତନା ରାଜ୍ୟରୁ ସଂପୂର୍ଣ୍ଣ ନିର୍ବାସିତ କରିବା ପାଇଁ ଛଳନା, ଶଠତା, ଧର୍ମାନ୍ଧତା ତଥା କ୍ଷମତା ଲୋଲୁପତାର କୁବୁଦ୍ଧିସଂପନ୍ନ ବିଚକ୍ଷଣମାନେ ଯେଉଁ ଖଳଚକ୍ରାନ୍ତମାନ କରି ଚାଲିଛନ୍ତି, ସେଥିରେ ସେମାନେ ପ୍ରାୟ ସଫଳକାମ। ଦୁଃଖଦ ପରିଣତିଟି ହେଉଛି ଜାତିବାଦର ବିଲୋପନ ଆଳରେ ଜାତିବାଦର ଦୃଢ଼ୀକରଣ ପାଇଁ ସେହିମାନଙ୍କ ଦ୍ୱାରା ଅଭିନବ ରାଜନୈତିକ, ସାଂସ୍କୃତିକ ତଥା ସାମାଜିକ ନୀତିନିୟମ, ବିଚାର ଆଦର୍ଶମାନଙ୍କର ଆବିଷ୍କାର କିମ୍ବା ଉଦ୍‌ଭାବନ।

ଏବେ ଆମେ ଶୁଣିସାରିଲେଣି ଯେ କେନ୍ଦ୍ରାପଡ଼ାର ସେ ଚର୍ଚ୍ଚିତ ଦଳିତ ଯୁବତୀଙ୍କ ହାତରନ୍ଧା ଖାଦ୍ୟ ସର୍ବସମ୍ମୁଖରେ ଆପଣା ଆପଣାର ପଦ୍ମମୁଖରେ ଗ୍ରହଣ କରିଛନ୍ତି ଆମ ସମାଜର ଆଗଧାଡ଼ିର ପ୍ରମୁଖମାନେ। ଯେଉଁ ସବର୍ଣ୍ଣମାନେ ଦଳିତ ଯୁବତୀଙ୍କ ବିରୋଧରେ ଫତୁଆ ଜାରି କରିଥିଲେ, ସେମାନଙ୍କୁ ବୁଝାଇ ଶୁଝାଇ ରାଜି କରିବାରେ ବି ସଫଳ ହୋଇଛନ୍ତି ସେମାନେ - ଏଣିକି ସେଇ ଅଙ୍ଗନବାଡ଼ିରେ ଯୁବତୀଙ୍କ ହାତରନ୍ଧା ଖାଦ୍ୟ ଖାଇବାକୁ ରାଜି ହୋଇଛନ୍ତି ସେହି ଗ୍ରାମର ସବର୍ଣ୍ଣ ପିଲାମାନେ। ଗଣମାଧ୍ୟମରେ ବଡ଼ ବଡ଼ ଶିରୋନାମାରେ ପ୍ରସାରିତ ହୋଇ ଚାଲିଥିଲା - ଦଳିତ ଯୁବତୀଜଣଙ୍କ ପାଇଁ ସବର୍ଣ୍ଣମାନଙ୍କ ମନରେ ଓ ହୃଦୟରେ ହଠାତ୍ ଝରି ଯାଇଥିବା ଏଇ ଦରଦ ଓ ସମବେଦନା। କେହି କିନ୍ତୁ ପଦଟିଏ ବି କେଉଁଠି କହିନାହାନ୍ତି ଦୀର୍ଘ ତିନିମାସ ଧରି ସେ ଯୁବତୀଜଣକ ଭୋଗିଥିବା ମାନସିକ ଯନ୍ତ୍ରଣା ସଂପର୍କରେ କିମ୍ବା ଜାତିବାଦର ବିଲୋପନ ପାଇଁ ଆବଶ୍ୟକ ହେଉଥିବା କଠୋର ପଦକ୍ଷେପ, ରାଜନୈତିକ ନୀତି ନିଷ୍ପତ୍ତି ସଂପର୍କରେ। କେହି ମଧ୍ୟ ପଦୁଟିଏ କହିନାହାନ୍ତି ଯେ ଘୃଣ୍ୟ ଜାତିପ୍ରଥା ଆଧାରିତ ବ୍ୟବସ୍ଥାମାନଙ୍କର ଚକ୍ରବ୍ୟୂହରେ କେବଳ କେନ୍ଦ୍ରାପଡ଼ାର ଏ ଯୁବତୀ ନୁହନ୍ତି, ଲକ୍ଷ ଲକ୍ଷ ଦଳିତବର୍ଗର ମଣିଷମାନେ ମଧ୍ୟ ପେଶି ହୋଇଚାଲିଛନ୍ତି ନିରନ୍ତର। କେହି ମଧ୍ୟ କହିନାହାନ୍ତି ଯେ ଯେଉଁ ତାଳିପକା, ପୂରାପୂରି ଲୋକଦେଖାଣିଆ ପଦକ୍ଷେପ ମାଧ୍ୟମରେ ନିର୍ଯାତିତା ଦଳିତ ଯୁବତୀଜଣଙ୍କୁ ନ୍ୟାୟ ପ୍ରଦାନ କରାଗଲା ବୋଲି ଆମେ ଡିଣ୍ଡିମ ପିଟି ଚାଲିଛେ, ସେପ୍ରକାର ପଦକ୍ଷେପ ମାଧ୍ୟମରେ କସ୍ମିନ୍ କାଳେ ଜାତିପ୍ରଥା- ସୃଷ୍ଟ ନିର୍ଯାତନା, ନିଷ୍ପେଷଣର ଅନ୍ତ ହେବ ନାହିଁ।

ଆମମାନଙ୍କୁ ପୂର୍ବଭଳି ସତ୍ୟକାମ ଜାବାଳୀମାନଙ୍କ କଥା କୁହାଯିବ, ପ୍ରଭୁ ରାମଚନ୍ଦ୍ର ଶବରୀର ଅଇଁଠା ଫଳ ଖାଇଥିବା କଥା କୁହାଯିବ, ଶ୍ରୀୟାଚଣ୍ଡାଳୁଣି ଓ ଲକ୍ଷ୍ମୀ ଠାକୁରାଣୀ, ସାଲବେଗ ଓ ଦାସିଆବାଉରୀମାନଙ୍କ କଥା କୁହାଯିବ। ବାରମ୍ବାର ଶୁଣାଇ ଦିଆ ହୋଇଚାଲିବ ଗୀତାରେ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀ 'ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ'। ଆମେ ପୂର୍ବଭଳି ମୋହିତ ହେବା, ଭ୍ରମିତ ହେବା ଏବଂ ଜାତିବ୍ୟବସ୍ଥା, ବର୍ଣ୍ଣାଶ୍ରମ ବ୍ୟବସ୍ଥାର ସକଳ କୁପରିଣାମ ପ୍ରତି ଆଖିକାନ ବୁଜି ଦେଇ ସ୍ୱାହା, ସ୍ୱସ୍ତିର ନିଃଶ୍ୱାସ ନେଇ ଚାଲିବା। କେଉଁଠି କେଉଁ ଦଳିତ ଜଣଙ୍କ ମର୍ମାନ୍ତିକ ମାନସିକ କିମ୍ବା ଶାରୀରିକ ନିର୍ଯାତନାର ଶରବ୍ୟ ହେଉଥିବା ବେଳେ କେଉଁଠି କେଉଁ ସଂପ୍ରଦାୟର କେହିଜଣେ ଭିଡ଼ହିଂସାରେ ଯନ୍ତ୍ରଣା ଭୋଗି ମରୁଥିବା ବେଳେ ଆମେ ରହିଥିବା ନିସ୍ପନ୍ଦ, ନିଶ୍ଚଳ ଓ ନିର୍ବିକାର। ଜାତିପ୍ରଥାର ସମୂଳ ଉତ୍‌ପାଟନ ପାଇଁ ଯେଉଁ ସାଲିସ୍‌ହୀନ ସଂଗ୍ରାମ ଲୋଡ଼ା, ତା'ରି ସମୟ ଉପନୀତ ବର୍ତ୍ତମାନ ବୋଲି କେହି କେବେ କହିବେ ନାହିଁ ଆମକୁ। ତେଣୁ ଆମକୁ ହିଁ ନିଷ୍ପତ୍ତି ନେବାକୁ ହେବ ଏବଂ ସେହି ସାଲିସ୍‌ହୀନ ସଂଗ୍ରାମର ଉଷ୍ମ, ଅଶାନ୍ତ ଓ ଅପ୍ରୀତିକର ଆହ୍ୱାନଗୁଡ଼ିକୁ ନିର୍ଭୟତାର ସହ ସମ୍ମୁଖୀନ ହେବା ପାଇଁ ବଜ୍ରଶପଥ ନେବାକୁ ହେବ।

ବୋଧହୁଏ ଅନ୍ୟ ଏକ ସ୍ୱାଧୀନତା ସଂଗ୍ରାମ ଆମକୁ ଆରମ୍ଭ କରିବାକୁ ହେବ ଏବେ, ଏଇ ଏକବିଂଶ ଶତାବ୍ଦୀର ସମସ୍ତ ପ୍ରକାରର ଘନଘଟା ମଧ୍ୟରେ। କେନ୍ଦ୍ରାପଡ଼ାର ଅଖ୍ୟାତ ଗ୍ରାମର ଦଳିତ ଯୁବତୀଜଣଙ୍କର ପୀଡ଼ା ହିଁ ସେହି 'ଅନ୍ୟ ଏକ ସ୍ୱାଧୀନତା ସଂଗ୍ରାମ'ରେ ଆମେ ପୂର୍ଣ୍ଣପ୍ରାଣରେ ଝାସ ଦେବା ପାଇଁ ଆମକୁ ପ୍ରେରଣା ଦେଇଚାଲିଥିବ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଯେ ଦେଶ ଯାଇ ସେ ଫଳ ଖାଇ

ଜ୍ୟୋତିସ୍ମାନ୍ ଜେନା

ସମ୍ପ୍ରତି ଅନେକ ମେଟ୍ରୋସହରରୁ ମଝିରେ ମଝିରେ ଅଭିଯୋଗଟିଏ ଆସୁଛି ଯେ ହିନ୍ଦୁ ସଭ୍ୟତା ଓ ସଂସ୍କୃତିର ଆଉ ଆଦର ନାହିଁ। ସେଠି ଯାକଯମକରେ ସରସ୍ୱତୀ ପୂଜା ହେଉଛି ନା ହୋଲି ପାଳନ ଅଛି ନା ଦୀପାବଳି ନା ଦଶହରା! ଏହି ଅଭିଯୋଗଟି ଯେତିକି ଉଦ୍‌ବେଗଜନକ, ତା'ପଛରେ ଥିବା କାରଣଗୁଡ଼ିକ ମଧ୍ୟ ତତୋଧିକ ଆଲୋଚନାସାପେକ୍ଷ।

ଭାରତ ଏକ ବିବିଧ ଜଳବାୟୁ ଓ ଭୌଗୋଳିକ ପରିସ୍ଥିତି ସଂପନ୍ନ ବୃହତ ରାଷ୍ଟ୍ର। ତେଣୁ ପର୍ବପର୍ବାଣିଗୁଡ଼ିକ ପ୍ରାକୃତିକ ଋତୁଚକ୍ର, କୃଷି ଓ ଖଗୋଳୀୟ ଘଟଣା ସହ ଗଭୀର ସମ୍ପର୍କିତ। ଏପରିକି ରାଜ୍ୟମାନଙ୍କରେ ମଧ୍ୟ ପର୍ବପର୍ବାଣିରେ ତାରତମ୍ୟ ଦେଖା ଯାଇଥାଏ। ପଞ୍ଜାବରେ ଲୋହରୀ ପର୍ବ ଗହମ ଚାଷ ଅମଳ ଓ ଶୀତ ଋତୁ ଶେଷର ପାଳିତ ହୁଏ। ଆସାମରେ ମାଘବିହୁ, ତାମିଲନାଡୁରେ ପୋଙ୍ଗଲ, ସମଗ୍ର ଭାରତବର୍ଷରେ ମକର ସଂକ୍ରାନ୍ତି ପାଳନ କରାଯାଏ, ଯାହା ଫସଲ ଅମଳ ସହ ଜଡ଼ିତ। ସେହିସମୟରେ ଗୁଜରାଟରେ ସୂର୍ଯ୍ୟନାରାୟଣଙ୍କ ଉତ୍ତରାୟଣ ପାଳିତ ହୋଇଥାଏ, ଯେଉଁଥିରେ ଲୋକେ ଗୁଡ଼ି ଉଡ଼ାଇ ମଉଜ କରିଥା'ନ୍ତି।

ବସନ୍ତ ପଞ୍ଚମୀ ବସନ୍ତ ଋତୁର ଆଗମନକୁ ସୂଚାଏ ଏବଂ ଜ୍ଞାନ, ସଙ୍ଗୀତ ଓ କଳାର ଦେବୀ ସରସ୍ୱତୀଙ୍କ ପୂଜା ଦିନ ଭାବେ, ବିଶେଷକରି ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଆସାମ ଆଦି ପୂର୍ବଭାରତୀୟ ଅଞ୍ଚଳରେ ଗୁରୁତ୍ୱପୂର୍ବକ ପାଳନ ହୁଏ। ଏହାର ପ୍ରଧାନ କାରଣ କେଉଛି ଏହି ଅଞ୍ଚଳଗୁଡ଼ିକ ଗଙ୍ଗା-ବ୍ରହ୍ମପୁତ୍ର ଉର୍ବର ଅଞ୍ଚଳ, ଯେଉଁଠାରେ ମାଘ ମାସରେ ସୋରିଷ ଓ ଅନ୍ୟାନ୍ୟ ଫୁଲ ଫୁଟିଥାଏ। ଏହାସହିତ ପୂର୍ବ ଭାରତରେ ଶିକ୍ଷା, ସାହିତ୍ୟ ଓ ସଙ୍ଗୀତରେ ଐତିହ୍ୟ ବଳବତ୍ତର ଥିବାରୁ ସରସ୍ୱତୀ ପୂଜା ବୃହତ୍ ପରିସରରେ ପାଳିତ ହୁଏ। ଜଳବାୟୁ ମଧ୍ୟ ଏହି ସମୟରେ ଅନୁକୂଳ ଥାଏ, ଯାହା ବାହାରେ ମଣ୍ଡପ ଓ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜା ପାଇଁ ଉପଯୁକ୍ତ। ତେଣୁ ବସନ୍ତ ପଞ୍ଚମୀ କେବଳ ଧାର୍ମିକ ଦିନ ନୁହେଁ; ଏକା ପ୍ରକୃତିର ପୁନର୍ଜୀବନ, ଶିକ୍ଷାର ଆରମ୍ଭ ଓ କୃଷିଚକ୍ରର ଏକ ନୂତନ ପର୍ବର ପ୍ରତୀକ ଭାବେ ପୂର୍ବଭାରତରେ ବିଶେଷ ମହତ୍ତ୍ୱ ରଖେ।

ଉତ୍ତରାଖଣ୍ଡରେ ଫୁଲଦେଇ, ମଣିପୁରରେ ୟାଓସାଂଗ, ଗୋଆରେ ସିଗମୋ ଆଦି ବସନ୍ତ ପର୍ବ ଭାବେ ପାଳିତ ହୁଏ। ପ୍ରାଥମିକତଃ ଉତ୍ତରଭାରତରେ ହୋଲି ବସନ୍ତ ଆଗମନ ଓ ହାଡ଼ଭଙ୍ଗା ଶୀତର ଶେଷର ପରିବର୍ତ୍ତନକୁ ଚିହ୍ନଟ କରେ। ସେ ଶୀତରେ ଅନେକ ଲୋକ ଭଲରେ ଗାଧେଇ ନ ପାରିଥିବା ଯୋଗୁଁ ରଙ୍ଗ ଖେଳ କରି ଫଗୁଣର ପ୍ରାରମ୍ଭ କରନ୍ତି ଏବଂ ବେଶ୍ ମଜା ନେଇ ଗାଧୋଇ ନିଜକୁ ପରିଷ୍କାର କରନ୍ତି। ଦକ୍ଷିଣ ଭାରତରେ କମ ଶୀତ ଯୋଗୁଁ ଏ ପର୍ବ ବେଶୀ ପ୍ରଚଳିତ ନୁହେଁ। ପଞ୍ଜାବରେ ବୈଶାଖୀ, କେରଳରେ ବିଷୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଯଗାଦି, ମହାରାଷ୍ଟ୍ରରେ ଗୁଡ଼ିପଡ଼ୱା, ଆସାମରେ ରଙ୍ଗୋଲି ବିହୁ, ଓଡ଼ିଶାରେ ପଣା ସଂକ୍ରାନ୍ତି ଆଦି ରବି ଫସଲ କଟା ତଥା ଭାରତୀୟ ନବବର୍ଷର ଉତ୍ସବ ରୂପେ ପାଳିତ ହେଇଥାଏ। କେରଳରେ ଓଣମ ଧାନ ଚାଷର ଆରମ୍ଭ ଖୁସିରେ ପାଳିତ ହୁଏ। ଓଡ଼ିଶାରେ ରଜପର୍ବ ବର୍ଷା ଋତୁରେ ପୃଥିବୀର ସୃଜନଶୀଳତାକୁ ସମ୍ମାନ ଦିଏ, ଯେତେବେଳେ କି ନୂଆଁଖାଇ ନୂତନ ଧାନ ଆସିବାର ଅବସରରେ ପାଳନ କରାଯାଏ। ଉତ୍ତର ଭାରତରେ ଦୀପାବଳି ବର୍ଷା ଶେଷରେ ପରିଷ୍କାର ଓ ଆଲୋକର ପ୍ରତୀକ ଭାବେ ପାଳିତ ହୁଏ। ବିହାର ଓ ପୂର୍ବ-ଉତ୍ତର ପ୍ରଦେଶରେ ଛଟ ପୂଜା ନଦୀତଟରେ ସୂର୍ଯ୍ୟ ଉପାସନା ସହ ଜଡ଼ିତ।

ଭାରତୀୟ ପର୍ବପର୍ବାଣିଗୁଡ଼ିକ କେବଳ ଧାର୍ମିକ ଆଚାର ନୁହେଁ, ବଙ୍ଗପ୍ରକୃତି, ଋତୁଚକ୍ର, କୃଷି ଓ ଭୌଗୋଳିକ ପରିସ୍ଥିତି ସହ ଗଭୀର ସମ୍ପର୍କର ପ୍ରତୀକ ଓ ପ୍ରତ୍ୟେକ ଅଞ୍ଚଳର ଜଳବାୟୁ, ଚାଷ ପ୍ରଣାଳୀ, ନଦୀ ଓ ପାହାଡ଼ ଆଧାର କରି ଏହି ପର୍ବମାନଙ୍କ ଉଦ୍ଭାବନ ହୋଇଛି। ତେଣୁ ସେମାନଙ୍କର ଆସଲ ମହତ୍ତ୍ୱ ସ୍ଥାନୀୟ ପୃଷ୍ଠଭୂମିରେ ଅଧିକ ଅର୍ଥବାହୀ। ଆମେ ଯେଉଁଠି ଆଉ ନା କାହିଁକି ପର୍ବ ପାଳନ କରିପାରିବୁ। କିନ୍ତୁ ସେଥିର ମୂଳ ପ୍ରାକୃତିକ ଓ ସାମାଜିକ ଅର୍ଥକୁ ବୁଝି ସମ୍ମାନ କରି ପାଳନ କରିବା ହିଁ ସଠିକ୍ ଓ ସାର୍ଥକ ପଦ୍ଧତି। ହେଲେ ଆଜିକାଲି ବିଦେଶ ଗଲେ ଆମେମାନେ ପର୍ବର ଅର୍ଥ ଓ ମହତ୍ତ୍ୱ ନ ବୁଝି ପର୍ବଗୁଡ଼ିକ ପାଳନ କରି ନିଜକୁ ତର୍କସଂଗତ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହେଉଛୁ, ଯାହାକି ସେଠାକାରର ମୂଳ ନାଗରିକମାନଙ୍କୁ ଅତ୍ୟନ୍ତ ବିରକ୍ତିକର ପରିସ୍ଥିତିରେ ପକେଇଥାଏ। ଆଜିକାଲି କିଛି ବିଦେଶୀମାନେ ବିରକ୍ତିଭାବ ପ୍ରକାଶ କରିବାକୁ ଯାଇ ଅଜାଣତରେ ଆବେଶବଶତଃ ବର୍ଣ୍ଣବୈଷମ୍ୟବାଦ କରିବାକୁ ପଛାଉ ନାହାନ୍ତି।

ଆମେ ଭୁଲି ଯାଉଛୁ ଯେ ଆମେ ସେଇ ଭାରତବାସୀ, ଯେଉଁଠୁ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା। ଆମେ ବୁଝିବା ଜରୁରୀ ଯେ ବିଦେଶରେ ବା ଭିନ୍ନ ଜଳବାୟୁ ଅଞ୍ଚଳରେ ଏହି ପର୍ବମାନ ପାଳନ କରିହେବ, କିନ୍ତୁ ସେଠାରେ ଏହାର ପ୍ରାକୃତିକ ଓ କୃଷିମୂଳକ ଅର୍ଥ ଅନୁଭବ କରିବା କଷ୍ଟକର ହୋଇପାରେ।

ବେଙ୍ଗାଲୁରୁ, ମୋ: ୯୦୩୬୦୪୭୯୭୦

## କୀଟସ୍ମାରକ ସେବା 'ମୁଶି-କୁୟୋ'

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପ୍ରକୃତି ଓ ଜୀବଜଗତ ପୂଜନର ପରମ୍ପରା କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ପ୍ରଚଳିତ। ଈଶ୍ୱରୀୟ ଦାନର ପ୍ରତୀକ ଭାବେ କ୍ଷୁଦ୍ରାତିକ୍ଷୁଦ୍ର କୀଟପତଙ୍ଗ ପରିବେଶ ସନ୍ତୁଳନ ରକ୍ଷା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି। ଏମିତି ଅନେକ କୀଟପତଙ୍ଗ ଅଛନ୍ତି, ଯେଉଁମାନେ ମାନବସଭ୍ୟତାର ମିତ୍ର ଭାବେ ରହିଆସିଛନ୍ତି। ସେମାନଙ୍କୁ ମନୁଷ୍ୟ ତା'ର ଖାଦ୍ୟ, ବସ୍ତ୍ର ଓ ପରୀକ୍ଷଣ ପାଇଁ ଉପଯୋଗ କରିଆସୁଛି। ପ୍ରତିଦାନରେ କିନ୍ତୁ କୀଟପତଙ୍ଗଗୁଡ଼ିକ କେବଳ ନିଜକୁ ବଳିଦାନ ବା ମାନବ ସଭ୍ୟତା ପାଇଁ ଉତ୍ସର୍ଗ କରିଆସୁଛନ୍ତି। ଜାପାନରେ କୀଟଙ୍କର ଏହିଭଳି ସମର୍ପଣ ଓ ବଳିଦାନକୁ ସମ୍ମାନ ଜଣାଇ ଏକ ଭିନ୍ନ ଓ ଅନନ୍ୟ ପରମ୍ପରା ବିଗତ ୪୦ ବର୍ଷ ଧରି ପାଳନ ହୋଇଆସୁଛି, ଯାହାକୁ କୁହାଯାଉଛି 'କୀଟ ସ୍ମାରକ ସେବା'।

ଆର୍ଥ କର୍ପୋରେସନ୍ ନାମକ ଜାପାନର ଏକ ରସାୟନ କମ୍ପାନୀ ବିଗତ ୪୦ ବର୍ଷ ଧରି ବିଭିନ୍ନ ପ୍ରକାର କୀଟନାଶକ ଔଷଧ ସହିତ ବିଭିନ୍ନ ରସାୟନଯୁକ୍ତ ଉତ୍ପାଦ ପ୍ରସ୍ତୁତ କରି ସାରା ବିଶ୍ୱରେ ପ୍ରତିଷ୍ଠା ଲାଭ କରିଛି। ପ୍ରତିବର୍ଷ ଏହି କମ୍ପାନୀ କୀଟ, ପତଙ୍ଗ ଓ କ୍ଷୁଦ୍ର ସରୀସୃପଜାତୀୟ ପ୍ରାଣୀ ଉପରେ ବିଭିନ୍ନ ରସାୟନର ପରୀକ୍ଷଣ କରିଥା'ନ୍ତି। ଏହି ପରୀକ୍ଷଣରେ କୀଟମାନଙ୍କର ପ୍ରାଣହାନି ହେଉଥିବାରୁ କମ୍ପାନୀ ପକ୍ଷରୁ ପ୍ରାୟଶ୍ଚିତ୍ତପୂର୍ବକ ସମ୍ମାନସୂଚକ 'କୀଟସ୍ମାରକ ସେବା' ବା 'ମୁଶି-କୁୟୋ'ର ଆୟୋଜନ କରାଯାଏ। ହ୍ୟୋଗୋ ପ୍ରାନ୍ତରେ ଥିବା ଅକୋ ସହରସ୍ଥିତ ମ୍ୟୋଦୋଜି ବୁଦ୍ଧ ମନ୍ଦିରରେ ଆୟୋଜିତ ହେଉଥିବା ଏହି 'ସ୍ମାରକ ସେବା' ସମାରୋହରେ କମ୍ପାନୀର ସମସ୍ତ କର୍ମଚାରୀ ସାମିଲ ହୋଇ ମୃତ କୀଟପତଙ୍ଗର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହ କର୍ମଚାରୀଙ୍କୁ ହତ୍ୟା ପାପରୁ ମୁକ୍ତ କରିବା ପାଇଁ କ୍ଷମାପ୍ରାର୍ଥନା କରନ୍ତି। ବିଶ୍ୱାସ ରହିଛି ଯେ ଏଭଳି କରିବା ଦ୍ୱାରା ସେମାନଙ୍କର ପାପ ଭାର କମ୍ ହୋଇଥାଏ ଏବଂ ମୃତ୍ୟୁପରେ ତାଙ୍କୁ ସ୍ୱଳ୍ପ ନର୍କଯନ୍ତ୍ରଣା ମିଳିଥାଏ।

ଏହି ବିରଳ ସମାରୋହରେ ମଶା, ମାଛି, ତେନ୍ତୁଳିଆ ବିଛା, ଅସରପା, ଓଡ଼ଶ ଓ ଡାଆଁସ ଭଳି କେତେକ କ୍ଷତିକାରକ କୀଟଙ୍କ ଚିତ୍ରକୁ ବେଦି ଆକାରରେ ରଖାଯାଇଥାଏ କିମ୍ବା କାନ୍ଥରେ ଝୁଲାଇ ରଖାଯାଏ। ମନ୍ଦିରର ପୂଜାରୀ ଉକ୍ତ ମୃତକୀଟଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ମନ୍ତ୍ରପାଠ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରନ୍ତି। ଏହାପରେ କମ୍ପାନୀର ପ୍ରତ୍ୟେକ ସଦସ୍ୟ ଉକ୍ତ ଫଟୋଚିତ୍ରଗୁଡ଼ିକରେ ଫୁଲ ଓ ଧୂପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥା'ନ୍ତି। କାରଣ ସେମାନଙ୍କ ବଳିଦାନ ବିନା ମନୁଷ୍ୟ ଉପକୃତ ହୋଇପାରିବ ନାହିଁ। ମାନ୍ୟତା ରହିଛି ଯେ, ଏଭଳି କରିବା ଦ୍ୱାରା ସେମାନେ କୀଟମାନଙ୍କର ବଳିଦାନ ପ୍ରତି ଧନ୍ୟବାଦ ଅର୍ପଣ କରିବା ସହିତ ପ୍ରାଣହରଣ କରିଥିବାରୁ କ୍ଷମାପ୍ରାର୍ଥନା କରିଥା'ନ୍ତି। ଯଦି କୌଣସି କାରଣବଶତଃ ଏହି ସେବା ସମାରୋହର ଆୟୋଜନ ହୋଇପାରି ନଥାଏ, ସେହି ବର୍ଷ କମ୍ପାନୀରେ କୌଣସି ଦୁର୍ଘଟଣା, ଆର୍ଥିକ କ୍ଷତି କିମ୍ବା କର୍ମଚାରୀମାନେ ନାନାଦି ସମସ୍ୟାରେ ପୀଡ଼ିତ ହେବାର ଅନେକ ପ୍ରମାଣ ମଧ୍ୟ ରହିଛି। ତେଣୁ ଲୋକମାନଙ୍କର ବିଶ୍ୱାସ ରହିଛି ଯେ, ଏଭଳି ନକାରାତ୍ମକ ଶକ୍ତିକୁ ଦୂର କରିବା ପାଇଁ ଏହି ସମାରୋହର ଆୟୋଜନ କରିବା ନିହାତି ଜରୁରୀ ଏବଂ କୀଟପତଙ୍ଗଙ୍କ ଆତ୍ମାର ଶାନ୍ତି କମ୍ପାନୀ ପାଇଁ ଆଶୀର୍ବାଦ।

ଏହାବ୍ୟତୀତ ଜାପାନ ନିବାସୀ ବୌଦ୍ଧ ଓ ସିଣ୍ଟୋ ଧର୍ମାବଲମ୍ବୀମାନଙ୍କର ବିଶ୍ୱାସ ରହିଛି ଯେ, ସୃଷ୍ଟିର ପ୍ରତ୍ୟେକ ପ୍ରାଣୀଙ୍କ ଜୀବନ ଅମୂଲ୍ୟ। ତେଣୁ ସେମାନଙ୍କ ପ୍ରତି ଉଚିତ୍ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ଉଚିତ। ତେଣୁ ଯଦି ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ ହୋଇ ଅନ୍ୟଜୀବମାନଙ୍କ ପ୍ରତି ନକାରାତ୍ମକ ବ୍ୟବହାର କରେ, ସେ ଆରଜନ୍ମରେ କୀଟପତଙ୍ଗ ଭାବେ ଜନ୍ମଲାଭ କରେ ଏବଂ ଅନେକ ନିର୍ଯାତନାର ଭାଗିଦାରୀ ହୋଇଥାଏ। ତେଣୁ ପୁର୍ନଜନ୍ମଚକ୍ରରୁ ମୁକ୍ତି ପାଇବା ସହିତ ନର୍କ ଯନ୍ତ୍ରଣାକୁ ଯଥାସମ୍ଭବ ହ୍ରାସ କରିବା କରିବା ଉଦ୍ଦେଶ୍ୟରେ ଲୋକମାନେ ଏଭଳି 'କୀଟ ସ୍ମାରକ ସେବା'ର ଆୟୋଜନ କରିଥା'ନ୍ତି। 'ଜୀବେଦୟା'ର ଏହି ଅନନ୍ୟ ବିଦେଶୀୟ ପରମ୍ପରା ଓ ସଂସ୍କୃତି ପ୍ରକୃତରେ ପ୍ରଶଂସନୀୟ ଓ ଅନୁକରଣୀୟ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



# ଭୁବନେଶ୍ୱର ସିଟି

# ରୁକୁଣା ରଥ ନିର୍ମାଣ ପାଇଁ କାଠ ଅନୁକୂଳ

ଭୁବନେଶ୍ୱର, ୫।୩(ସମିସ): ଆସନ୍ତା ୨୬ ତାରିଖ ଚୈତ୍ର ଶୁକ୍ଳ ଅଷ୍ଟମୀ ତିଥିରେ ବା ଅଶୋକାଷ୍ଟମୀ ପର୍ବରେ ଏକାମ୍ରକ୍ଷେତ୍ରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଶ୍ୱପ୍ରସିଦ୍ଧ ରୁକୁଣା ରଥଯାତ୍ରା ପାଳନ କରାଯିବ। ଗୁରୁବାର ଲିଙ୍ଗରାଜଙ୍କ ରଥଖଳାରେ ରୁକୁଣା ରଥ ନିର୍ମାଣ ଅନୁକୂଳ ପୂଜା ସମ୍ପନ୍ନ ହୋଇଯାଇଛି। ବଲ୍ଲଭ ଓ ସକାଳ ଧୂପ ନୀତି ଶେଷ ହେବା ଲିଙ୍ଗରାଜଙ୍କ ରଥଖଳାକୁ ଆସିଥିଲା। ପରେ ପୂଜାପଣ୍ଡା ସେବାୟତ ରଥକାଠ ନିକଟରେ ଅନୁକୂଳ ପୂଜା ଓ ଆଳତି କରିଥିଲେ। ଶେଷରେ ରଥ ନିର୍ମାତା ଭୋଇ ମହାରଣା ସେବକ ବାରିସିରେ ଚୋଟ ମାରି ଖଳାରେ ରଥକାମ ଅନୁକୂଳ କରିଥିଲେ। ରଥକାଠ ଅନୁକୂଳ ପୂଜା ସମୟରେ ମନ୍ଦିର କାର୍ଯ୍ୟାଳୟ ସହକାରୀ ପ୍ରଶାସକ, ନୀତି ସୁପରଭାଇଜର ରାଜକିଶୋର ମହାପାତ୍ର, ପାଳିଆ ପୂଜାପଣ୍ଡା, ପତ୍ରୀ ଓ ଗରାବଡୁ ସେବାୟତଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।



ଚଳିତ ବର୍ଷ ରୁକୁଣା ରଥର ନିର୍ମାଣ ଲାଗି ସମୁଦାୟ ୬୦ ରୁ ୬୫ ମହାରଣା ଓ ବେହେରା ସେବାୟତ ରଥଖଳାରେ ରଥ ନିର୍ମାଣରେ ନିୟୋଜିତ ରହିବେ। ରଥ ନିର୍ମାଣ ଅନୁକୂଳ ନୀତି ସମ୍ପନ୍ନ ହେବା ପରେ କାଲିଠୁ କିଛି ମହାରଣା ଓ ସେବାୟତଙ୍କୁ ନେଇ ରଥ କାମ ଆରମ୍ଭ ହେବ। ବାହାରର ଅନ୍ୟ ମହାରଣା ଓ ବେହେରା ସେବାୟତମାନେ ଆସି ଦୁଇ ଦିନ କିମ୍ବା ତିନିଦିନ ଭିତରେ ରଥ ନିର୍ମାଣ କାର୍ଯ୍ୟରେ ଯୋଗଦେବ ବୋଲି ସୋମନାଥ ମହାରଣା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ହାତରେ ଦିନ କମ୍ ରହିଥିବାରୁ ଦିନରାତି ରଥ କାମ କରି ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ରଥ ନିର୍ମାଣ ଶେଷ କରି ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି।

## ଆଜି ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ

# ୩ ହଜାରରୁ ଆରମ୍ଭ ହୋଇଥିଲା ଏବେ ୨ଲକ୍ଷ ସୁରକ୍ଷାକର୍ମୀ

ଭୁବନେଶ୍ୱର, ୫।୩(ସମିସ): କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ଫୋର୍ସ(ସିଆଇଏସ୍ଏଫ୍) ୧୯୬୯ରେ ମାତ୍ର ୩ ହଜାର ସୁରକ୍ଷା କର୍ମୀଙ୍କୁ ନେଇ ସ୍ଥାପନ କରାଯାଇଥିଲା। ଛୋଟ ଚାରାରୁ ଆରମ୍ଭ ହୋଇଥିବା ଏହି ସଂସ୍ଥା ଏବେ ମହାଦ୍ରୁମରେ ପରିଣତ ହୋଇଛି। ସିଆଇଏସ୍ଏଫ୍‌ରେ ବର୍ତ୍ତମାନ ୨ଲକ୍ଷ ସୁରକ୍ଷା କର୍ମୀ କାର୍ଯ୍ୟରତ

**■ ସଂସଦଠାରୁ ବନ୍ଦର, ବିମାନବନ୍ଦର, ରେଳ ସବୁଠି ଉପସ୍ଥିତି**

**■ ରାଜ୍ୟର ଆଉ ୪ସ୍ଥାନର ସୁରକ୍ଷା ଦାୟିତ୍ୱ ନେବ ସିଆଇଏସ୍ଏଫ୍**




ରହିଛନ୍ତି। ଯାହା ଅର୍ଦ୍ଧସାମରିକ ସୁରକ୍ଷା ବଳ ମଧ୍ୟରେ ତୃତୀୟ ବୃହତ୍ତମ। ଏହି ସୁରକ୍ଷା ବଳର ଉପସ୍ଥିତି ଦେଶର ସବୁସ୍ଥାନରେ ରହିଛି। ସଂସଦର ସୁରକ୍ଷା ଦାୟିତ୍ୱଠାରୁ ଆରମ୍ଭ ପ୍ରମୁଖ ରଣନୈତିକ ସ୍ଥଳ ଆଟମିକ୍ ଏନର୍ଜି ଷ୍ଟେସନ୍, କୋଇଲା ଖଣି ପ୍ରଭୃତିର ସୁରକ୍ଷା ଭାର ସିଆଇଏସ୍ଏଫ୍ କାନ୍ଧରେ ରହିଛି। ଏହାବ୍ୟତିତ ଦେଶର ସମସ୍ତ ବିମାନବନ୍ଦର, ବନ୍ଦର, ମେଟ୍ରୋ, ରାପିଡ୍ ରେଲ୍ ସବୁଠି ସିଆଇଏସ୍ଏଫ୍ କର୍ମଚାରୀଙ୍କୁ ଦେଖିବାକୁ ମିଳିବ ବୋଲି ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ଅତିଥି ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁବାର ସିଆଇଏସ୍ଏଫ୍ ଡିଜି ପ୍ରବୀର ରଞ୍ଜନ ଗର୍ବର ସହ ଏହା କହିଛନ୍ତି। ଓଡ଼ିଶାରେ କଟକର ମୁଣ୍ଡଳୀ ଠାରେ ସିଆଇଏସ୍ଏଫ୍‌ର କ୍ୟାମ୍ପ ରହିଛି। ଶୁକ୍ରବାର ଏଠାରେ ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଯୋଗ ଦେବେ।

ସିଆଇଏସଏଫ୍ ୨୫ଟି ରାଜ୍ୟ ଓ ୫ଟି କେନ୍ଦ୍ରଶାସିତ ପ୍ରଦେଶରେ ପ୍ରସାରିତ ରହିଛି। ଦେଶର ୩୬୧ଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାପନକୁ ସୁରକ୍ଷା କବଚ ପ୍ରଦାନ କରୁଛି। ଏଥିରେ ୭୧ଟି ବିମାନବନ୍ଦର, ଦିଲ୍ଲୀ ମେଟ୍ରୋ ରେଲ୍, ୧୦ଟି କେମିକାଲ୍ ଏବଂ ଫର୍ଟିଲାଇଜର୍ ସଂସ୍ଥା, ୧୦୫ଟି ବିଦ୍ୟୁତ୍ କେନ୍ଦ୍ର, ୧୮ଟି ପରମାଣୁ ସଂସ୍ଥାପନ, ଅନ୍ତରୀକ୍ଷ ବିଭାଗର ୧୬ଟି ସଂସ୍ଥା, ଭାରତ ସରକାରଙ୍କର ମୁଖ୍ୟ ମନ୍ତ୍ରଣାଳୟଗୁଡ଼ିକରେ ଥିବା ୪୭ଟି ସରକାରୀ ଭବନ, ୧୫ଟି ସାମୁଦ୍ରିକ ବନ୍ଦର, ୬ଟି ପ୍ରତିରକ୍ଷା ୟୁନିଟ୍, ୩୬ଟି ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ୟୁନିଟ୍, ୧୭ଟି ଇସ୍ପାତ କାରଖାନା, ୧୦ଟି କୋଇଲା ଖଣି, ୯ଟି ବେସରକାରୀ କ୍ଷେତ୍ର ଆଦି ସମ୍ମିଳିତ ଅଛି। ସିଆଇଏସଏଫ୍‌ର ବିଶେଷ ସୁରକ୍ଷା ଗୋଷ୍ଠୀ, ୧୫୬ରୁ ଅଧିକ ସୁରକ୍ଷାପ୍ରାପ୍ତ ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ କରୁଛି। ପ୍ରାୟ ୯୭୦୦ କର୍ମଚାରୀ ସହିତ ସିଆଇଏସଏଫ୍‌ର ବିଶେଷ ଅଗ୍ନିଶମ ଶାଖା ଦେଶର ୨୩ଟି ରାଜ୍ୟରେ ବିସ୍ତାରିତ ୧୧୪ଟି ୟୁନିଟ୍‌କୁ ଅଗ୍ନି ପରିଚାଳନା ସେବା ପ୍ରଦାନ କରୁଛି। ରାଜ୍ୟର ଆଉ ୪ଟି ସ୍ଥାନ ଏନ୍ଏଲ୍‌ସିଆଇଏଲ୍- ତଲାବିରା, ଏନ୍ଆଇଏ ଥାନା ଭୁବନେଶ୍ୱର, ଏଏମ୍ଏନ୍ଏସ୍ ପାରାଦୀପ ଓ ଏଏମ୍ଏନ୍ଏସ୍ ଦେବୁନା କେନ୍ଦୁଝରରେ ସିଆଇଏସ୍ଏଫ୍ କେନ୍ଦ୍ର ପ୍ରତିଷ୍ଠା ପାଇଁ ସର୍ଭେ କାର୍ଯ୍ୟ ଶେଷ ହୋଇଛି।

## ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ନୃତ୍ୟାୟନ'

ଭୁବନେଶ୍ୱର, ୫।୩(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର 'ନୃତ୍ୟାୟନ' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡିଶୀ ନୃତ୍ୟ ଗୁରୁ ମିନାକ୍ଷୀ ବେହେରା, ସହକାରୀ ପୋଲିସ କମିଶନର ଶରତ କୁମାର ସାହୁ, ସଂସ୍କୃତି ବିଶ୍ୱବିଦ୍ୟାଳୟର ଅତିଥି ଅଧ୍ୟାପକ ବିଜୟ ବାରିକ, ଓଡିଶୀ କଣ୍ଠଶିଳ୍ପୀ ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା, ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଓଡ଼ିଶୀ ଓ ଛଉ ନୃତ୍ୟ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ ହୋଇଥିଲା। ଆରମ୍ଭରୁ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟ ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ ଗୁରୁ ଲିଙ୍ଗରାଜ ପ୍ରଧାନ ଓ ଗୁରୁ ପଙ୍କଜ କୁମାର ପ୍ରଧାନ, ଛଉ ବିଭାଗର ଛାତ୍ରଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ ଗୁରୁ ଡ. ରମଣୀ ରଞ୍ଜନ ଜେନା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।

# ବୃନ୍ଦାବନ ମହୋତ୍ସବରେ ହରିହରନଙ୍କ ଗଜଲ



ଭୁବନେଶ୍ୱର, ୫।୩(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବୃନ୍ଦାବନ ଗୁରୁକୁଳର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ବୃନ୍ଦାବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ପ୍ରାରମ୍ଭରେ ବୃନ୍ଦାବନ ଗୁରୁକୁଳର ଶିଳ୍ପୀମାନେ ସାମୂହିକ ବଂଶୀବାଦନ କରିଥିଲେ। ସଙ୍ଗୀତଜ୍ଞ ପଦ୍ମଶ୍ରୀ ହରିହରନ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଥମେ ଠୁମ୍‌ରୀ ତୁ ଆଜା କାହ୍ନା ଏବଂ ପରେପରେ ଏସି ହୋରି ନା ଖେଲୋ କହ୍ନାଇରେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଲୋଗ କେହତେ ହେ ଅଜନବି ତୁମ୍ ହୋ, ଝୁମ୍ ଲେ ହସ ବୋଲ ଲେ, ନିଶାନ ୟୁଁ ତୋ ଥେ, ଓ୍ୱ ନେହିଁ ମେରା ମଗର, ସେହେର ଦର ସେହେର, ରଞ୍ଜିସ ହି ସହି ଆଦି ଗଜଲ ପରିବେଷଣ କରିଥିଲେ ଶ୍ରୀ ହରିହରନ। କାର୍ଯ୍ୟକ୍ରମରେ ଅତିଥି ଭାବେ ସଙ୍ଗୀତଜ୍ଞ ପଦ୍ମ ବିଭୂଷଣ ହରିପ୍ରସାଦ ଚୌରସିଆ, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍ଗୀତା ଡ୍ରିମ୍ ଫୁଣ୍ଡ୍ସ ପକ୍ଷରୁ ହୋଲି ପର୍ବ

ଭୁବନେଶ୍ୱର, ୫।୩(ସମିସ): ପ୍ରତିଭା ଆଶ୍ରମରେ ସଙ୍ଗୀତା ଡ୍ରିମ୍ ଫୁଣ୍ଡ୍ସ ପକ୍ଷରୁ ହୋଲି ପର୍ବ ଅବସରରେ ଏକ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ କୁନି କୁନି ପିଲାମାନଙ୍କୁ ନେଇ ନୃତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହା ସହ ଆଶ୍ରମର ପିଲାମାନଙ୍କୁ ଚାଉଳ, ଡାଲି, ଚୁଡ଼ା, ଚିନି,



ବିସ୍କୁଟ୍ ଓ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମହେଶ କୁମାର ହାଜରା, ସିଙ୍ଗର୍ ସତ୍ୟବ୍ରତ, ଅରୁନ୍ଧତୀ ମିଶ୍ର, ଜଳି ପଣ୍ଡା, ମିନତୀ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସଙ୍ଗୀତା ଦାସ, ଫାଉଣ୍ଡର୍ ସଙ୍ଗୀତା ଡ୍ରିମ୍ ଫୁଣ୍ଡ୍ସ, ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି ଆଗାମୀ ଦିନରେ ଏଭଳି ସାମାଜିକ କାର୍ଯ୍ୟ ଅବ୍ୟାହତ ରଖିବାକୁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ଡ.ପ୍ରତିଭା ରାୟଙ୍କ ଗୀତକୁ ନେଇ ଭିଡିଓ ସଂକଳନ




ଭୁବନେଶ୍ୱର, ୫।୩(ସମିସ): ଅରୋମିରା ପକ୍ଷରୁ ଡ଼. ପ୍ରତିଭା ରାୟଙ୍କ ସାହିତ୍ୟକ ଐତିହ୍ୟକୁ ପାଳନ କରି ଏକ ଐତିହାସିକ ସଙ୍ଗୀତ ଭିଡିଓ ସଂକଳନ ରବୀନ୍ଦ୍ର ମଣ୍ଡପଠାରେ ଉପସ୍ଥାପନ ହୋଇଯାଇଛି। ଏହି ଉତ୍ସବରେ ଡ. ପ୍ରତିଭା ରାୟ, ଶିକ୍ଷାବିତ ତଥା ବୈଜ୍ଞାନିକ ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି, ଶିକ୍ଷାବିତ ଦେବଦାସ ଛୋଟରାୟ, ଡ. ଆଦ୍ୟାଶା ଦାସ, ଡ. ସୁସ୍ମିତା ଦାସ, ସଙ୍ଗୀତା ଗୋସେଇଁ ଏବଂ ଦେବ ମେହେର ଉପସ୍ଥିତ ରହିଥିଲେ। କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ବିଜେତା ସୁସ୍ମିତା ଦାସ ଏବଂ ଯୁବ କ୍ରିଏଟର ଦେବ ମେହେରଙ୍କ ଦ୍ୱାରା ସଂଗଠିତ, ଡକ୍ଟର ରାୟଙ୍କ ଲିଖିତ କବିତା, ୯୦ ମିନିଟର ଅଡିଓ-ଭିଜୁଆଲ୍ ଏବଂ ଏକ ଆଲବମ୍ ଉନ୍ମୋଚନ ସହିତ ଲାଇଭ୍ ପ୍ରଦର୍ଶନ, ସଂଗଠିତ ସ୍କ୍ରିନିଂ ଏବଂ ବିଶିଷ୍ଟ ଅତିଥିମାନଙ୍କ ସହିତ ଏକ ପ୍ୟାନେଲ୍ ପ୍ରଦର୍ଶିତ ହୋଇଥିଲା। କଣ୍ଠଶିଳ୍ପୀ ସୁସ୍ମିତା ଦାସ ଏବଂ ଆଦ୍ୟାଶା ଦାସଙ୍କ କଣ୍ଠରେ ସଙ୍ଗୀତକୁ କୋରିଓଗ୍ରାଫର ବିଦ୍ୟୁତ୍ ସେଠୀ ନୃତ୍ୟ ନିର୍ଦ୍ଦେଶନା ମାଧ୍ୟମରେ ସଙ୍ଗୀତ ବ୍ୟାଖ୍ୟାରେ ଦୃଶ୍ୟର ଗଭୀରତାକୁ ଦର୍ଶାଇଥିଲେ।

## ସୂର୍ଯ୍ୟମନ୍ଦିରରେ ଅନ୍ତର୍ଜାତୀୟ ଚିତ୍ରକଳା ଶିବିର

ଭୁବନେଶ୍ୱର, ୫।୩(ସମିସ): ଗ୍ଲୋବାଲ ଅର୍ଟିଷ୍ଟ୍ ଫୋରମ୍ ଟ୍ରଷ୍ଟ ଦ୍ୱାରା କୋଣାର୍କ ସୂର୍ଯ୍ୟ ମନ୍ଦିରଠାରେ ୩ ଦିବସୀୟ ଆନ୍ତର୍ଜାତୀୟ ଶିଳ୍ପୀ ଶିବିର 'ପ୍ରତିବମ୍ବ-୩' ଆୟୋଜିତ ହୋଇଛି। ଏଥିରେ ବିଭିନ୍ନ ଦେଶ ଓ ଭାରତର ବିଭିନ୍ନ ରାଜ୍ୟରୁ ୩୫ ଜଣ ଚିତ୍ରଶିଳ୍ପୀ ଭାଗ ନେଇ କାନଭାସରେ କୋଣାର୍କ ମନ୍ଦିରର ସୌନ୍ଦର୍ଯ୍ୟକୁ ସୃଜନଶୀଳ ଶୈଳୀରେ ନିଖୁଣ ଭାବେ ଅଙ୍କନ କରିଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀଙ୍କୁ ସମ୍ମାନିତ କରିବା ପାଇଁ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲଳିତକଳା ଏକାଡେମୀ ପୂର୍ବତନ ସଚିବ ତଥା ବରିଷ୍ଠ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବି ନରେନ୍ଦ୍ର କୁମାର ଦାସ, ଅଭିନେତା ପ୍ରଦୀପ କୁମାର ସାହୁ, ଉଦ୍ଭ ଫାଉଣ୍ଡେସନର ପ୍ରତିଷ୍ଠାତା ଫିର୍ଦୋଶି ତବସୁମ୍ ତଥା ପଦ୍ମ ଆସେଟସର ଏମ.ଡି. ଅଭିଷେକ ମିଶ୍ର ପ୍ରମୁଖ ଯୋଗଦେଇ ଶିଳ୍ପୀଙ୍କ ଚିତ୍ରକଳାର ପ୍ରଶଂସା କରିଥିଲେ। ଟ୍ରଷ୍ଟର ସଭାପତି ଶ୍ରେୟାକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିକାଶ ମହାନ୍ତିଙ୍କ ୪ ଇଂରାଜୀ ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, ୫।୩(ସମିସ): ଲେଖକ ବିକାଶ ମହାନ୍ତିଙ୍କ ୪ଟି କାଳ୍ପନିକ ଓ ସମକାଳୀନ ଇଂରାଜୀ ପୁସ୍ତକ ଫାଲକନ୍ କ୍ରେଷ୍ଟ କ୍ଲବ୍ ଠାରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଗାନ୍ଧିବାଦୀ କୃଷ୍ଣା ମହାନ୍ତି, ମୁଖ୍ୟବକ୍ତା ଭାବେ ଦୈନିକ 'ସମୟ' ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଯୋଗ ଦେଇଥିଲେ। ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ସୁଶାନ୍ତ ବଳ ସମୀକ୍ଷା କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ସିତିକଣ୍ଠ ମିଶ୍ର ପାଠନ ସଂସ୍କୃତି ଓ ସାହିତ୍ୟର ଆବଶ୍ୟକତା ବିଷୟରେ ମତ ରଖିଥିଲେ। ଏହି ଅବସରରେ 'ମହକେଇ ଦେଇ ଯା...' ଶୀର୍ଷକ ନୂତନ ଓଡ଼ିଆ ସଙ୍ଗୀତ ର ଲୋକାର୍ପଣ ହୋଇଥିଲା। ଏହି ଗୀତଟିକୁ ବିକାଶ ମହାନ୍ତି କଣ୍ଠ ଦେଇଥିଲାବେଳେ ଦିଗନ୍ତ ମହାନ୍ତି ଶବ୍ଦରେ ସଜେଇଥିଲା। ପାଠକ ମତାମତ ଅଂଶରେ ବୈଷ୍ଣୋଇ ମହାନ୍ତି, ଆକାଶ ମହାନ୍ତି, ଅଗସ୍ତ୍ୟ ମିଶ୍ର ଓ ଲିଙ୍ଗରାଜ ସାହୁ ନିଜ ଅନୁଭବ ଓ ଅଭିମତ ପ୍ରକାଶ କରିଥିଲେ। ସେହିଁଭଳି ଲୋକାର୍ପଣ ସନ୍ଧ୍ୟାଟିକୁ ସୁରମୟ କରିଥିଲେ ସୁଦୀପ୍ତା ଚୌଧୁରୀ ଅର୍ଚ୍ଚନା ଦାଶ, ପ୍ରଜ୍ଞା ପରମିତା, ବୈଷ୍ଣାଇ ମହାନ୍ତି, ପ୍ରମୋଦ କୁମାର ଓ ଲେଖକ ବିକାଶ ମହାନ୍ତି, ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ରତିକାନ୍ତ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୫।୩(ସମିସ): ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳର ପ୍ରତିଷ୍ଠାତା ପୁରୁଖା ସଦସ୍ୟ, ପରୋପକାରୀ ଓ ମେଳାପୀ ବ୍ୟକ୍ତି ରତିକାନ୍ତ ମହାନ୍ତି (୮୪)ଙ୍କର ବୁଧବାର ପରଲୋକ ଘଟିଛି। ଏହି ସମୟରେ ତାଙ୍କ ନିକଟରେ ସ୍ତ୍ରୀ ମନୋରମା ମହାନ୍ତି, ଜ୍ୟେଷ୍ଠ ପୁତ୍ର କୃଷି ବିଜ୍ଞାନୀ ସୁବ୍ରତ କୁମାର ମହାନ୍ତି, ବୋହୂ ଓଡ଼ିଶା ରେରାର ସଚିବ ମାନଶୀ ମାନ୍ଧାତା, ସହିତ ଝିଅ ଜ୍ୱାଇଁ ଓ ନାତି-ନାତୁଣୀମାନେ ଉପସ୍ଥିତ ଥିଲେ। ଜଗନ୍ନାଥ ବିହାର ଓ ଲକ୍ଷ୍ମୀସାଗର ଅଞ୍ଚଳର ଅନେକ ବ୍ୟକ୍ତି ଓ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ବହୁ ପ୍ରତିଷ୍ଠିତ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

# ବିଧାନସଭା ପରିସରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

ଭୁବନେଶ୍ୱର, ୫।୩(ସମିସ): ଗୁରୁବାର ବିଧାନସଭା ପରିସରରେ ପ୍ରବାଦପୁରୁଷ ମହାନ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳନ ହୋଇଛି। ବିଜୁଙ୍କ ଭିତରେ ଦୁଃସାହସିକତା ତଥା ନିର୍ଭୀକତା ପରି ତେଜୋଦୀପ୍ତ ଗୁଣାବଳୀର ସମାହାର ସହଜାତ ଥିଲା। ଏହି ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସିକ ବୈମାନିକ, ଲୋକପ୍ରିୟ ରାଜନୀତିଜ୍ଞ ଓ ସମାଜସେବକ ଭାବରେ ନିଜ ଭୂମିକାର ସଫଳ ସମ୍ପାଦନ କରିବା ସହିତ ସୁପ୍ତ ଓଡିଆ ମନରେ ଜାତିପ୍ରେମର ବହ୍ନି ପ୍ରଜ୍ୱଳନ କରିବାରେ ସକ୍ଷମ ହୋଇପାରିଥିଲେ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।






ସେହିପରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବିଜୁ ପଟ୍ଟନାୟକ ପାର୍କରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ ଏବଂ ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ବରିଷ୍ଠ ସଦସ୍ୟ ଲେଲିନ ମହାନ୍ତି ବରପୁତ୍ରଙ୍କ ଗୁଣଗାନ କରିଥିବା ବେଳେ କାମଦେବ ମହାପାତ୍ର କବିତା ପାଠ କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସମ୍ପାଦକ ଅକ୍ଷୟ କୁମାର ଜେଠୀ, ସୁରଜିତ ପରିଡ଼ା, ଅନୁପମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ହୋଲିରେ ଛାଡ଼ଖାଇର ଭ୍ରମ

## ଦିନକରେ ଖାଇଗଲେ ୮ କୋଟିର ଆମିଷ



ଭୁବନେଶ୍ୱର, ୫।୩(ସମିସ): ଏଥର ହୋଲି ବୁଧବାର ପଡ଼ିଥିବାରୁ ଭୁବନେଶ୍ୱରରେ ଜମିଲା ଆମିଷ ବେପାର। ରଙ୍ଗର ପର୍ବ ହୋଲି ପାଇଁ ଚାରିଆଡ଼େ ଉତ୍ସବ ମୁଖର ହୋଇଥିବା ବେଳେ ହୋଲିରେ ଏକପ୍ରକାର ଛାଡ଼ଖାଇ ପାଳନ କରିଛନ୍ତି ରାଜଧାନୀବାସୀ। ମାଛ, ଚିକେନ୍, ମଟନ୍ ଆଦି ଘରେ ରୋଷେଇ ହୋଇଥିବା ବେଳେ ଦିନକରେ ୮କୋଟି ଟଙ୍କାର ଆମିଷ ଖାଇଗଲେ ଭୁବନେଶ୍ୱର ବାସିନ୍ଦା। ସର୍ବାଧିକ ଖାସି ମାଂସ ଓ ଚିକେନ ବିକ୍ରି ହୋଇଥିବା ଜଣାପଡ଼ିଛି।

ସାଧାରଣତଃ ବଡ଼ଦିନ, ନୂଆବର୍ଷ, ରଜ ସାଙ୍ଗକୁ ବିଶେଷ କରି ଛାଡ଼ଖାଇରେ ଆଦିପର୍ବରେ ଘରେ ଘରେ ଜମେ ଆମିଷ ଭୋଜିର ଆସର। ହେଲେ ଚଳିତ ବର୍ଷ ରଙ୍ଗର ପର୍ବ ହୋଲିରେ ରାଜଧାନୀରେ ରଙ୍ଗ ଖେଳ ଅପେକ୍ଷା ଆମିଷର କ୍ରେଜ୍ ଅଧିକ ଦେଖିବାକୁ ମିଳିଥିଲା। କାରଣ ବାର ସାଙ୍ଗକୁ ତାଳଦେଇ ପଡ଼ିଥିଲା ହୋଲି। ଏହି ଦିନ ସରକାରୀ ଛୁଟି ହୋଇଥିବାରୁ ପରିବାର ସଦସ୍ୟଙ୍କ ସହ ଏକାଠି ରଙ୍ଗର ପର୍ବକୁ ଆନନ୍ଦ ଉଲ୍ଲାସରେ ପାଳନ କରିବା ସହ ଘରେ ଘରେ ଆମିଷ ଭୋଜି ଜମିଥିଲା। ସହରର ଗଳିକନ୍ଦିରେ ରଙ୍ଗ ବ୍ୟବସାୟୀଙ୍କ ଠାରୁ ଆମିଷ ବ୍ୟବସାୟୀଙ୍କ ନିକଟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସହରର ପ୍ରମୁଖ ଆମିଷ ମାର୍କେଟ ଯଥା ୟୁନିଟ୍-୪, ବଡ଼ଗଡ଼, ଡମଣା, ଆଦି ଆମିଷ ମାର୍କେଟରେ ସକାଳୁ ସାକଲୁ ଅସମ୍ଭାଳ ଭିଡ଼ ଜମିଥିଲା। ରାସ୍ତାଘାଟ ଶୂନଶାନ୍ ଥିବାବେଳେ କେବଳ ଆମିଷ କିଣିବାକୁ ଲୋକେ ଯାଉଥିବା ଦେଖିବାକୁ ମିଳିଥିଲା। ଚଳିତ ହୋଲିରେ ୬୦ ଟନ୍‌ରୁ ଅଧିକ ଖାସି ମାଂସ ବିକ୍ରି ହୋଇଛି। ଯାହାକି ପ୍ରାୟ ୩ କୋଟି ୨ ଲକ୍ଷ ୪୦ ହଜାର ଟଙ୍କାର ହୋଇଥିବା ଜଣାପଡ଼ିଛି। ସେହିପରି ୩ କୋଟି ୩୬ ଲକ୍ଷ ୬୫ ହଜାର ଟଙ୍କାର ଚିକେନ୍ ଓ ୧୨୮ ଟନ୍‌ର ମାଛ ବ୍ୟବସାୟ ହୋଇଛି। ଏକ କୋଟି ୭୧ ଲକ୍ଷ ୮ ହଜାର ଟଙ୍କାର ମାଛ ବିକ୍ରି ହୋଇଥିଲା। ତେବେ ଏଥର ଖାସି ମାଂସ ଦର ଆକାଶଛୁଆଁ ହୋଇଥିବା ଦେଖିବାକୁ ମିଳିଥିଲା। ଖାସି ମାଂସ କିଲୋ ପିଛା ୮୫୦ରୁ ୯୦୦ଟଙ୍କା ରହିଥିଲେ ବି ଗ୍ରାହକଙ୍କ ଉତ୍ସାହ କମି ନଥିଲା। ସେହିପରି କୁକୁଡ଼ା ମାଂସ ବଜାରରେ ମଧ୍ୟ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ବ୍ରଏଲର ଚିକେନ୍ କିଲୋପିଛା ୨୪୦ରୁ ୨୫୦ ଟଙ୍କାରେ ବିକ୍ରି ହୋଇଥିବା ବେଳେ ଦେଶୀ ଚିକେନର ମୂଲ୍ୟ ରହିଥିଲା ୬୦୦ରୁ ୭୦୦ଟଙ୍କା। ତେବେ ହୋଲି ଉପଲକ୍ଷେ ୧୩୫ଟି ପିକଅପ୍ ଭ୍ୟାନରେ ୨୫୩.୧୩ ଟନ କୁକୁଡ଼ା ମାଂସ ଭୁବନେଶ୍ୱର ବଜାରକୁ ଆସିଥିବା ସୂଚନା ରହିଛି। ସେହିପରି ୩୩୩୦ କାର୍ଟୁନ ଅଣ୍ଡା ବିକ୍ରି ହୋଇ ପ୍ରାୟ ୩୦ ଲକ୍ଷ ୯୬ ହଜାର ୯୦୦ ଟଙ୍କାର ବ୍ୟବସାୟ ହୋଇଛି। ତା ସାଙ୍ଗକୁ ମାଛ ଓ ସାମୁଦ୍ରିକ ମାଛର ମଧ୍ୟ ବେଶ୍ ଚାହିଦା ରହିଥିଲା। ରୋହି, ଭାକୁର ଠାରୁ ଆରମ୍ଭ କରି ଇଲିସି ଓ ଚିଙ୍ଗୁଡ଼ି ମଧ୍ୟ ଭଲ ବ୍ୟବସାୟ ହୋଇଥିବା ଅଲ୍ ଓଡ଼ିଶା ନନଭେଜ୍ ଟ୍ରେଡର୍ସ ଫେଡେରେସନ୍ ରାଜ୍ୟ ସଭାପତି ଏସକେ ମୁଷ୍ଟାକିମ୍ କହିଛନ୍ତି। ତେବେ ଗୋଟିଏ ଦିନରେ ମୋଟ୍ ୮ କୋଟି ୪୧ ଲକ୍ଷ ଟଙ୍କାର ଆମିଷ ବିକ୍ରି ହୋଇଥିବା ସେ କହିଛନ୍ତି।

## ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରଶିଳ୍ପୀ ପ୍ରଭୁ ଜେନାଙ୍କ ଜୟନ୍ତୀ



ଭୁବନେଶ୍ୱର, ୫।୩(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷରେ ଚିତ୍ରଶିଳ୍ପୀ ସ୍ୱର୍ଗତ ପ୍ରଭୁ ଜେନାଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଓଡ଼ିଶାର ଚିତ୍ରଶିଳ୍ପୀ ରବିନାରାୟଣ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇବା ବେଳେ ମୁଖ୍ୟବକ୍ତା ତଥା ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବରେ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତାରାକାନ୍ତ ପରିଡ଼ା, ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ, ବିକେ ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ସେଠୀ ଉପସ୍ଥିତ ରହିଥିଲେ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ନାଲ୍‌କୋ ମଧ୍ୟରେ ଚୁକ୍ତି



ଭୁବନେଶ୍ୱର, ୫।୩(ସମିସ): ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିଃ. (ନାଲ୍‌କୋ)ର କର୍ମଚାରୀମାନଙ୍କର ବେତନ ଆକାଉଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଖୋଲିବା ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ନାଲ୍‌କୋ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରୀଷ୍ଟା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମଲିକ, ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଏସ୍ .କେ ଦାସ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ରିସୋର୍ସ ତଥା ମାର୍କେଟିଂ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାଲ୍‌କୋର ଏ.କେ. ବେହୁରିଆ (ନିର୍ଦ୍ଦେଶକ, ଅର୍ଥ ବିଭାଗ), ମୁଖ୍ୟ ମହାପ୍ରବନ୍ଧକ ପି.କେ. ତ୍ରିପାଠୀ, ମୁଖ୍ୟ ମହାପ୍ରବନ୍ଧକ ଏସ୍.କେ. ସାହୁ, ଉପ-ମହାପ୍ରବନ୍ଧକ ଅଲୋକ ତ୍ରିପାଠୀ, ଉପ-ମହାପ୍ରବନ୍ଧକ ଏ ପାଢ଼ୀ ଏବଂ ଉପ-ମହାପ୍ରବନ୍ଧକ ଗଗନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୁକ୍ତିପତ୍ର ଅନୁଯାୟୀ ନାଲ୍‌କୋ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର କଷ୍ଟୋମାଇଜ୍ ବେତନ ଆକାଉଣ୍ଟଧାରୀମାନଙ୍କୁ ବ୍ୟାଙ୍କ ପକ୍ଷରୁ ମାଗଣା ଦୁର୍ଘଟଣାଜନିତ (ମୃତ୍ୟୁ) ବୀମା କଭର ଏବଂ ମାଗଣା ଟର୍ମ ଇନ୍‌ସ୍ୟୁରାନ୍ସ ଆଦି ସୁବିଧା ଉପଲବ୍ଧ ରହିଛି।

## ଓୟୁଏଟିରେ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର, ୫।୩(ସମିସ): 'ଜୀବିକା ଓ ଉଦ୍ୟୋଗୀ ସୃଷ୍ଟି ପାଇଁ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ' ଉପରେ ୨ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ଉପ-ମହାନିର୍ଦ୍ଦେଶକ, କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପରିଷଦ (ସିସିଆରଏଏସ୍ ) ଆୟୁଷ ମନ୍ତ୍ରାଳୟ, ନୂଆଦିଲ୍ଲୀର ଡ଼ ଏମଏମ ପାଢ଼ୀ ଯୋଗ ଦେଇ ଭାରତରୁ ଆମେରିକାକୁ କେବଳ ୮୦ ପ୍ରତିଶତ ଆୟୁର୍ବେଦ ଔଷଧ ରପ୍ତାନି ହେଉଥିବାରୁ ଚାଷୀମାନେ ଏ ଦିଗରେ ଅଧିକ ମନ ଦେବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି ଆଗାମୀ ଦିନରେ ବିଶ୍ୱର ଔଷଧୀୟ ଓ ସୁଗନ୍ଧିତ ବୃକ୍ଷର ଆବଶ୍ୟକତାକୁ କିପରି ପୂରା କରିହେବ ସେ ଦିଗରେ କେଉଁ କେଉଁ ଔଷଧୀୟ ବୃକ୍ଷକୁ ଚାଷ କରିବା ସେ ନେଇ ସଚେତନ ହେବାକୁ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ, ଭୁବନେଶ୍ୱର ଶାଖାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତ୍ତିକ୍ ଭି. ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କୋଭିଡ ସମୟରେ ଏହାର ଉପକାରିତା ସାରା ବିଶ୍ୱ ଅନୁଭବ କରିଥିବା ବେଳେ ସ୍ୱାସ୍ଥ୍ୟକର ପରିବେଶ ପାଇଁ ଆୟୁର୍ବେଦ ହିଁ ସମାଜ ପାଇଁ ଅମୋଘ ଅସ୍ତ୍ର ବୋଲି କହିଛନ୍ତି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିବା ବେଳେ ଫଳ ବିଜ୍ଞାନ ଏବଂ ଉଦ୍ଭିଦ ବୈଷୟିକ ବିଭାଗର ମୁଖ୍ୟ ପ୍ରଫେସର ସୁଭାଷ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




## ସତ୍ୟପ୍ରିୟ ସ୍ମୃତି କମିଟି ପକ୍ଷରୁ ହୋଲି ଉତ୍ସବ



ବାଲିଅନ୍ତା, ୫।୩(ସମିସ): ସତ୍ୟପ୍ରିୟ ସ୍ମୃତି କମିଟି ଏବଂ ସ୍ୱସ୍ତିକ ଫାଉଣ୍ଡେସନ ମିଳିତ ସହଯୋଗରେ ହୋଲି ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସତ୍ୟପ୍ରିୟ ସ୍ମୃତି କମିଟିର ଅଧ୍ୟକ୍ଷ ତଥା ଯୁବନେତା ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଓଡ଼ିଶା ପର୍ଯ୍ୟଟନ ନିଗମ ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ଜୟଦେବ ନିର୍ବାଚନମଣ୍ଡଳୀ ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି, ଭୁବନେଶ୍ୱର ଜିଲ୍ଲା ସାଂଗଠନିକ ଉପ-ସଭାପତି ଜଗନ୍ନାଥ ବେହେରା, ଶିବ ମଲ୍ଲିକ, ଅଶୋକ ସାହୁ, ନିଶିକାନ୍ତ ପଣ୍ଡା, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ବିଜୟ ମହାରଣା, ରଞ୍ଜନ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାହ୍ନୁ ଦାସ, ଭାଗ୍ୟଧର ନନ୍ଦୀ, କଣ୍ଠ ଶିଳ୍ପୀ ଉପେନ୍ଦ୍ର ପ୍ରଧାନ, ଇଂ ପ୍ରବାସ ବାରିକ, ବେଣୁଧର ଭୋଇ, ନାଏବ ସରପଞ୍ଚ ଅରୁଣ ସାହୁ, କେଲୁ ଚରଣ ବେହେରା, ମଳୟ ମହାନ୍ତିଙ୍କ ସମେତ ଶତାଧିକ ଶୁଭେଚ୍ଛୁ, କର୍ମୀ ଏବଂ ଯୁବକ ଯୁବତୀ ରଙ୍ଗ ଖେଳିଥିଲେ।

## ହାଇଟେକ୍ ଗୁରୁକୁଳ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ ଉଦ୍‌ଘାଟିତ




ଭୁବନେଶ୍ୱର, ୫।୩(ସମିସ): ହାଇଟେକ୍ ମେଡିକାଲ କଲେଜ ନିକଟରେ ହାଇଟେକ୍ ଗ୍ରୁପ୍ ପକ୍ଷରୁ ଗୁରୁକୁଳ ଆରମ୍ଭ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ବୌଦ୍ଧିକ, ଆଧ୍ୟାତ୍ମିକ ଓ ଚରିତ୍ର ଗଠନ ଦିଗରେ ଏହି ଗୁରୁକୁଳ ନିରନ୍ତର କାର୍ଯ୍ୟ କରିବ ବୋଲି ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି। ସେହିପରି ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ କହିଛନ୍ତି ଯେ, ଆଧୁନିକ ଶିକ୍ଷା ସହ ଦେଶାତ୍ମବୋଧ ଓ ସୁସ୍ଥ ସମାଜ ଗଠନ ଦିଗରେ ଗୁରୁକୂଳର ଛାତ୍ରଛାତ୍ରୀ ମାନେ କାର୍ଯ୍ୟ କରିବେ। ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ଗ୍ରୁପ୍ ଗୁରୁକୁଳ ମାଧ୍ୟମରେ ଶିକ୍ଷା ପ୍ରଦାନକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି ସ୍କୁଲର ଉଦ୍‌ଘାଟନ ସମାରୋହରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ନର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ ପାଣିଗ୍ରାହୀ, ନିର୍ଦ୍ଦେଶକ ମଧୁସ୍ମିତା ତ୍ରିପାଠୀ, ନିର୍ଦ୍ଦେଶକ ରାକେଶ ପାଣିଗ୍ରାହୀ ଏବଂ ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

## ଗାଦି ଗୋସାଇଁ ଓ ନିକୁଞ୍ଜ ବିହାରୀଦେବଙ୍କ ଦୋଳ ମେଲଣ



ହଂସପାଳ, ୫।୩(ସମିସ): ଶ୍ରୀ ଶ୍ରୀ ବାଲିକୁଦା ଗାଦି ଗୋସାଇଁ ଓ ନିକୁଞ୍ଜ ବିହାରୀଦେବଙ୍କ ଦୁଇଦିନିଆ ଦୋଳ ମେଲଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଅଛି। ହୋଲି ଦିନ ରାତିରେ ୧୧ଟି ଦୋଳ ବେଦୀରେ ହରିହର ଯଥାକ୍ରମେ ମଞ୍ଜେଶ୍ୱରରୁ ଶ୍ରୀମଞ୍ଜନାଥ, ରସୁଲଗଡ଼ରୁ ଶ୍ରୀଗୋପୀନାଥ, ଜୟପୁରରୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଗୋପୀନାଥଦେବ, ମଦନମୋହନ ଦେବ, ଭୁବନପୁରରୁ ନୃସିଂହନାଥ ଦେବ, ନୂଆଗାଁରୁ ଶ୍ରୀରାଧାମାଧବ, ଶ୍ରୀଗୋପୀନାଥ, ହରିଦାସପୁରରୁ ଶ୍ରୀସ୍ୱପ୍ନେଶ୍ୱର, ନହରକଣ୍ଟାରୁ ଶ୍ରୀଗୋପୀନାଥ, ହଂସପାଳରୁ ଶ୍ରୀରାଧାମାଧବ ଦୋଳ ବିମାନରେ ବିଭିନ୍ନ ପାରମ୍ପାରିକ ବାଦ୍ୟରେ ରୋଷୋଣୀରେ ଆସି ବାଲିଅନ୍ତା ହାଟ ପଡ଼ିଆ ମେଲଣରେ ପହଞ୍ଚି ଥାନପତି ମଞ୍ଜନାଥଙ୍କ ସହ ହରିହର ପରମ୍ପରା ଅନୁଷ୍ଠିତ ହୋଇଥିଲା। ମେଳଣ ଦେଖିବା ପାଇଁ ହଜାର ହଜାର ଲୋକ ଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ରେ ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟଙ୍କ ନେତୃତ୍ୱରେ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ସମୂହ ଏବଂ ପାଞ୍ଚଦେଶ ଉନ୍ନୟନ କମିଟି ସମଗ୍ର କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲିଅନ୍ତା ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଲୋକ ଜନଶକ୍ତି ପାର୍ଟିର ରାଜ୍ୟସ୍ତରୀୟ ସାଧାରଣ ଅଧିବେଶନ



ବାଲିପାଟଣା, ୫।୩ (ସମିସ) : ଲୋକ ଜନଶକ୍ତି ପାର୍ଟିର ରାଜ୍ୟ ସ୍ତରୀୟ ସାଧାରଣ ବୈଠକ ଗୁରୁବାର ବାଲିପାଟଣା କାର୍ଯ୍ୟାଳୟରେ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳକୁ ମଜଭୁତ୍ କରିବାକୁ କର୍ମୀମାନଙ୍କୁ ରାଜ୍ୟ କାର୍ଯ୍ୟକାରୀ ସଭାପତି ଚିତ୍ତ ରଞ୍ଜନ ମଲ୍ଲିକ ସପଥ କରାଇଥିଲେ। ଦଳର ରାଜ୍ୟ ସଭାପତି ରାଜନ୍ ଲାଲ ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଚୟନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଯେଉଁ କର୍ମକର୍ତ୍ତାମାନେ ପୁନର୍ବାର ନିର୍ବାଚିତ ହେଲେ ସେମାନେ ହେଲେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ମଲ୍ଲିକ, ସାଧାରଣ ସମ୍ପାଦକ ରତ୍ନାକର ସ୍ୱାଇଁ, ସମ୍ପାଦକ ଚିତ୍ତରଞ୍ଜନ ବରାଳ, ଉପ ସଭାପତି ପୀତବାସ ପଣ୍ଡା, ମୁସ୍ତାକ ଅଲି, ଜିତେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ସାହୁ, ଉପଦେଷ୍ଟା ଧୀରେନ୍ଦ୍ର ଭୋଇ, କୈଳାସ ସାହୁ ଓ ଜିତେନ୍ଦ୍ର ବେହେରା। ତତ୍ ସହିତ କଲ୍ୟାଣୀ ବାରିକଙ୍କୁ ରାଜ୍ୟ ମହିଳା ସେଲ ଅଧ୍ୟକ୍ଷା, ଅନିତା ନାୟକଙ୍କୁ ଜାତୀୟ ମହିଳା ସେଲର ଅଧ୍ୟକ୍ଷା ଏବଂ ଲିଗାଲ ସେଲର ସଭାପତି ଭାବରେ ଆଡଭୋକେଟ ସୁଭ୍ରଜିତ୍ ମହାନ୍ତିଙ୍କୁ ନିର୍ବାଚିତ କରାଯାଇଥିଲା।

## ମାରୱାଡି ସୋସାଇଟି ପକ୍ଷରୁ ହୋଲି ଉତ୍ସବ



ଭୁବନେଶ୍ୱର, ୫।୩(ସମିସ): ମାରୱାଡ଼ି ସୋସାଇଟିର ଓଡ଼ିଶା ଶାଖା ପକ୍ଷରୁ ପ୍ରଦର୍ଶନୀ ପଡ଼ିଆ ଠାରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସୋସାଇଟି ପକ୍ଷରୁ ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ହୋଲିକା ଦହନ, ହୋଲି ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗ ଦେଇଥିବା ବେଳେ ସୋସାଇଟିର ଅଧ୍ୟକ୍ଷ ସଞ୍ଜୟ ଲାଠ, ଉପାଧ୍ୟକ୍ଷ ତଥା ହୋଲି ସମିତି ସଭାପତି ଚେତନ ଟେକରିୱାଲ, କୋଷାଧ୍ୟକ୍ଷ ସୁରେନ୍ଦ୍ର ଅଗ୍ରୱାଲ, ସମ୍ପାଦକ ଜିତେନ୍ଦ୍ର ମୋହନ ଗୁପ୍ତା, ଶିବ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ। ରାଜସ୍ଥାନୀ ଗାୟିକା ସୀମା ମିଶ୍ରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ ଅନ୍ୟତମ ଆକର୍ଷଣ ଥିଲା।

## ଇରାନ ଉପରେ ବର୍ବର ଆକ୍ରମଣକୁ ବିରୋଧ କରି ବିକ୍ଷୋଭ




ଭୁବନେଶ୍ୱର, ୫।୩(ସମିସ): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଏବଂ ଇରାନ୍ ଉପରେ ଆକ୍ରମଣକୁ ନେଇ ସିପିଆଇ (ଏମଏଲ) ଓଡ଼ିଶା ଦୃଢ଼ ନିନ୍ଦା କରିଛି। ରାଜ୍ୟ କମିଟି ପକ୍ଷରୁ ଗୁରୁବାର ମାଷ୍ଟର କ୍ୟାଣ୍ଟିନ୍ ଠାରେ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ଘଟଣା ପାଇଁ ଆମେରିକା ଏବଂ ଇସ୍ରାଏଲର 'ସାମ୍ରାଜ୍ୟବାଦୀ ନୀତି'କୁ ଦଳ ଦାୟୀ କରିଛି। ଦଳର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏହି ହତ୍ୟାକାଣ୍ଡକୁ ଆମେରିକା ଏବଂ ଇସ୍ରାଏଲର ଏକ 'ଜଘନ୍ୟ ଏବଂ କାପୁରୁଷୋଚିତ' ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ପଶ୍ଚିମ ଏସିଆରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ଦୁଇ ଦେଶ ବିଶ୍ୱ ଶାନ୍ତିକୁ ବିପନ୍ନ କରୁଛନ୍ତି। ଦଳ ପକ୍ଷରୁ ଜଣେ ରାଷ୍ଟ୍ରମୁଖ୍ୟଙ୍କୁ ଏଭଳି ଭାବେ ଟାର୍ଗେଟ୍ କରି ହତ୍ୟା କରିବା କୌଣସି ବି ଦେଶର ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନର ଉଲ୍ଲଙ୍ଘନ। ଏହା କେବଳ ଇରାନ ନୁହେଁ, ବରଂ ସମଗ୍ର ବିଶ୍ୱର ସ୍ୱାଧୀନତା ପ୍ରେମୀ ଜନତାଙ୍କ ଉପରେ ଏକ ପ୍ରହାର ବୋଲି କହିଛନ୍ତି। ସିପିଆଇ (ଏମଏଲ) ଲିବରେସନ କେନ୍ଦ୍ରକମିଟି ସଦସ୍ୟ ରାଧାକାନ୍ତ ସେଠି ଭାରତ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଭାରତ ସରକାର ଆମେରିକାର ଚାପରେ ରହି ଏହି ଘଟଣାକୁ ସ୍ପଷ୍ଟ ଭାବେ ନିନ୍ଦା ନକରିବା ନିନ୍ଦନୀୟ। ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡ଼ା ଆମେରିକୀୟ ସାମ୍ରାଜ୍ୟବାଦ ଏବଂ ଇସ୍ରାଏଲର ଜାୟନବାଦୀ ଶକ୍ତି ମିଳିତ ଭାବେ ବିଶ୍ୱରେ ଆତଙ୍କରାଜ ଚଳାଇଛନ୍ତି। ଆମେ ଏହାର ତୀବ୍ର ନିନ୍ଦା କରୁଛୁ ଏବଂ ଇରାନର ଜନସାଧାରଣଙ୍କ ସହ ଏହି ସଙ୍କଟ ସମୟରେ ଛିଡ଼ା ହୋଇଛୁ ଏବଂ ବିଶ୍ୱର ସମସ୍ତ ଗଣତନ୍ତ୍ର ପ୍ରେମୀ ଆମେରିକାର ଏ ପ୍ରକାର ଆକ୍ରମଣକୁ ନିନ୍ଦା କରିବା ସହିତ ଇରାନର ଏହି ସଙ୍କଟ ସମୟରେ ତାଙ୍କ ପକ୍ଷରେ ଛିଡା ହେବାକୁ ଆହ୍ୱାନ କରିଛନ୍ତି। ଏହି ବିକ୍ଷୋଭରେ ରାଜ୍ୟ କମିଟି ସଦସ୍ୟ ମୁରଲୀ ବେହେରା, ସର୍ବେଶ୍ୱର ବେହେରା, ମାନସ ରଞ୍ଜନ ପ୍ରଧାନ, ରବୀନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ସାହୁ, କାହ୍ନୁ ବେହେରା ଯୋଗଦେଇ ଯୁଦ୍ଧ ତୁରନ୍ତ ବନ୍ଦ କରିବା ଲାଗି ଆହ୍ୱାନ ଦେଇଥିଲେ।(ରଞ୍ଜନା)

# ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ

ଭୁବନେଶ୍ୱର,୫ା୩(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି। ଏଥିରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ ଦଳ ସବୁବେଳେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢୁଛି ବୋଲି ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ ଆଜି ସକାଳ ପ୍ରଥମେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ସକାଳ ଭୁବନେଶ୍ୱର ସ୍ଥିତ ଫରେଷ୍ଟ ପାର୍କଠାରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଶଙ୍ଖ ଭବନରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉପସ୍ଥିତ ବରିଷ୍ଠ ନେତା, ସାଂସଦ, ବିଧାୟକ ଓ ଦଳୀୟ ପଦାଧିକାରୀମାନେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନୀ, ଆଦର୍ଶ ଓ ତାଙ୍କର ଅମୂଲ୍ୟ ଅବଦାନ ବିଷୟରେ ନିଜର ମତ ପ୍ରକାଶ କରିଥିଲେ । ତାଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ଲୋକଙ୍କ ଉନ୍ନତି ଓ କଲ୍ୟାଣ ପାଇଁ କାମ କରିବାକୁ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ଡ. ଅରୁଣ କୁମାର ସାହୁ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ସୁଲୋଚନା ଦାସ, ବଦ୍ରି ନାରାୟଣ ପାତ୍ର, ବ୍ୟୋମକେଶ ରାୟ, କଳିକେଶ ନାରାୟଣ ସିଂହଦେଓ, ଗଣେଶ୍ୱର ବେହେରା, ସସ୍ମିତ ପାତ୍ର, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ, ମୁଜିବୁଲା ଖାନ୍, ମଞ୍ଜୁଲତା କହଁର, ଚିନ୍ମୟ ସାହୁ, ଇପ୍ସୀତା ସାହୁ, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ପ୍ରଣବ ବଳବନ୍ତରାୟ, ଭୃଗୁ ବକ୍ସିପାତ୍ର, ସୁମିତ୍ରା ଜେନା, ଗୀତା ବସ୍ତିଆ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ବ୍ରଜ କିଶୋର ପ୍ରଧାନ, ନଳିନିକାନ୍ତ ପ୍ରଧାନ, ଅଶ୍ୱିନୀ କୁମାର ପାତ୍ର, ଗୌତମବୁଦ୍ଧ ଦାସ, ସୁଭାସିନୀ ଜେନା, ମାଧବ ଧଡ଼ା, ବର୍ଷା ସିଂ ବରିହା, ସଞ୍ଜୀବ କୁମାର ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୁପେଶ ପାଣିଗ୍ରାହୀ, ରମାକାନ୍ତ ଭୋଇ, ସାରଦା ପ୍ରସନ୍ନ ଜେନା, ବିଶ୍ୱରଞ୍ଜନ ମଲ୍ଲିକ, ସୁଜାତା ସାହୁ, ପ୍ରଦୀପ କୁମାର ଦିଶାରୀ, ମନୋରମା ମହାନ୍ତି, ଚକ୍ରମଣୀ କହଁର, ଧ୍ରୁବ ଚରଣ ସାହୁ, ଅଭିମନ୍ୟୁ ସେଠୀ, ନବକିଶୋର ମଲ୍ଲିକ, ବିଭୂତି ଭୂଷଣ ବଳବନ୍ତରାୟ, ପ୍ରଦୀପ କୁମାର ସାହୁ, ମନୋହର ରନ୍ଧାରୀ, ରମେଶ ଚନ୍ଦ୍ର ବେହେରା, ଅଧିରାଜ ମୋହନ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା, ସୁନିଲ କୁମାର ମହାନ୍ତି, ସୁଦର୍ଶନ ହରିପାଲ, ଯୋଗେଶ କୁମାର ସିଂ, ରୋହିତ ଯୋଶେ' ତିର୍କୀ, ଲୋପାମୁଦ୍ରା ବକ୍ସିପାତ୍ର, ମୀନତି ବେହେରା, ଚନ୍ଦ୍ରସାରଥୀ ବେହେରା, ରିଜୱାନ ବେଗମ, ଶେଖ୍ ନିଜାମୁଦ୍ଦୀନଙ୍କ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ।



# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ



ପୁରୀ,୫ା୩(ସମିସ): ପବିତ୍ର ଦୋଳ ପୂର୍ଣ୍ଣିମାରେ ଗତ ମଙ୍ଗଳବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ରତ୍ନ ସିଂହାସନରେ ଦାରୁବିଗ୍ରହ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସେହିପରି ଦୋଳବେଦୀରେ ଶ୍ରୀଦୋଳଗୋବିନ୍ଦଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଶ୍ରଦ୍ଧାଳୁ। ବିଶେଷକରି ଶ୍ରୀବିଗ୍ରହଙ୍କ ରାଜାଧିରାଜ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ସେହିପରି ବୁଧବାର ମହାପ୍ରଭୁଙ୍କ ହୋଲି ନୀତି ସମ୍ପନ୍ନ ହୋଇଥିଲା।

ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡ଼ିଥିବାରୁ ପୂର୍ବରାତ୍ର ୧୦ଟା ୫୫ରେ ପହୁଡ଼ ହୋଇ ରାତି ୧ଟା ୫ରେ ଦ୍ୱାର ଫିଟିଥିଲା। ସୂର୍ଯ୍ୟୋଦୟଠାରୁ ପାକତ୍ୟାଗ ଓ ଦେବନୀତି ନିଷେଧ ଥିବାରୁ ନୀତିକାନ୍ତିକୁ ତ୍ୱରାନ୍ୱିତ କରାଯାଇଥିଲା। ସକାଳ ୬ଟା ୨୫ସୁଦ୍ଧା ବିମାନବେଢ଼ା ସରି ନୀତିକାନ୍ତି ବନ୍ଦ ରହିଥିଲା। ଗ୍ରହଣ ଲାଗିବା ପରେ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ରାତି ୯ଟାରୁ ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ ହୋଇଥିଲା। ରାତି ୧୦ଟା ୪୦ରେ ବେଶ ସମ୍ପୂର୍ଣ୍ଣ ହୋଇଥିଲା। ପୁଲିସ ପକ୍ଷରୁ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ରହିବ, ସେନେଇ ବ୍ୟାପକ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିଲେ। ଶ୍ରଦ୍ଧାଳୁମାନେ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ସୁନାବେଶରେ ଦର୍ଶନ କରି ଖୁସିରେ ଫେରିଥିଲେ।

# ଝାରସୁଗୁଡ଼ା ଏସିଆର ସବୁଠୁ ଉତ୍ତପ୍ତ ସହର

**୪୦ ଡିଗ୍ରୀ ମୁହାଁ ରାଜ୍ୟର ତାପମାତ୍ରା**

**୮ରୁ ବିଭିନ୍ନ ସ୍ଥାନରେ ବର୍ଷା, ପବନ ଆଶଙ୍କା**

ଭୁବନେଶ୍ୱର, ୫ା୩ (ସମିସ): ରାଜ୍ୟରେ ତାପମାତ୍ରା ବୃଦ୍ଧି ଆରମ୍ଭ ହୋଇଯାଇଛି। କ୍ରମାଗତ ଭାବେ ୩ ଦିନ ହେବ ତାପମାତ୍ରା ବଢ଼ିବା ଯୋଗୁଁ ରାଜ୍ୟର ଏକାଧିକ ସହରର ତାପମାତ୍ରା ୪୦ ଡିଗ୍ରୀ ମୁହାଁ ହୋଇଛି। ଅନ୍ୟପଟେ ତାପମାତ୍ରା ବୃଦ୍ଧି ଆରମ୍ଭରୁ ଓଡ଼ିଶାର ତାତି ଦେଶର ପ୍ରମୁଖ ସହରମାନଙ୍କୁ ପଛରେ ପକାଇଛି। ଗୁରୁବାର ୩୯.୬ ଡିଗ୍ରୀ ସହ ଝାରସୁଗୁଡ଼ା କେବଳ ଦେଶ ନୁହେଁ, ସମଗ୍ର ଏସିଆ ମହାଦେଶରେ ସବୁଠୁ ଉତ୍ତପ୍ତ ସହର ପାଲଟିଛି। ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ତାତି ୪୦ ଡିଗ୍ରୀ ଛୁଇଁବା ନେଇ ପୂର୍ବରୁ ଆକଳନ କରାଯାଇଥିବା ବେଳେ ଦିନେ ଦୁଇ ଦିନ ମଧ୍ୟରେ ତାତି ୪୦ ଛୁଇଁବାର ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ଟିଟିଲାଗଡ଼ରେ ତାପମାତ୍ରା ୩୭.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ପାରଳାଖେମୁଣ୍ଡିରେ ୩୭.୨, ଗୋପାଳପୁର ଓ ଢେଙ୍କାନାଳରେ ତାପମାତ୍ରା ୩୭.୧ ଡିଗ୍ରୀ ରେକଡର୍ ହୋଇଛି। ଭୁବନେଶ୍ୱରରେ ତାପମାତ୍ରା ୩୬.୪ ଡିଗ୍ରୀରେ ପହଞ୍ଚିଛି। ତାପମାତ୍ରା ବୃଦ୍ଧି ମଧ୍ୟରେ ଆସନ୍ତା ୮ ତାରିଖରୁ ଦୁଇଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ପବନ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ରାଜ୍ୟରେ ତାପମାତ୍ରା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ଉତ୍ତପ୍ତ ରହୁଛି। ଏହି ସମୟରେ ଏକ ପଶ୍ଚିମା ଘୂର୍ଣ୍ଣିବଳୟ ସୃଷ୍ଟି ପ୍ରଭାବରେ ବର୍ଷା ନେଇ ପରିବେଶ ଅନୁକୂଳ ହୋଇଛି। ଏହି କ୍ରମରେ ୮ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ସମୟରେ ଜିଲ୍ଲାଗୁଡ଼ିକରେ ପବନର ବେଗ ମଧ୍ୟ ବୃଦ୍ଧି ହୋଇ ଘଣ୍ଟା ପ୍ରତି ୩୦-୪୦ କିମି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୯ ତାରିଖରେ ବର୍ଷାର ପ୍ରଭାବ ଅଧିକ ଅଞ୍ଚଳରେ ବଢ଼ିବା ସହିତ ବର୍ଷା ସାଙ୍ଗକୁ କୁଆପଥର ପଡ଼ିବା ନେଇ ଆଶଙ୍କା କରାଯାଉଛି। ବର୍ଷା ଯୋଗୁଁ ସେହି ସମୟରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିବାକୁ ଥିଲେ ମଧ୍ୟ ଏହା ପରେ ତାପମାତ୍ରା କ୍ରମାଗତ ଭାବେ ବଢ଼ିବାର ସମ୍ଭାବନା ରହିଛି।

# ନବୀନଙ୍କ ନିଷ୍ପତ୍ତି ଐତିହାସିକ: ଭକ୍ତ

- ଓଡ଼ିଶାରେ ନବୀନ ବାବୁଙ୍କର ନାହିଁ ନ ଥିବା ଲୋକପ୍ରିୟତା ରହିଛି
- ଭୋଟ୍ ପ୍ରତିଶତରେ ଆଜି ବି ସେ ରାଜ୍ୟରେ ସବୁଠୁ ଶୀର୍ଷରେ

ଭୁବନେଶ୍ୱର, ୫ା୩(ସମିସ): ଡାକ୍ତର ଦତ୍ତେଶ୍ୱର ହୋତା ମିଳିତ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ନାମାଙ୍କନ ପରେ ଏଭଳି ନିଷ୍ପତ୍ତି ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ ବହୁ ପ୍ରଶଂସା କରିଛନ୍ତି। ପିସିସି ସଭାପତି କହିଛନ୍ତି, ବହୁ ବର୍ଷ ପରେ ଓଡ଼ିଶାରେ ସମଭାବାପନ୍ନ ଦଳମାନେ ଏକାଠି ହୋଇଛନ୍ତି। ଫଳସ୍ୱରୂପ, ବିଜେଡି-କଂଗ୍ରେସ ଓ ସିପିଏମ୍ ରାଜନୈତିକ ଭାବେ ଏକାଠି ହେବାକୁ ନିଷ୍ପତ୍ତି ନେଇଛନ୍ତି। ଭକ୍ତ କହିଛନ୍ତି, ଆଦରଣୀୟ ନବୀନ ବାବୁଙ୍କ ପ୍ରସ୍ତାବକୁ ଏଆଇସିସି ଗ୍ରହଣ କଲା। ଆମେ କଥାବାର୍ତ୍ତା ହୋଇ ରାଜ୍ୟ ହିତରେ କାମ କରୁଥିବା ଓ ଅନ୍ତର୍ଜାତୀୟ ସ୍ତରରେ ନାଁ କମାଇଥିବା ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ପ୍ରାର୍ଥୀ କଲୁ। ୟୁରୋଲୋଜି ଓ କିଡ୍‌ନୀ ପ୍ରତିରୋପଣ କ୍ଷେତ୍ରରେ ଡାକ୍ତର ହୋତାଙ୍କର ବୈପ୍ଳବିକ ଅବାଦନ ରହିଛି। ତେଣୁ ତାଙ୍କୁ ଆମେ ସମସ୍ତେ ମିଶି ମିଳିତ ପ୍ରାର୍ଥୀ କରିଛୁ। ନବୀନ ବାବୁ ସ୍ପଷ୍ଟ ଭାବେ କହିଥିଲେ ସମାଜବାଦୀ, ସମଭାବାପନ୍ନ ଦଳମାନେ ସମୟର ଆହ୍ୱାନକ୍ରମେ ଆମେ ଏକ ହୋଇ ଏହି ନିଷ୍ପତ୍ତି ନେଇଛୁ। ତେଣୁ ଓଡ଼ିଶା ରାଜନୀତିରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ଭକ୍ତ କହିଛନ୍ତି।

ଘୋଡ଼ା ବେପାର ପ୍ରସଙ୍ଗରେ ଗଣମାଧ୍ୟମକୁ ଉତ୍ତର ଦେଇ ଭକ୍ତ ଆହୁରି କହିଛନ୍ତି, ନବୀନ ବାବୁଙ୍କର ନାହିଁ ନ ଥିବା ଲୋକପ୍ରିୟତା ଓଡ଼ିଶାରେ ରହିଛି। ଭୋଟ୍ ପ୍ରତିଶତରେ ଆଜି ବି ସେ ରାଜ୍ୟରେ ସବୁଠୁ ଶୀର୍ଷରେ ଅଛନ୍ତି। ଏସବୁ କଥାକୁ ବିଚାର କରି ବର୍ତ୍ତମାନର କୌଣସି ବିଧାୟକ ଭୁଲ୍ ନିଷ୍ପତ୍ତି ନେବେ ନାହିଁ ବୋଲି ଆମେ ବିଚାର କରୁଛୁ। ନବୀନ ବାବୁଙ୍କ ଏହି ନିଷ୍ପତ୍ତି ବହୁତ ବଡ଼ ନିଷ୍ପତ୍ତି, ପୂର୍ବରୁ ବିଜୁବାବୁ ଏପରି ନିଷ୍ପତ୍ତି ନେଉଥିଲେ। ସେତେବେଳେ ବିଜୁ ବାବୁଙ୍କ ନିଷ୍ପତ୍ତିକୁ ଭାରତବର୍ଷର ନେତାମାନେ ଗ୍ରହଣ କରୁଥିଲେ ବୋଲି କହି ନବୀନଙ୍କୁ ପ୍ରଶଂସା କରିଛନ୍ତି ଭକ୍ତ।

## ବିଶୃଙ୍ଖଳିତ ଆଚରଣ ଓ ସେବାପୂଜାରେ ବିଳମ୍ବ

# ତିନି ସେବକଙ୍କୁ କୈଫିୟତ୍ ତଲବ

**ଜଣେ ସେବକଙ୍କ ଶାଢ଼ିବନ୍ଧା ଆଦେଶ ପ୍ରତ୍ୟାହାର ପାଇଁ ନୋଟିସ୍**

ପୁରୀ, ୫ା୩(ସମିସ): ଗତ ଶନିବାର ସେବାପୂଜାରେ ବିଳମ୍ବ, କର୍ତ୍ତବ୍ୟରତ ଅଧିକାରୀଙ୍କ ପ୍ରତି ଦୁର୍ବ୍ୟବହାର ଓ ବିଶୃଙ୍ଖଳ ଆଚରଣ ଅଭିଯୋଗରେ ତିନିଜଣ ସେବକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କୈଫିୟତ ତଲବ କରିଛନ୍ତି। ରାମକୃଷ୍ଣ ଖୁଣ୍ଟିଆ ଯିଏ କି ଅନ୍ୟ ଜଣେ ପାଳିଆ ଖୁଣ୍ଟିଆ ସେବକଙ୍କ ଖଟଣିଆ ଭାବେ ପାଳି ଖଟିଥିବା ସତ୍ତ୍ୱେ ନିର୍ଦ୍ଦିଷ୍ଟ ନୀତି ସମ୍ପାଦନରେ ଅହେତୁକ ବିଳମ୍ବ କରିବା ସହ କର୍ତ୍ତବ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ପ୍ରତି ଅଶୋଭନୀୟ ବ୍ୟବହାର କରିଥିବା ଅଭିଯୋଗ ରହିଛି। ସେହିପରି ମାଧବ ଖୁଣ୍ଟିଆ (ହାତୀ) ଓ ମଧୁସୂଦନ ଖୁଣ୍ଟିଆ (ଷଣ୍ଢ) ମଧ୍ୟ ସେବା ସମ୍ପାଦନରେ ବାଧା ସୃଷ୍ଟି କରି ବିଶୃଙ୍ଖଳା ପ୍ରଦର୍ଶନ କରିଥିବା ଅଭିଯୋଗ ଆସିଛି। ତେଣୁ, ଏହି ତିନିଜଣ ସେବକଙ୍କୁ ୭ ଦିନ ମଧ୍ୟରେ ନିଜର ଲିଖିତ କୈଫିୟତ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାମକୃଷ୍ଣ ଖୁଣ୍ଟିଆଙ୍କ ବିରୋଧରେ ଜାରି ହୋଇଥିବା ଶାଢ଼ିବନ୍ଧା ଆଦେଶ କାହିଁକି ପ୍ରତ୍ୟାହାର କରାଯିବ ନାହିଁ, ସେ ବିଷୟରେ ସନ୍ତୋଷଜନକ ଉତ୍ତର ଦେବା ଲାଗି ମଧ୍ୟ ନୋଟିସ୍ ଜାରି କରାଯାଇଛି।

ଚଳିତବର୍ଷ ଦୋଳ ପୂର୍ଣ୍ଣିମା ସହ ଅନ୍ୟାନ୍ୟ ପର୍ବପର୍ବାଣିରେ ଅଧିକାଂଶ ସେବକଙ୍କ ସହଯୋଗ ଓ ସମନ୍ୱୟରେ ସେବାପୂଜା ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇଆସୁଥିବା ବେଳେ କିଛି ସେବକଙ୍କ ଏପରି ଆଚରଣ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଉଲ୍ଲେଖ କରିଛନ୍ତି। ବିଶୃଙ୍ଖଳିତ ଆଚରଣ ପ୍ରତି ଶ୍ରୀମନ୍ଦିର ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସଚେତନ କରାଇଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନରେ ସହଯୋଗ ଓ ସମନ୍ୱୟ ରକ୍ଷା କରୁଥିବା ସମସ୍ତ ସେବକଙ୍କ ପ୍ରତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କୃତଜ୍ଞତା ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କମ୍ପୁଛି ଜଳ-ସ୍ଥଳ...

ପାଇଁ ବିପଦ ସୃଷ୍ଟି କରିଛି। ଇରାନ ଆକ୍ରମଣ ଯୋଗୁଁ ଏଭଳି ବିସ୍ଫୋରଣ ହୋଇଥିବା କୁହାଯାଉଛି। ଭାରତ ମହାସାଗରରେ ଇରାନର ଯୁଦ୍ଧ ଜାହଜ ଆଇଆରଆଇଏସ୍ ଡେନାକୁ ଆମେରିକା ଆକ୍ରମଣ କରି ବୁଡ଼ାଇବାର କିଛି ଘଣ୍ଟା ମଧ୍ୟରେ ଇରାନ ଏହାର ପ୍ରତିଶୋଧ ନେଇଛି। ଇରାନର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଆଜି ଉତ୍ତର ପାରସ୍ୟ ଉପସାଗରରେ ଏକ ଆମେରିକୀୟ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଥିବା ଦାବି କରିଛି। ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଆକ୍ରମଣ ପରେ ଆମେରିକା ଜାହାଜରେ ନିଆଁ ଲାଗିଯାଇଛି। ଅବଶ୍ୟ ଏ ନେଇ ଆମେରିକା ତରଫରୁ କିଛି କୁହାଯାଇନାହିଁ। ଆଇଆରଜିସି କହିଛି ଯେ, ବର୍ତ୍ତମାନଠାରୁ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ସମସ୍ତ ଜାହଜ ସେମାନଙ୍କ ନିୟନ୍ତ୍ରଣରେ ରହିବେ। ଏହି ଅଞ୍ଚଳର ବିଶ୍ୱର ତୈଳ ବାଣିଜ୍ୟ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗ।

ଇରାନର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ ଦାବି କରିଛି ଯେ ସେମାନେ କାତାରରେ ଥିବା ଆମେରିକାର ସବୁଠାରୁ ଶକ୍ତିଶାଳୀ ଏବଂ ବହୁମୂଲ୍ୟ ରାଡାର ଏଏନ୍/ ଏଫ୍‌ପିଏସ-୧୩୨କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛନ୍ତି। ଏହି ରାଡାର୍‌ଟି ଆଧୁନିକ ବାୟୁ ପ୍ରତିରକ୍ଷା ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା। ଏହାକୁ ଆମେରିକା ୨୦୧୩ରେ ୧.୧ ବିଲିଅନ ଡଲାର ଅର୍ଥାତ ୯, ୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ସ୍ଥାପନ କରିଥିଲା। ଏହି ରାଡାରକୁ କାତାରର ଅଲ୍ ଉଦେଇଦ୍ ବାୟୁସେନା ଘାଟିରେ ମୁତୟନ କରାଯାଇଥିଲା। ଏହାକୁ ମୁଖ୍ୟତଃ ଇରାନର ବାଲଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ତିଆରି କରାଯାଇଥିଲା। ଏହି ରାଡାର ଧ୍ୱଂସ ହେବା ପରେ ସମଗ୍ର ଉପସାଗରୀୟ ଅଞ୍ଚଳରେ ଆମେରିକାର ନଜର ରଖିବା କ୍ଷମତା ହ୍ରାସ ପାଇଛି। ଏହା ଆମେରିକାର ସହଯୋଗୀ ଦେଶଗୁଡ଼ିକର ସୁରକ୍ଷା ପାଇଁ ଏକ ଝଟ୍‌କା ସଦୃଶ ହୋଇଛି। କାତାର ଅଧିକାରୀମାନେ ମଧ୍ୟ ସ୍ୱୀକାର କରଛନ୍ତି ଯେ ଏହି ରାଡାରଟି ଏକ କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱଂସ ହୋଇଛି। ଏହି ଘଟଣା ଆମେରିକାର ସାମରିକ ଅଭିଯାନକୁ ଜବରଦସ୍ତ ଝଟ୍‌କା ଦେଇଛି।

ସାଇପ୍ରସ୍‌ରେ ଥିବା ବ୍ରିଟିଶ ଏୟାର ବେସ୍ ଉପରେ ହୋଇଥିବା 'ଶାହେଦ ଡ୍ରୋନ୍' ଆକ୍ରମଣ ଲେବାନନ ରାଜଧାନୀ ବେରୁଟ୍‌ରୁ କରାଯାଇଥିବା ସ୍ପଷ୍ଟ କରାଯାଇଛି। ଏହି ଆକ୍ରମଣ ପଛରେ ଇରାନର ହାତ ନୁହେଁ ବୋଲି କୁହାଯାଉଛି। ତେବେ ଏଭଳି ଆକ୍ରମଣ କିଏ କରିଛି, ତାହାର ଯାଞ୍ଚ କରାଯାଉଛି। ସେହିଭଳି ଅନ୍ୟତମ କେନ୍ଦ୍ର ଏସୀୟ ଦେଶ ଆଜରବାଇଜାନ ଉପରେ ମଧ୍ୟ ଆକ୍ରମଣ ହୋଇଛି। ଆଜରବାଇଜାନ ଅଭିଯୋଗ କରିଛି ଯେ ଇରାନ ପକ୍ଷରୁ ହୋଇଥିବା ଡ୍ରୋନ ମାଡ଼ରେ ନାଖଚିଭାନ ଅଞ୍ଚଳରେ ଦୁଇଜଣ ନାଗରିକ ଆହତ ହୋଇଛନ୍ତି। କିନ୍ତୁ ଇରାନ ଏହାର ଖଣ୍ଡନ କରିଛି। ଆଜରବୈଜାନ ଉପରେ ଇରାନ ଆକ୍ରମଣ କରିନାହିଁ ବୋଲି କହିଛି। ତେବେ ଏହି ଆକ୍ରମଣ କିଏ କରିଛି, ତାହା ଜଣାପଡ଼ି ନାହିଁ।

ଇତିମଧ୍ୟରେ ଭାରତ ସରକାର ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହିତ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହିତ କଥା ହୋଇଛନ୍ତି। ନୀତୀଶଙ୍କ ପୁଅ ନିଶାନ୍ତଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି କୁହାଯାଉଛି।

## ଇରାନୀୟ ଯୁଦ୍ଧଜାହାଜକୁ...

ଏକ ଡିଷ୍ଟ୍ରେସ୍ କଲ୍ ପଠାଯାଇଥିଲା। ଶ୍ରୀଲଙ୍କା ନୌସେନା ଉଦ୍ଧାରକାରୀ ଦଳ ପହଞ୍ଚିବା ବେଳକୁ ଜାହାଜ ବୁଡ଼ିଯାଇଥିଲା। ଶ୍ରୀଲଙ୍କା ନୌସେନାର ୨ଟି ଜାହଜ ଓ ଏକ ବିମାନ ପଠାଇ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଥିଲା।

ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ କହିଛନ୍ତି ଯେ ଆମେରିକୀୟ ବୁଡ଼ାଜାହଜ ଏହି ଇରାନୀୟ ଯୁଦ୍ଧ ଜାହଜକୁ ବୁଡ଼ାଇ ଦେଇଛି। ଏହାକୁ ସେ ଏକ ଐତିହାସିକ ଘଟଣା ବୋଲି କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମଥର ପାଇଁ ଏକ ଆମେରିକୀୟ ବୁଡ଼ାଜାହଜ ଶତ୍ରୁ ପକ୍ଷରୁ ଜାହଜକୁ ଟର୍ପିଡୋ ଦ୍ୱାରା ବୁଡ଼ାଇଦେଇଛି। ହେଗସେଥ ଏହାକୁ 'ଶାନ୍ତ ମୃତ୍ୟୁ' (କ୍ୱାଇଟ୍ ଡେଥ୍) ବୋଲି କହିଛନ୍ତି। ଆମେରିକାର ପ୍ରତିରକ୍ଷା ବିଭାଗ ଏହି ଆକ୍ରମଣର ଏକ କଳାଧଳା ଭିଡ଼ିଓ ଜାରି କରିଛି।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, କୌଣସି ବୁଡ଼ାଜାହଜର ଆକ୍ରମଣର ଦୃଶ୍ୟକୁ ଏତେ ଶୀଘ୍ର ସାର୍ବଜନୀନ କରିବା ଏକ ଅଭାବନୀୟ ଘଟଣା, ଯାହା ଆଧୁନିକ ଯୁଦ୍ଧ ଏବଂ ସୂଚନା ପ୍ରଦାନର ପରିବର୍ତ୍ତିତ ଶୈଳୀକୁ ଦର୍ଶାଉଛି। ଇତିମଧ୍ୟରେ ପେଣ୍ଟାଗନ ତରଫରୁ କୁହାଯାଉଛି ଯେ ଇରାନ ବିରୁଦ୍ଧରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧର ମୁଖ୍ୟ ଲକ୍ଷ୍ୟ ହେଉଛି ଇରାନର ନୌସେନା ଶକ୍ତିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିବା।

## ୪ ଆସନ ପାଇଁ...

ଗୁରବାର ବିଜେଡି ପ୍ରାର୍ଥୀର୍ ସଂତୃପ୍ତ ମିଶ ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ପ୍ରଥମେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସଂତୃପ୍ତଙ୍କ ପାଇଁ ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ପ୍ରଥମରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସ୍ୱାକ୍ଷର କରିଥିଲେ। ସେହିପରି ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରସ୍ତାବକ ଭାବରେ ପ୍ରଥମ ସ୍ୱାକ୍ଷର କରିଥିଲେ। ଉଭୟ ପ୍ରାର୍ଥୀ ରିଟର୍ଣ୍ଣି ଅଫିସରଙ୍କ ନିକଟରେ ନାମାଙ୍କନ ଭରିବା ସମୟରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭାପତି ଭକ୍ତଚରଣ ଦାସ, ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସିପିଏମ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ ବିଜେପି ପ୍ରାର୍ଥୀ ମନମୋହନ ସାମଲ ଏବଂ ସୁଜିତ୍ କୁମାର ଏ ପଟୁଆରରେ ବାହାରି ରାମ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ସାରି ସେମାନେ ବିଧାନସଭା ସଚିବାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେମାନଙ୍କ ସହ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟ ନାମାଙ୍କନ ଭରିଥିଲେ। ମନମୋହନଙ୍କ ପାଇଁ ପ୍ରସ୍ତାବକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ସ୍ୱାକ୍ଷର କରିଥିବା ବେଳେ ସୁଜିତଙ୍କ ପାଇଁ ପ୍ରଭାତୀ ପରିଡ଼ା ପ୍ରଥମ ପ୍ରସ୍ତାବକ ରହିଥିଲେ। ସେହିପରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପାଇଁ ବରିଷ୍ଠ ବିଜେପି ନେତା ଜୟନାରାୟଣ ମିଶ୍ର ପ୍ରସ୍ତାବକ ଭାବେ ପ୍ରଥମ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ବିଧାୟକମାନେ ଉପସ୍ଥିତ ଥିଲେ। ଆସନ୍ତାକାଲି ନାମାଙ୍କନ ପତ୍ରର ଯାଞ୍ଚ ହେବାକୁ ଥିବାବେଳେ ୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ୪ ଆସନ ପାଇଁ ୫ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ଆସନ୍ତା ୧୬ ତାରିଖରେ ନିର୍ବାଚନ ହେବା ନିଶ୍ଚିତ ହୋଇଯାଇଛି।

## ବିଜେପି ଓ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ନିଶ୍ଚିତ: ମନମୋହନ

ଭୁବନେଶ୍ୱର,୫ା୩(ସମିସ): ରାଜ୍ୟସଭା ନିର୍ବାଚନରେ ଦୁଇ ଦଳୀୟ ଓ ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ନିଶ୍ଚିତ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ଆମ ପାଖରେ ସଂଖ୍ୟା ଅଛି ଓ ଦିଲ୍ଲୀପ ରାୟ ସବୁ ଦଳର ବିଧାୟକଙ୍କ ସହ ସମ୍ପର୍କରେ ଅଛନ୍ତି। ତେଣୁ ତାଙ୍କର ବିଜୟ ପାଇଁ କିଛି ସମସ୍ୟା ନାହିଁ।

## ରାଜ୍ୟସଭା ଯିବେ...

ହଠାତ ଏଭଳି ନିଷ୍ପତ୍ତି କାହିଁକି ନେଲେ ତାହା ସ୍ପଷ୍ଟ କରି ନାହାନ୍ତି। ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ସେ ରାଜ୍ୟସଭା ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ବର୍ତ୍ତମାନ ବିହାରରେ ବିଜେପି ନେତୃତ୍ୱରେ ସରକାର ଗଠନ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ଏକାଧିକ ବରିଷ୍ଠ ରାଜନେତା ଦୌଡ଼ରେ ସାମିଲ ହୋଇଛନ୍ତି। ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ, ପୂର୍ବତନ ରାଜ୍ୟ ବିଜେପି ସଭାପତି ଦିଲୀପ ଜୈସୱାଲ ଓ ପାଟନାର ଦିଘା ବିଧାୟକ ସଞ୍ଜୀବ ଚୌରାସିଆଙ୍କ ନାମକୁ ନେଇ ମଧ୍ୟ ଆଲୋଚନା ହେଉଛି। ତେବେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ନରେନ୍ଦ୍ର ମୋଦୀ ଓ ଅମିତ ଶାହା ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ କରିବେ।

ନୀତୀଶ ଦଲ୍ଲୀ ଯିବା ପରେ ଜେଡିୟୁ (ଜନତା ଦଳ ୟୁନାଇଟେଡ)ର ସ୍ଥିତି କ'ଣ ହେବ ଏବଂ ଦଳର ନେତୃତ୍ୱ କିଏ ନେବ ସେ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଜି ଆସୁଛନ୍ତି...

ନୂତନ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ପୁଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସାଧାରଣ ଲୋକଙ୍କ ପାଇଁ ଶନିବାରଠାରୁ ୪ଦିନ ଖୋଲା ରହିବ ପ୍ରଦର୍ଶନୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ। ଏହି ପ୍ରଦର୍ଶନୀ ଜନସାଧାରଣଙ୍କ ପାଇଁ ମାର୍ଚ୍ଚ ୭ରୁ ୧୦ ଯାଏ ଖୋଲା ରହିବ ବୋଲି ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଗୁରୁବାର ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି କହିଛନ୍ତି, ଭାରତୀୟ ନ୍ୟାୟ ସଂହିତାର ନୂତନ ଆଇନଗୁଡ଼ିକ ୨୦୨୪ ଜୁଲାଇ ୧ରୁ କାର୍ଯ୍ୟକାରୀ ହୋଇଛି। ଯାହା ଫଳରେ ଔପନିବେଶିକ ଯୁଗରେ ପ୍ରଚଳିତ ଥିବା "ଦଣ୍ଡ" ବ୍ୟବସ୍ଥା ଏବେ "ନ୍ୟାୟ" ବ୍ୟବସ୍ଥାକୁ ପରିବର୍ତ୍ତନ ହୋଇଛି। ପୀଡ଼ିତଙ୍କ ଅଧିକାର ଓ ସମ୍ମାନକୁ ପ୍ରାଥମିକତା ଦିଆଯାଇ ସମୟ ସୀମା ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ହେଉଛି ନୂତନ ଆଇନର ମୂଳ ଲକ୍ଷ୍ୟ । ଏହା ବ୍ୟତୀତ ପ୍ରଦର୍ଶନୀରେ "ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ" ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶିତ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍‌ରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହୋଇପାରିବେ ବୋଲି ଡିଜିପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ବଦଳିଲେ ୭...

ନନ୍ଦ କିଶୋର ଯାଦବଙ୍କୁ ନାଗାଲାଣ୍ଡ ଏବଂ ଅବସରପ୍ରାପ୍ତ ଲେଫନାଣ୍ଟ ଜେନେରାଲ ସୟଦ ଅତା ହସନେନଙ୍କୁ ବିହାର ରାଜ୍ୟପାଳ ନିଯୁକ୍ତ କରାଯାଇଛି। ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନାଙ୍କୁ ଲଦାଖ ଉପରାଜ୍ୟପାଳ କରାଯାଇଥିବା ବେଳେ ତରଣଜିତ ସିଂହ ସାନ୍ଧୁଙ୍କୁ ଦିଲ୍ଲୀ ଉପରାଜ୍ୟପାଳ ନିଯୁକ୍ତ କରାଯାଇଛି। ଲଦାଖର ଉପରାଜ୍ୟପାଳ କବିନ୍ଦର ଗୁପ୍ତାଙ୍କୁ ହିମାଚଳ ପ୍ରଦେଶ ରାଜ୍ୟପାଳ କରାଯାଇଛି। ଆରଏନ୍ ରବି ପଶ୍ଚିମ ବଙ୍ଗ ରାଜ୍ୟପାଳ ନିଯୁକ୍ତ ହେବାପରେ କେରଳ ରାଜ୍ୟପାଳ ରାଜେନ୍ଦ୍ର ଭି ଆର୍ଲେକରଙ୍କୁ ତାମିଲନାଡୁର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ଇତିମଧ୍ୟରେ ପଶ୍ଚିମ ବଙ୍ଗ ରାଜ୍ୟପାଳ ପଦରୁ ଆନନ୍ଦ ବୋଷଙ୍କ ଇସ୍ତଫା ଗ୍ରହଣକାଯାଇଛି। ବୋଷ ଦିଲ୍ଲୀରେ ଥାଇ ଇସ୍ତଫା ପ୍ରଦାନ କରିଛନ୍ତି। ମାତ୍ର ସାଢ଼େ ତିନି ବର୍ଷ ପରେ ସେ କାହିଁକି ରାଜ୍ୟପାଳ ପଦରୁ ଇସ୍ତଫା ଦେଲେ, ତାହା ଜଣାପଡ଼ିନାହିଁ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଇସ୍ତଫାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଆଗାମୀ ନିର୍ବାଚନ ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ରାଜ୍ୟପାଳଙ୍କ ଉପରେ ଚାପ ପକାଇଛନ୍ତି, ଯାହା ଫଳରେ ରାଜ୍ୟପାଳ ଇସ୍ତଫା ଦେଇଛନ୍ତି। କେନ୍ଦ୍ରର ଏଭଳି ପଦକ୍ଷେପ ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଆନନ୍ଦଙ୍କ କାର୍ଯ୍ୟକାଳ ମଧ୍ୟରେ ରାଜଭବନ ଓ ମମତା ସରକାରଙ୍କ ମଧ୍ୟରେ ଅନେକ ବିବାଦ ଦେଖାଦେଇଥିଲା। ଆରଏନ୍ ରବି ପଶ୍ଚିମବଙ୍ଗର ଦାୟିତ୍ୱ ନେବା ପରେ ତିକ୍ତତା ଆହୁରି ବଢ଼ିବାର ସମ୍ଭାବନା ସୃଷ୍ଟି ହୋଇଛି, କାରଣ ତାମିଲନାଡୁରେ ମଧ୍ୟ ଶାସକ ଦଳ ସହ ତାଙ୍କର ସମ୍ପର୍କ ଭଲ ନାହିଁ। ମମତା କହିଛନ୍ତି ଯେ ରବିଙ୍କୁ ନିଯୁକ୍ତି ଦେବା ପୂର୍ବରୁ କେନ୍ଦ୍ର ସରକାର ତାଙ୍କ ସହ ବିଚାରବିମର୍ଶ କରି ନାହାନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୧୫ ● ପାଉଣ୍ଡ ୧୨୨.୮୯
- ୟୁରୋ ୧୦୭.୨୨ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୯,୩୦୦ (ନୂଆଦିଲ୍ଲୀ)
- ରୁପା : ୨,୬୨,୭୩୧ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୦୧୫.୦୦
- ନିଫ୍ଟି ୨୪,୭୬୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଜଳୁଛି ମଧ୍ୟପ୍ରାଚ୍ୟ; ଶେଷ ହେଉଛି ତେଲ ଭଣ୍ଡାର

# ଭାରତ ପାଖରେ ଆଉ ମାତ୍ର ୨୫ ଦିନ ପାଇଁ ତୈଳ ମହଜୁଦ

ନୂଆଦିଲ୍ଲୀ, ୫।୩(ଏଜେନ୍ସି): ଆମେରିକା ଓ ଇସ୍ରାଏଲ ମଧ୍ୟରେ ଇରାନର ଯୁଦ୍ଧ ତୀବ୍ର ହେବାରେ ଲାଗିଛି। ଯୁଦ୍ଧ ବି ଏତେ ଶୀଘ୍ର ବନ୍ଦ ହେବା ଭଳି ଲାଗୁନାହିଁ। ଏହି ଯୁଦ୍ଧ ମଧ୍ୟପ୍ରାଚ୍ୟରେ ବିଶ୍ୱ ପାଇଁ ଗମ୍ଭୀର ଆର୍ଥିକ ଏବଂ କୂଟନୈତିକ ବିପଦ ସୃଷ୍ଟି କରିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏକ ଦୀର୍ଘକାଳୀନ ଯୁଦ୍ଧର ଧମକ ଦେଇଛନ୍ତି। ଏହି ଯୁଦ୍ଧ ହର୍ମୁଜ୍ ପ୍ରଣାଳୀରେ ଯୋଗାଣ ଶୃଙ୍ଖଳାକୁ ଗୁରୁତର ଭାବରେ ବିପର୍ଯ୍ୟସ୍ତ କରିଛି, ଯାହା ଫଳରେ ତୈଳ ମୂଲ୍ୟ ବୃଦ୍ଧି ପାଇଛି। ଇରାନ୍ ଯୁଦ୍ଧରେ ବିଶ୍ୱର ଅନେକ ଦେଶର ତୈଳ ଭଣ୍ଡାରରେ ହ୍ରାସ ଧାରା ଜାରି ରହିଛି। ଏହି ଯୁଦ୍ଧ ମଧ୍ୟପ୍ରାଚ୍ୟରେ ମଧ୍ୟ ତୈଳ ମୂଲ୍ୟରେ ନିଆଁ ଲଗାଇ ଦେଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଛି। ଆଗାମୀ ଦିନରେ ବିଶ୍ୱ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୫୦ ଡଲାର ଅତିକ୍ରମ କରିବାକୁ ଯାଉଛି। ଏଥିରେ ଭାରତ ତୈଳ ଭଣ୍ଡାରକୁ ନେଇ ମଧ୍ୟ ଆଶଙ୍କା ଦେଖାଦେଇଛି। କାରଣ ଭାରତ ପାଖରେ ଆଉ ମାତ୍ର ୨୫ ଦିନ ପାଇଁ ତୈଳ ମହଜୁଦ ରହିଛି। ସେହିପରି ପାକିସ୍ତାନ ନିକଟରେ ମାତ୍ର ୩ ଦିନ ପାଇଁ ତୈଳ ମହଜୁଦ ରହିଛି। ଏହାଛଡ଼ା, ଚାଇନା ପାଖରେ ୧୦୪ ଦିନ, ଆମେରିକା ୨୦୦ ଦିନ, ଜାପାନ ୨୬୦ ଦିନ, ସିଙ୍ଗାପୁର ୨୪୫ ଦିନ, ଏବଂ ଦକ୍ଷିଣ କୋରିଆ ନିକଟରେ ୨୧୦ ଦିନ ପାଇଁ ତୈଳ ମହଜୁଦ ରହିଛି।

ଏଭଳି ସ୍ଥିତିରେ ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଭାରତ ସରକାରୀ ରିଫାଇନର୍ସ ଏବଂ ଅଧିକାରୀଙ୍କ ମଧ୍ୟରେ ଏକ ବୈଠକରେ ରୁଷରୁ ତୈଳ କ୍ରୟ ବୃଦ୍ଧି କରିବା ଯୋଜନା ଉପରେ ଆଲୋଚନା ହୋଇଥିଲା। ସରକାର ବର୍ତ୍ତମାନ ଏକ ରଣନୀତି ପ୍ରସ୍ତୁତ କରୁଛନ୍ତି। ୟୁକ୍ରେନ ଯୁଦ୍ଧ ପରେ ଭାରତ ରୁଷ ତେଲର ସବୁଠାରୁ ବଡ଼ କ୍ରେତା ଥିଲା। ସମ୍ପ୍ରତି, ଆମେରିକା ବାଣିଜ୍ୟ ଚୁକ୍ତିର ଚାପରେ, ଭାରତ ରୁଷରୁ ଏହାର ତୈଳ କ୍ରୟ ହ୍ରାସ କରିଛି। ଫଳସ୍ୱରୂପ, ଫେବୃଆରୀରେ ଦୈନିକ ତୈଳ କ୍ରୟ ପ୍ରାୟ ୧ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି। ହେଲେ ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଆମେରିକା-ଇରାନ୍ ଯୁଦ୍ଧ ବଢ଼ିଲେ ତୈଳ କ୍ରୟ ସମ୍ପର୍କରେ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ। ଭାରତ ଅନେକ ଦେଶରୁ ଅଶୋଧିତ ତୈଳ ଆମଦାନୀ କରେ। ଏଥିରେ ଆମେରିକା, ରୁଷ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଇରାକ ଅନ୍ତର୍ଭୁକ୍ତ। ୨୦୨୫-୨୬ ଆର୍ଥିକ ସର୍ଭେ ଅନୁଯାୟୀ, ୨୦୨୫ ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ଲିବିଆ, ମିଶର, ବ୍ରାଜିଲ, ଆମେରିକା ଏବଂ ବ୍ରୁନେଇରୁ ଅଶୋଧିତ ତୈଳ ଆମଦାନୀ ଯଥେଷ୍ଟ ବୃଦ୍ଧି ପାଇଛି। ତଥାପି, ରୁଷ, ସାଉଦି ଆରବ, ଇରାକ ଏବଂ ଭେନେଜୁଏଲାରୁ ଆମଦାନୀ ହ୍ରାସ ପାଇଛି। ଏହି ଦେଶଗୁଡ଼ିକରୁ ଭାରତରେ କମ୍ ତେଲ ଆସିଥିଲା। ଦେଶରେ ସମ୍ଭାବ୍ୟ ତେଲ ଅଭାବ ନେଇ ଚିନ୍ତାର ମୁଖ୍ୟ କାରଣ ହେଉଛି, ଭାରତ ଏହାର ପ୍ରାୟ ୮୫% ଅଶୋଧିତ ତୈଳ ଆବଶ୍ୟକତା ବିଦେଶରୁ ଆମଦାନୀ କରେ। କିନ୍ତୁ ବାସ୍ତବତା ଏହି ଭୟଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଭାରତ ଗତ କିଛି ବର୍ଷ ଧରି ଏହାର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଅନେକ ବ୍ୟବସ୍ଥା ଆପଣାଇଛି, ଯାହା ଫଳରେ ହଠାତ୍ ତୈଳ ଅଭାବ ପ୍ରାୟ ଅସମ୍ଭବ ହୋଇପଡ଼ିଛି। ଗତ ଫେବୃଆରୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ସଂସଦରେ କହିଥିଲେ ଯେ ଭାରତ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଏବଂ ବାଣିଜ୍ୟିକ ଷ୍ଟକ୍ କୁ ମିଶାଇ ପ୍ରାୟ ୭୪ ଦିନର ତୈଳ ଆବଶ୍ୟକତା ପୂରଣ କରିବାର କ୍ଷମତା ରଖିଛି। ଏହି ତଥ୍ୟ ପେଟ୍ରୋଲିୟମ ଯୋଜନା ଏବଂ ବିଶ୍ଳେଷଣ ସେଲ୍ ଏବଂ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ମାନଦଣ୍ଡ ଉପରେ ଆଧାର କରି ପ୍ରସ୍ତୁତ କରାଯାଇଛି।

### କାହା ପାଖରେ କେତେ

| ଦେଶ | ତୈଳ ଷ୍ଟକ୍ |
|---|---|
| ଭାରତ | ୨୫ ଦିନ |
| ପାକିସ୍ତାନ | ୩ ଦିନ |
| ଚାଇନା | ୧୦୪ ଦିନ |
| ଆମେରିକା | ୨୦୦ ଦିନ |
| ଜାପାନ | ୨୬୦ ଦିନ |
| ସିଙ୍ଗାପୁର | ୨୪୫ ଦିନ |
| ଦକ୍ଷିଣ କୋରିଆ | ୨୧୦ ଦିନ |

## ହର୍ମୁଜ୍ ପ୍ରଣାଳୀ ବନ୍ଦ; ଅଟକିଛି ଶହ ଶହ ତୈଳ ଟ୍ୟାଙ୍କର

# ଚୀନ୍‌ଠାରୁ ଜାପାନ ଯାଏଁ ତେଲ ପାଇଁ ହାହାକାର




ନୂଆଦିଲ୍ଲୀ, ୫।୩(ଏଜେନ୍ସି): ଇରାନ ସହ ଆମେରିକାଓ ଇସ୍ରାଏଲର ଚାଲିଥିବା ଯୁଦ୍ଧ ଏବେ ସମଗ୍ର ବିଶ୍ୱକୁ ପ୍ରଭାବିତ କରୁଛି। ହରମୁଜ୍ ପ୍ରଣାଳୀ ଦେଇ ପରିବହନ ପ୍ରାୟ ବନ୍ଦ ହୋଇଯାଇଛି। ବିଶ୍ୱର ତୈଳର ୨୦% ଏହି ରାସ୍ତା ଦେଇ ଯାଇଥାଏ। ଏହା ତେଲ ଏବଂ ଗ୍ୟାସ ଯୋଗାଣ ପାଇଁ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିଛି। ଶନିବାରଠାରୁ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୨୦% ବୃଦ୍ଧି ପାଇଛି। ଗ୍ୟାସ୍ ମୂଲ୍ୟରେ ମଧ୍ୟ ତୀବ୍ର ବୃଦ୍ଧି ଘଟୁଛି। ଇରାକ ଦୈନିକ ତୈଳ ଉତ୍ପାଦନ ୧.୫ ନିୟୁତ ବ୍ୟାରେଲ ହ୍ରାସ କରିଛି। କାତାର ଏଲଏନଜି ଉତ୍ପାଦନ ବନ୍ଦ କରିଛି। ଏକ ପ୍ରମୁଖ ସାଉଦି ରିଫାଇନାରୀ ମଧ୍ୟ ଉତ୍ପାଦନ ବନ୍ଦ କରିଛି। କାରଣ ଇରାନ ନିକଟରେ ସାଉଦି ଆରବର ଏହି ରିଫାଇନାରୀ ଉପରେ ଦୁଇଥର ଆକ୍ରମଣ କରିଛି। ମଙ୍ଗଳବାର ବ୍ରିଟେନରେ ଗ୍ୟାସ ମୂଲ୍ୟ ମଧ୍ୟ ବୃଦ୍ଧି ପାଇ ୩ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ବିଶ୍ୱ ସ୍ତରରେ ପଡ଼ିବା ଆରମ୍ଭ ହୋଇଛି।

ଆଜି ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ତିନି ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି, ପ୍ରତି ବ୍ୟାରେଲ ୮୪ ଡଲାର ଅତିକ୍ରମ କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଇରାନରେ ଯୁଦ୍ଧ ଶୀଘ୍ର ଶେଷ ନ ହୁଏ, ତେବେ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୫୦ ଡଲାର ଅତିକ୍ରମ କରିପାରେ। ଏହା ଭାରତ, ଚୀନ୍ ଏବଂ ଜାପାନ ଭଳି ଦେଶମାନଙ୍କ ପାଇଁ ଯଥେଷ୍ଟ କ୍ଷତି ଘଟାଇପାରେ, ଯେଉଁମାନେ ସେମାନଙ୍କ ଅଧିକାଂଶ ତେଲ ଆମଦାନୀ କରିଥାନ୍ତି। ବର୍ଦ୍ଧିତ ତୈଳ ମୂଲ୍ୟ ଏହି ଦେଶଗୁଡ଼ିକର ଅର୍ଥନୀତିକୁ ଗୁରୁତର ଭାବରେ ବିପର୍ଯ୍ୟସ୍ତ କରିପାରେ। ଏଥିରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ। ଜାପାନି ତୈଳ ବିଶୋଧନାଗାରଗୁଡ଼ିକ ସରକାରଙ୍କ ଜାତୀୟ ଭଣ୍ଡାରଗୁଡ଼ିକୁ ତେଲ ଛାଡ଼ିବାକୁ ଅନୁରୋଧ କରିଛନ୍ତି। ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ତୈଳ ଯୋଗାଣକୁ କଡ଼ାକଡ଼ି କରିଛି। ସେହିପରି, ଚୀନ୍ ସରକାର ତାଙ୍କର ପ୍ରମୁଖ ବିଶୋଧନାଗାରଗୁଡ଼ିକୁ ପେଟ୍ରୋଲ୍ ଏବଂ ଡିଜେଲ୍ ରପ୍ତାନି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇରାନର ତୈଳ ରପ୍ତାନିର ୯୦ ପ୍ରତିଶତ ଚୀନ୍‌କୁ ହୋଇଥାଏ। ସେହିପରି, ଦକ୍ଷିଣ କୋରିଆ କହିଛି ଯେ ଏହାର ୭ଟି ଜାହାଜ ହର୍ମୁଜ୍ ପ୍ରଣାଳୀ ଦେଇଯାଇପାରିନାହିଁ। ଏହି ପ୍ରଣାଳୀ ଦେଇ ଯାଉଥିବା ୮୦ ପ୍ରତିଶତ ତେଲ ଏସୀୟ ଦେଶମାନଙ୍କ ପାଇଁ ଉଦ୍ଦିଷ୍ଟ। ସାଉଦି ଆରବ, ଇରାକ, ୟୁଏଇ ଏବଂ ଇରାନ ସମେତ ଅନେକ ଦେଶ ଏହି ରୁଟ୍ ବ୍ୟବହାର କରିଥାନ୍ତି। ତଥାପି, ଇରାନର ରିଭୋଲ୍ୟୁସନରୀ ଗାର୍ଡମାନେ କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀ କେବଳ ଆମେରିକା, ଇସ୍ରାଏଲ ଏବଂ ୟୁରୋପରୁ ଆସୁଥିବା ଜାହାଜ ପାଇଁ ବନ୍ଦ କରାଯାଇଛି।

ଏଭଳି ସ୍ଥିତିରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଏଲଏନଜି ଉତ୍ପାଦନକାରୀ କତାର ଗ୍ୟାସ ଉତ୍ପାଦନ ବନ୍ଦ କରିଦେଇଛି। ଏହାର ଏକ ପ୍ଲାଣ୍ଟ ଉପରେ ସମ୍ପ୍ରତି ଆକ୍ରମଣ ହୋଇଥିଲା। ଭାରତ ଏବଂ ଚୀନ୍ କତାର ଗ୍ୟାସର ସବୁଠାରୁ ବଡ଼ କ୍ରେତା। ଏହା ଭାରତକୁ ଯୋଗାଣ ପ୍ରଭାବିତ କରିଛି ଏବଂ ପ୍ରମୁଖ ଘରୋଇ କ୍ଷେତ୍ର ପାଇଁ ଇନ୍ଧନ ଉପଲବ୍ଧତାରେ ସଙ୍କଟ ସୃଷ୍ଟି କରିଛି। ଭାରତ ବାର୍ଷିକ ୨୭ ନିୟୁତ ଟନ୍ ଏଲଏନଜି ଆମଦାନୀ କରେ, ଯାହାର ୪୦ ପ୍ରତିଶତ କେବଳ କତାରରୁ ଆସିଥାଏ। ହରମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁଁ, ଭାରତର ସର୍ବବୃହତ ଏଲଏନଜି ଆମଦାନୀକାରୀ ପେଟ୍ରୋନେଟ୍ ଏଲଏନଜି କତାରକୁ ତା'ର ଜାହାଜ ପଠାଇପାରୁନାହିଁ, ଏହା ମୁଖ୍ୟତଃ ହରମୁଜ୍ ପ୍ରଣାଳୀରେ ଚଳାଚଳ ପ୍ରାୟ ବନ୍ଦ ହେବା ଯୋଗୁଁ। ଏହି ରୁଟ୍ ଭାରତ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ, କାରଣ ଦେଶର ମୋଟ ଅଶୋଧିତ ତୈଳ ଆମଦାନୀର ପ୍ରାୟ ୫୦% ଏବଂ ଏଲଏନଜି ଯୋଗାଣର ୫୪% ଏହା ଦେଇ ଗତି କରେ। ଭାରତରେ ୧୮ ଦିନର ଅଶୋଧିତ ତେଲ, ୨୧ ଦିନର ପେଟ୍ରୋଲ ଏବଂ ଡିଜେଲ ଏବଂ ୧୨ ଦିନର ଗ୍ୟାସ ସଂରକ୍ଷଣ ଅଛି। ଯଦି ଏହି ସଂଘର୍ଷ ଦୀର୍ଘ ସମୟ ଧରି ଜାରି ରହେ, ତେବେ ଭାରତର ଅସୁବିଧା ଆହୁରି ବଢ଼ିପାରେ।

**ଆମେରିକା, ଇସ୍ରାଏଲ୍, ୟୁରୋପ ଜାହାଜ ପାଇଁ ବାଟ ବନ୍ଦ**

**ଦର ୧୫୦ ଡଲାର ଅତିକ୍ରମ କରିପାରେ**

**କାତାରର ଏଲଏନଜି ଉତ୍ପାଦନ ବନ୍ଦ**

# ଟ୍ରମ୍ପଙ୍କୁ ଝଟ୍‌କା: ସୁଧ ସହ ଶୁଳ୍କ ଫେରାଇବାକୁ କୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୫।୩ (ସମିସ): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କୋର୍ଟରୁ ଏକ ବଡ଼ ଝଟ୍‌କା ମିଳିଛି। ବେଆଇନ ଶୁଳ୍କ ଲଗାଇ ଆମଦାନୀକାରୀଙ୍କ ଠାରୁ ଆଦାୟ କରିଥିବା ମୋଟା ଅଙ୍କର ଶୁଳ୍କ ଅର୍ଥକୁ ସୁଧ ସହ ଫେରାଇବ ଟ୍ରମ୍ପ ପ୍ରଶାସନ। ଏ ନେଇ ଆମେରିକାର ଏକ ବାଣିଜ୍ୟ ଅଦାଲତ ଟ୍ରମ୍ପ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାସରେ ସୁପ୍ରିମକୋର୍ଟ ଟ୍ରମ୍ପ୍ ଟାରିଫକୁ ବେଆଇନ କହି ଲଗାଯାଇଥିବା ଶୁଳ୍କକୁ ଖାରଜ କରିଦେଇଥିଲେ। ଏହାପରେ ଆଦାୟ ହୋଇଥିବା ବେଆଇନ ଶୁଳ୍କକୁ ଫେରାଇବା ନେଇ ଆଲୋଚନା ଜୋର ଧରିଥିଲା। ଏବେ କୋର୍ଟ ନିର୍ଦ୍ଦେଶ ଦେବା ପରେ ଟ୍ରମ୍ପ୍ ଶୁଳ୍କ ବାବଦ ଅର୍ଥ ଫେରାଇବାକୁ ବାଧ୍ୟ ହେବେ ବୋଲି କୁହାଯାଉଛି।

କୋର୍ଟ ରାୟରେ କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ଆମଦାନୀ ଶୁଳ୍କ ପ୍ରଦାନ କରିଥିବା କମ୍ପାନୀଗୁଡ଼ିକୁ ଏବେ ଫେରସ୍ତ କରାଯିବ। ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତର ବିଚାରପତି ରିଚାର୍ଡ ଇଟନ୍ କହିଛନ୍ତି ଯେ ସମସ୍ତ ଆମଦାନୀକାରୀ ଗତ ମାସରେ ଆମେରିକାର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିର ଲାଭ ପାଇବାକୁ ହକଦାର, ଯାହା ଟ୍ରମ୍ପଙ୍କ ଅନେକ ଶୁଳ୍କକୁ ଅସାମ୍ବିଧାନିକ ଘୋଷଣା କରିଥିଲା। କୋର୍ଟ ଟ୍ରମ୍ପଙ୍କ ପୁରୁଣା ଆମଦାନୀ ଟିକସକୁ ଅବୈଧ ଘୋଷଣା କରିଛନ୍ତି।



କମ୍ପାନୀଗୁଡ଼ିକୁ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କା ଫେରସ୍ତ କରିବାକୁ କୋର୍ଟ ଟ୍ରମ୍ପ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିପୁଳ ଅର୍ଥ ଫେରସ୍ତ ପରେ ଟ୍ରମ୍ପ ପ୍ରଶାସନ ଏବେ ଏକ ନୂତନ ପଦକ୍ଷେପ ପାଇଁ ପ୍ରସ୍ତୁତ ହେଉଛି। ଏହି ଅନୁଯାୟୀ, ଆମେରିକା ଚଳିତ ସପ୍ତାହରେ ଏହାର ନୂତନ ଆମଦାନୀ ଶୁଳ୍କକୁ ୧୦% ରୁ ୧୫% କୁ ବୃଦ୍ଧି କରିପାରେ। ଏହା ବ୍ୟତୀତ, ସୁପ୍ରିମକୋର୍ଟ ତାଙ୍କ ରାୟରେ ଆହୁରି ମଧ୍ୟ କହିଛନ୍ତି ଯେ ରାଷ୍ଟ୍ରପତି କେବଳ ଶୁଳ୍କ ସ୍ଥିର କରିପାରିବେ ନାହିଁ କିମ୍ବା ପରିବର୍ତ୍ତନ କରିପାରିବେ ନାହିଁ, କାରଣ କେବଳ କଂଗ୍ରେସ ପାଖରେ ଟିକସ ଲାଗୁ କରିବାର ଅଧିକାର ଅଛି। ଏହି ରାୟ ପ୍ରାୟ ସମସ୍ତ ଦେଶ ଉପରେ ଲାଗୁ ହୋଇଥିବା ପାରସ୍ପରିକ ଶୁଳ୍କକୁ ଅବୈଧ ଘୋଷଣା କରିଛି। ଆମେରିକା ସରକାର ଏ ପର୍ଯ୍ୟନ୍ତ ଏହି ଶୁଳ୍କରୁ ୧୩୦ ବିଲିୟନ ଡଲାର ସଂଗ୍ରହ କରିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ସରକାରଙ୍କୁ ୧୭୫ ବିଲିୟନ ଡଲାର ପର୍ଯ୍ୟନ୍ତ ଫେରସ୍ତ କରିବାକୁ ପଡ଼ିପାରେ। ଏହି ରାୟ ବିଶେଷ ଭାବରେ ଟେନେସିର ନାଶଭିଲ୍-ଭିତ୍ତିକ ଏକ କମ୍ପାନୀ ଆଟମସ୍ ଫିଲ୍ଟ୍ରେସନ୍ ମାମଲାରେ ହୋଇଛି, ଯେ କି ଶୁଳ୍କ ଫେରସ୍ତ ଦାବି କରିଥିଲା।

# ଇରାନ୍‌ର ଆକ୍ରମଣ ପରେ ବଦଳିଲା ଛବି: ଦୁବାଇରୁ ମୋହ ଭଙ୍ଗ

ନୂଆଦିଲ୍ଲୀ, ୫।୩(ଏଜେନ୍ସି): ଇସ୍ରାଏଲ୍ ଓ ଆମେରିକାର ଇରାନ ସହ ଯୁଦ୍ଧ ମଧ୍ୟରେ ଉପସାଗ୍ରୀୟ କ୍ଷେତ୍ରରେ ସ୍ଥିତି ହଠାତ୍ ବଦଳିଯାଇଛି। ଏମିତିକି ଏହି ଯୁଦ୍ଧ ଦୁବାଇର ରିଅଲ୍ ଇଷ୍ଟେଟ୍ ବଜାରକୁ ଚାପଗ୍ରସ୍ତ କରି ଚର୍ଚ୍ଚାର ପରିସରକୁ ଆଣିଛି। ୟୁଏଇର କିଛି ଭାଗରେ ଇରାନ୍‌ର ଆକ୍ରମଣ ନିବେଶକଙ୍କୁ ଆତଙ୍କିତ କରିଛି। ଏହାର ପ୍ରଭାବ ସ୍ୱରୂପ ଭାରତୀୟ ନିବେଶକମାନେ ଦୁବାଇରେ ସମ୍ପତ୍ତି କାରବାର ବନ୍ଦ କରୁଛନ୍ତି। ଏହି ବନ୍ଦ ଭାରତୀୟ କ୍ରେତାଙ୍କୁ ଆକର୍ଷିତ କରିଥିବା ଡେଭଲପରମାନଙ୍କୁ ପ୍ରଭାବିତ କରିଛି। ଡେଭଲପରମାନେ ବିଶ୍ୱାସ କରନ୍ତି ଯେ ବଜାରର ମୌଳିକତା ଦୃଢ଼ ରହିଛି। ଏହି ସମୟରେ, ଆନାରକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଗବେଷଣା ଏବଂ ପରାମର୍ଶଦାତା ପ୍ରମୁଖ ଡକ୍ଟର ପ୍ରଶାନ୍ତ ଠାକୁର ମଧ୍ୟ ଦୁବାଇର ସମ୍ପତ୍ତି ବଜାର ଉପରେ ବିଶ୍ୱାସ ପ୍ରକାଶ କରିଛନ୍ତି। ସେ ବିଶ୍ୱାସ କରନ୍ତି ଯେ କାହାଣୀ ପୁଣି ପରିବର୍ତ୍ତନ ହୋଇପାରେ। ବିଶେଷଜ୍ଞଙ୍କ ଅନୁଯାୟୀ, ଭୂ-ରାଜନୈତିକ ଉତ୍ତେଜନା ଅଳ୍ପ ସମୟ ପାଇଁ ନିବେଶକଙ୍କ ଭାବନାକୁ ପ୍ରଭାବିତ କରିପାରେ, ଦୁବାଇର ରିଅଲ୍ ଇଷ୍ଟେଟ୍ ବଜାର ଐତିହାସିକ ଭାବରେ ଆଘାତ ସହ୍ୟ କରିବା ଏବଂ ତୁଳନାତ୍ମକ ଭାବରେ ଶୀଘ୍ର ପୁନରୁଦ୍ଧାର କରିବାର ଏକ ଉଲ୍ଲେଖନୀୟ କ୍ଷମତା ପ୍ରଦର୍ଶନ କରିଛି। ଏପରି ପରିସ୍ଥିତିରେ, ବର୍ତ୍ତମାନର ସଂଘର୍ଷର ସମ୍ଭାବ୍ୟ ପ୍ରଭାବକୁ ବୁଝିବା ପାଇଁ ବଜାର ମୌଳିକତା ଏବଂ ଅତୀତର ଚକ୍ର ଉଭୟକୁ ଦେଖିବା ଆବଶ୍ୟକ।

ପଶ୍ଚିମ ଏସୀୟ ସଙ୍କଟ ଭାରତୀୟ ନିବେଶକଙ୍କ ମଧ୍ୟରେ ଏକ ସ୍ୱର୍ଗ ଭାବରେ ଦୁବାଇର ଖ୍ୟାତି ଉପରେ ସନ୍ଦେହ ସୃଷ୍ଟି କରିଛି। ନିବେଶକମାନେ ବୁଝିପାରୁଛନ୍ତି ଯେ ଆଞ୍ଚଳିକ ଅସ୍ଥିରତା ବିଶ୍ୱର ସବୁଠାରୁ ଗତିଶୀଳ ସମ୍ପତ୍ତି ବଜାର ମଧ୍ୟରୁ ଗୋଟିଏକୁ ପଥଭ୍ରଷ୍ଟ କରିପାରେ କି ନାହିଁ। ଏବେ ଦୁବାଇ ନିଜେ ଆକ୍ରମଣର ଶିକାର ହୋଇଛି। ଏହା ମଧ୍ୟପ୍ରାଚ୍ୟରେ ଏକ ସୁରକ୍ଷିତ ଅର୍ଥନୈତିକ କେନ୍ଦ୍ର ଭାବରେ ଏମିରେଟ୍ସର ଦୀର୍ଘକାଳୀନ ଖ୍ୟାତିକୁ ବିପଦରେ ପକାଇଛି।

ମଧ୍ୟପ୍ରାଚ୍ୟର ବୃହତ ପର୍ଯ୍ୟଟନ ଶିଳ୍ପ ବାର୍ଷିକ ପ୍ରାୟ ୩୬୭ ବିଲିୟନ ଡଲାର ମୂଲ୍ୟର ବୋଲି ଆକଳନ କରାଯାଇଛି। ଦୀର୍ଘକାଳୀନ ଉତ୍ତେଜନା ସମଗ୍ର ଅଞ୍ଚଳରେ ପର୍ଯ୍ୟଟଙ୍କ ଟ୍ରାଭେଲ ଭାବନାକୁ ପ୍ରଭାବିତ କରିପାରେ। ଶିଳ୍ପ ଆକଳନ ଅନୁଯାୟୀ ଭୂ-ରାଜନୈତିକ ଅସ୍ଥିରତା ୨୩-୩୮ ନିୟୁତ ପରିଦର୍ଶକଙ୍କୁ ହ୍ରାସ କରିପାରେ, ଯାହା ଫଳରେ ପର୍ଯ୍ୟଟନ ରାଜସ୍ୱରେ ୩୪-୫୬ ବିଲିୟନ ଡଲାର ହ୍ରାସ ହୋଇପାରେ। ଯଦି ଏହା ଘଟେ, ତେବେ ଏହାର ତୁରନ୍ତ ପ୍ରଭାବ ପର୍ଯ୍ୟଟନ-ଅଧିକ ଜିଲ୍ଲାଗୁଡ଼ିକରେ ଅବସ୍ଥିତ କ୍ଷଣସ୍ଥାୟୀ ଭଡା ଆପାର୍ଟମେଣ୍ଟ, ଆତିଥ୍ୟ ସମ୍ପତ୍ତି ଏବଂ ଖୁଚୁରା ସମ୍ପତ୍ତି ଉପରେ ପଡ଼ିପାରେ। ତଥାପି, ଦୁବାଇର ଆବାସିକ ସମ୍ପତ୍ତି ଚାହିଦା କେବଳ ପର୍ଯ୍ୟଟନ ଦ୍ୱାରା ପରିଚାଳିତ ନୁହେଁ। ସହରର ବୃହତ ପ୍ରବାସୀ ଜନସଂଖ୍ୟା ବାସଗୃହ ଚାହିଦାର ଏକ ସ୍ଥିର ଆଧାର ରହିଛି।

**ପ୍ରପର୍ଟି ଡିଲ୍ ବାତିଲ୍ କରୁଛନ୍ତି ଭାରତୀୟ**

# ମହିଳାଙ୍କୁ ସଶକ୍ତ କରୁଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, ୫।୩(ସମିସ): ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଶିକ୍ଷା କ୍ଷେତ୍ରରେ ନିବେଶ ସହିତ ଘର ନିକଟରେ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି କାର୍ଯ୍ୟ କରୁଛି। ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏବଂ ଶିଳ୍ପ ଆବଶ୍ୟକତା ମୁତାବକ ଦକ୍ଷତା ବିକାଶ ରାସ୍ତା ଖୋଲିବା ଦ୍ୱାରା, କମ୍ପାନୀ ଏହି ଅଞ୍ଚଳର ଯୁବତୀମାନଙ୍କ ପାଇଁ କଷ୍ଟକର ବୋଲି କୁହାଯାଉଥିବା କ୍ୟାରିୟରରେ ଗଠନରେ ସକ୍ଷମ କରୁଛି। ପ୍ରିୟଙ୍କା ମହାକୁଡଙ୍କ ଯାତ୍ରା ଏହାର ଏକ ଉଦାହରଣ। ଲାଞ୍ଜିଗଡ଼ରେ ଜନ୍ମଗ୍ରହଣ କରି ବଢ଼ିଥିବା ପ୍ରିୟଙ୍କା ବେଦାନ୍ତ ଡିଏଭି ଇଣ୍ଟରନ୍ୟାସନାଲ ସ୍କୁଲରେ ଅଧ୍ୟୟନ କରିଥିଲେ, ଯାହା ଏହି ଅଞ୍ଚଳର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ। ପ୍ରିୟଙ୍କା ବି.ଏସ୍.ସି. ଶେଷ କରିବା ପରେ ଭୁବନେଶ୍ୱରର ମହର୍ଷି ମହାବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନ (ସମ୍ମାନ) ରେ ତାଙ୍କ ଶିକ୍ଷାର ଯାତ୍ରା ଜାରି ରଖିଥିଲେ ଏବଂ ବର୍ତ୍ତମାନ ଦୂର ନିରନ୍ତର ଶିକ୍ଷା ମାଧ୍ୟମରେ ବାୟୋଟେକ୍ନୋଲୋଜିରେ ସ୍ନାତକୋତ୍ତର କରୁଛନ୍ତି। ପ୍ରିୟଙ୍କାଙ୍କ ପାଇଁ, ଏହା କେବଳ ଉଚ୍ଚ ଶିକ୍ଷା ନୁହେଁ ବରଂ ବୃତ୍ତିଗତ ମହତ୍ୱାକାଂକ୍ଷା ପାଇଁ ମଧ୍ୟ ମୂଳଦୁଆ ପକାଇଥିଲା। ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିବାରେ ସେ ତାଙ୍କ ପରିବାରର ପ୍ରଥମ ବ୍ୟକ୍ତି ହୋଇଥିଲେ, ଯାହା ତାଙ୍କ ପରିବାର ସହିତ ଏହି ଅଞ୍ଚଳରେ ଶିକ୍ଷାର ଗୁରୁତ୍ୱକୁ ବଢାଇ ଥିଲା ଆଜି ତାଙ୍କ ଭଉଣୀ କଟକରେ ଆଇନ ପାଠ ପଢୁଛନ୍ତି ଏବଂ ତାଙ୍କ ଭାଇ ଭୁବନେଶ୍ୱରରେ ଇଞ୍ଜିନିୟରିଂ ପଢୁଛନ୍ତି । ସେ ବର୍ତ୍ତମାନ ବେଦାନ୍ତର ଆଲୁମିନା ରିଫାଇନାରୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ, ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଡିସିଏସ) ରେ କାର୍ଯ୍ୟ କରନ୍ତି, ଯାହାକୁ କାରଖାନାର ସ୍ନାୟୁ କେନ୍ଦ୍ର ଭାବରେ ବିବେଚନା କରାଯାଏ।



# ୟୁନିଭରସିଟି ଅଫ୍ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ-ଏସ୍ ଆଣ୍ଡ ଟି କ୍ଲଷ୍ଟର୍ସ ଏମ୍‌ଓୟୁ

ଭୁବନେଶ୍ୱର, ୫।୩(ସମିସ): ଦି ୟୁନିଭରସିଟି ଅଫ୍ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ (ୟୁଡବ୍ଲ୍ୟୁଏ) ଏବଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏସ୍ ଆଣ୍ଡ ଟି) କ୍ଲଷ୍ଟର୍ସ (ଅଫିସ ଅଫ୍ ଦି ପ୍ରିନ୍ସିପାଲ ସାଇଣ୍ଟିଫିକ ଆଡଭାଇଜରଙ୍କର ଏକ ପ୍ରୟାସ) ଭାରତର ସମସ୍ତ ରାଷ୍ଟ୍ରୀୟ ବିଜ୍ଞାନ ଓ ପ୍ରଯୁକ୍ତି (ଏସ୍ ଆଣ୍ଡ ଟି) କ୍ଲଷ୍ଟର ବିଧିବ୍ୟବସ୍ଥାରେ ଏକ ସୁସଂହତ, ଦୀର୍ଘସୂତ୍ରୀ ସହଯୋଗୀତା ସ୍ଥାପନ କରିବାକୁ ଏକ ବୁଝାମଣା ପତ୍ର (ଏମ୍‌ଓୟୁ)ରେ ସ୍ୱାକ୍ଷର କରିଛନ୍ତି। ଏହି ସହଭାଗୀତା ୟୁଡବ୍ଲ୍ୟୁଏକୁ ଭାରତର ସଂଘୀୟ ବିଜ୍ଞାନ ଓ ନବସୃଜନ ବ୍ୟବସ୍ଥା ସହିତ ଏକତ୍ରିତ କରାଉଛି, ଯାହା ରାଷ୍ଟ୍ରୀୟ ବିକାଶ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ସମସ୍ତ ଅଗ୍ରାଧିକାର କ୍ଷେତ୍ରଗୁଡିକରେ ଲକ୍ଷ୍ୟଭିତ୍ତିକ ସହଯୋଗୀତାକୁ ସମର୍ଥ କରାଇବ। ଦି ଅଫିସ ଅଫ୍ ଦି ପ୍ରିନସିପାଲ ସାଇଣ୍ଟିଫିକ ଆଡଭାଇଜର ପ୍ରଧାନମନ୍ତ୍ରୀ ଏବଂ କ୍ୟାବିନେଟର ସର୍ବୋଚ୍ଚ ସ୍ତରୀୟ ବୈଜ୍ଞାନିକ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛି ଏବଂ ଏହା ବିଜ୍ଞାନ, ପ୍ରଯୁକ୍ତି, ନବସୃଜନ ଏବଂ ଗବେଷଣା ନୀତିଗୁଡିକ ଉପରେ ରଣକୌଶଳାତ୍ମକ ଦିଗ୍‌ଦର୍ଶନ ଯୋଗାଇ ଦେଉଛି। ପିଏସ୍‌ଏ ଅଫିସ ଅଧୀନରେ ଭାରତ ବେଙ୍ଗାଲୁରୁ, ପୁନେ, ଚଣ୍ଡିଗଡ, ଭୁବନେଶ୍ୱର, ବିଶାଖାପଟନମ୍ ଏବଂ ହାଇଦରାବାଦ ସମେତ ସମସ୍ତ ପ୍ରମୁଖ ନସବୃଜନ ସ୍ଥଳରେ ଆଠଟି ଏସ୍ ଆଣ୍ଡ ଟି କ୍ଲଷ୍ଟର ସ୍ଥାପନ କରିଛି।

# ବିପଦରେ ଭାରତର ୪ ଲକ୍ଷ କୋଟିର ଇଲେକ୍ଟ୍ରୋନିକ୍ସ କାରବାର

ନୂଆଦିଲ୍ଲୀ, ୫।୩(ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧକୁ ନେଇ ବଢୁଥିବା ଉତ୍ତେଜନା ଭାରତର ମୋବାଇଲ୍ ଇଲେକ୍ଟ୍ରୋନିକ୍ସ ରପ୍ତାନି ଉପରେ ନକାରାତ୍ମକ ପ୍ରଭାବ ପକାଇବା ନେଇ ଆଶଙ୍କା ବୃଦ୍ଧି ପାଇଛି। ଇଲେକ୍ଟ୍ରୋନିକ୍ସ ଶିଳ୍ପ ସଂଗଠନଗୁଡ଼ିକ ସମ୍ପ୍ରତି ଚେତାବନୀ ଦେଇଛନ୍ତି ଯେ ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଭାରତର ୪୪ ବିଲିୟନ୍ ଡଲାର (ପ୍ରାୟ ୪ ଲକ୍ଷ କୋଟି ଟଙ୍କା) ଇଲେକ୍ଟ୍ରୋନିକ୍ସ ରପ୍ତାନିକୁ ଗୁରୁତର ଭାବରେ ପ୍ରଭାବିତ କରିପାରେ। ଏହା ଲଜିଷ୍ଟିକ୍ସ ଏବଂ ଉତ୍ପାଦନ ଖର୍ଚ୍ଚକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ। କାରଣ ବଢୁଥିବା ଉତ୍ତେଜନା ଯୋଗୁ ବିମାନ ଯାତାୟତ ଏବଂ ବାଣିଜ୍ୟ ମାର୍ଗରେ ଅସ୍ଥିରତା ବଢ଼ିବାର ବିପଦ ଦେଖା ଦେଇଛି। ଇଣ୍ଡିଆ ସେଲ୍ୟୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ(ଆଇସିଇଏ) ସଭାପତି ପଙ୍କଜ ମହେନ୍ଦ୍ରୁ କହିଛନ୍ତି ଯେ ଭାରତର ଇଲେକ୍ଟ୍ରୋନିକ୍ସ ରପ୍ତାନି ବିଶ୍ୱ ଯୋଗାଣ ଶୃଙ୍ଖଳ ସହିତ ଜଡିତ ରହିଛି। ଏବଂ ଅଧିକାଂଶ ସାମଗ୍ରୀ କାର୍ଗୋ ବିମାନ ଦ୍ୱାରା ରପ୍ତାନୀ କରଯାଉଛି। ମଧ୍ୟପ୍ରାଚ୍ୟରେ ପ୍ରମୁଖ ବିମାନ ଏବଂ ଆଞ୍ଚଳିକ ବାଣିଜ୍ୟ ମାର୍ଗରେ କୌଣସି ପ୍ରକାରର ବାଧା ସୃଷ୍ଟି ହେଲେ ଅସ୍ଥାୟୀ ପରିବହନ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଏହି ସମସ୍ୟା ଦୀର୍ଘ ସମୟ ପାଇଁ ଜାରି ରହେ, ତେବେ ରପ୍ତାନି ବିଳମ୍ବିତ ହୋଇପାରେ।

# ୨୦ ବିଲିୟନ ଡଲାର ଛୁଇଁବ ଓଡ଼ିଶାର ଖଣିଜ କ୍ଷେତ୍ର

ଭୁବନେଶ୍ୱର, ୫।୩(ସମିସ): ୨୦୩୨ ସୁଦ୍ଧା ଓଡ଼ିଶାର ଖଣିଜ କ୍ଷେତ୍ର ପ୍ରାୟ ୮ ବିଲିୟନ ଡଲାରରୁ ୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ରାଜ୍ୟକୁ ଭାରତର ସମ୍ପଦ-ନେତୃତ୍ୱୀୟ ଶିଳ୍ପ ପ୍ରସାରଣର ଏକ କେନ୍ଦ୍ରୀୟ ପ୍ରେରକ ଭାବରେ ସ୍ଥାନିତ କରିବ। ଦେଶର ପ୍ରାୟ ୫୦-୫୯% ବକ୍ସାଇଟ୍ ସଂରକ୍ଷଣ ଏବଂ ପୂର୍ବରୁ ଥିବା ଆଲୁମିନା ବିଶୋଧନ ଏବଂ ଧାତୁ ଉତ୍ପାଦନ କ୍ଷମତା ସହିତ, ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳା ଗଠନରେ ଓଡ଼ିଶାର ଏକ ରଣନୈତିକ ଲାଭ ରହିଛି। ଏହାର ବକ୍ସାଇଟ୍ ସମ୍ପଦଗୁଡ଼ିକର ସମୟୋଚିତ କାର୍ଯ୍ୟକ୍ଷମତା ଏବଂ ପ୍ରସାରଣ ଏହି ଖଣିଜ ଶକ୍ତିକୁ ବଡ଼ ଧରଣର ନିଯୁକ୍ତି, ଶିଳ୍ପ ଅଭିବୃଦ୍ଧି ଏବଂ ଅନ୍ତର୍ଭୁକ୍ତ ଆଞ୍ଚଳିକ ସମୃଦ୍ଧିରେ ପରିଣତ କରିପାରିବ, ବିଶେଷକରି ଯେତେବେଳେ ଆଲୁମିନିୟମ ଦେଶର ଅଭିବୃଦ୍ଧି ପଥ ପାଇଁ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହୋଇପଡୁଛି। ଡକ୍ଟର ଅଜୟ ମିଶ୍ର ଜିଏମ୍ ବିଶ୍ୱବିଦ୍ୟାଳୟ ଏବଂ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଭୂଗୋଳର ପୂର୍ବତନ ପ୍ରଫେସର କହିଛନ୍ତି, ଏହା ଖଣିଜ ପଦାର୍ଥ ଥିବା ଜିଲ୍ଲାଗୁଡ଼ିକରେ ନିଯୁକ୍ତି ସୃଷ୍ଟି ଏବଂ ସଙ୍କଟକାଳୀନ ସ୍ଥାନାନ୍ତରଣକୁ ସମାଧାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କ୍ୟାପ୍ଟିଭ୍ ବକ୍ସାଇଟ୍-ଟୁ-ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ବିସ୍ତାର କେବଳ ଖଣି, ବିଶୋଧନ ଏବଂ ଧାତୁ ଉତ୍ପାଦନରେ ସିଧାସଳଖ ନିଯୁକ୍ତି ସୃଷ୍ଟି କରିବ ନାହିଁ, ବରଂ ଗଝଗର ଇକୋସିଷ୍ଟମକୁ ମଧ୍ୟ ଉଲ୍ଲେଖନୀୟ ଭାବରେ ମଜବୁତ କରିବ।

## ଟି-୨୦ ବିଶ୍ୱକପ୍ କ୍ରିକେଟ୍; ବେଥେଲଙ୍କ ଶତକ ବୃଥା

# ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ




**ମୁମ୍ବାଇ,୫।୩(ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୨୦୨୬ ଟି-୨୦ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ତଥା ରୋମାଞ୍ଚକ ଦ୍ୱିତୀୟ ସେମିଫାଇନାଲରେ ଭାରତ ମାତ୍ର ୭ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଗତକାଲି କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୯ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ଖେଳାଯିବ। ଗତଥର ଦକ୍ଷିଣ ଆଫ୍ରିକାକୁ ହରାଇ ଦ୍ୱିତୀୟଥର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଭାରତର ଏହା ଚତୁର୍ଥ ଫାଇନାଲ। ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ୨୦୦୭ ଓ ରୋହିତ ଶର୍ମାଙ୍କ ନେତୃତ୍ୱରେ ୨୦୨୪ରେ ଭାରତ ଦୁଇଥର ଚାମ୍ପିଅନ ହୋଇଥିଲା। ଏହା ଛଡ଼ା ୨୦୧୪ରେ ଶ୍ରୀଲଙ୍କା ନିକଟରୁ ପରାଜିତ ହୋଇ ଧୋନି ବାହିନୀ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଭାରତ ଇନିଂସରେ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିବା ସଞ୍ଜୁ ସାମସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ମୁମ୍ବାଇରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୫୩ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ସଞ୍ଜୁ ସାମସନ ୪୨ଟି ବଲ୍‌ରୁ ୮ ଚୌକା ଓ ୭ଟି ବିଶାଳ ଛକା ସହ ସର୍ବାଧିକ ୮୯ ରନ୍ କରିଥିଲେ। ତାଙ୍କ ବ୍ୟତୀତ ଈଶାନ କିଶାନ ୩୯ ଓ ଶିବମ ଦୁବେ ୨୫ ବଲ୍‌ରେ ୪୩ ରନ୍ କରି ଦମ୍‌ଦାର ସହାୟତା ଦେଇଥିଲେ। ଜବାବରେ ଇଂଲଣ୍ଡ ଜ୍ୟାକବ୍ ବେଥେଲଙ୍କ ୪୮ ବଲ୍‌ରେ ୧୦୫ ରନ୍ ଓ ଅନ୍ୟ ବ୍ୟାଟରଙ୍କ ସହଯୋଗ କ୍ରମେ ସମାନ ସଂଖ୍ୟକ ଓଭର ଖେଳି ସମାନ ୭ ୱିକେଟ ବିନିମୟରେ ୨୪୬ ରନ୍ କରିପାରିଥିଲା। ୱିଲ ଜ୍ୟାକ୍ସ ୩୫, ଜୋସ୍ ବଟ୍ଲର ୨୫ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୨ଟି, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଟସ୍ ହାରିବା ପରେ ଭାରତ ବ୍ୟାଟିଂ ଲାଗି ସୁଯୋଗ ପାଇଥିଲା। ଭାରତ ଭଲ ଆରମ୍ଭ କରିଥିଲେ ମଧ୍ୟ ଫର୍ମରେ ନ ଥିବା ଅଭିଷେକ ଶର୍ମା ୭ବଲ୍‌ରୁ ୯ ରନ୍ କରି ପ୍ରଥମେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ସଞ୍ଜୁ ସାମସନ ଓ ଈଶାନ କିଶାନ ଜମେଇକରି ଇଂଲଣ୍ଡ ବୋଲରଙ୍କୁ ଧୂଳେଇ କରିଥିଲେ। ଏମାନେ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୪୫ ବଲ୍‌ରେ ୯୭ ରନ୍ ଉଠାଇ ଦଳକୁ ଏକ ବଡ଼ ପ୍ଲାଟଫର୍ମ ଦେଇଥିଲେ। ଏହି ସମୟରେ ଇଂଲଣ୍ଡର ଅଭିଜ୍ଞ ସ୍ପିନର ଆଦିଲ ରଶିଦ୍‌ଙ୍କ ସ୍ପିନ୍ ଜାଲରେ ଫସିଥିଲେ ଈଶାନ। ଯାହା ଫଳରେ ସେ ବଡ଼ ସଟ୍ ମାରିବାକୁ ଯାଇ ଜ୍ୟାକ୍ସଙ୍କ ହାତରେ ଧରାପଡ଼ିଥିଲେ। ସେ ମାତ୍ର ୧୮ ବଲ୍ ଖେଳି ୪ ଚୌକା ଓ ୨ ଛକା ସହ ୩୯ ରନ୍ କରିଥିଲେ। ତାଙ୍କ ଆଉଟ ପରେ ସାମସନଙ୍କୁ ଆଉଟ କରିଥିଲେ ଅନ୍ୟତମ ସ୍ପିନର ୱିଲ ଜ୍ୟାକ୍ସ। ମାତ୍ର ୨୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ସାମସନ ୪୨ ବଲ୍‌ରେ ୮ ଚୌକା ଓ ୭ ଛକା ସହ ସର୍ବାଧିକ ୮୯ ରନ୍ କରିଥିଲେ। ପୂର୍ବ ମ୍ୟାଚ୍‌ରେ ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅପରାଜିତ ୯୭ ରନ୍ କରି ଦଳକୁ ଜିତାଇଥିଲେ। ତାଙ୍କ ଆଉଟ ପରେ ଶିବମ ଦୁବେ ୨୫ ବଲ୍‌ରୁ ୧ଚୌକା ଓ ୪ଛକା ସହ ୪୩, ହାର୍ଦ୍ଦିକ ପାଣ୍ଡ୍ୟା ୧୨ ବଲ୍‌ରୁ ୩ ଚୌକା ଓ ୨ଛକା ସହ ୨୭ ଓ ତିଳକ ବର୍ମା ୭ ବଲ୍‌ରୁ ୩ ଛକା ସହ ୨୧ ରନ୍ କରିବା ଫଳରେ ଭାରତର ସ୍କୋର ୨୫୦ ରନ୍ ଅତିକ୍ରମ କରିଥିଲା। ଦୁବେ ଓ ପାଣ୍ଡ୍ୟା ରନ୍‌ଆଉଟ ହୋଇଥିଲେ।

### ସ୍କୋରବୋର୍ଡ

**ଭାରତ ଇନିଂସ: ୨୫୩/୭,୨୦ଓଭର**
(ସାମସନ-କ୍ୟା.ସଲ୍ଟ ବୋ.ଜ୍ୟାକ୍ସ-୮୯, ଅଭିଷେକ-କ୍ୟା.ସଲ୍ଟ ବୋ.ଜ୍ୟାକ୍ସ-୯, କିଶାନ-କ୍ୟା.ଜ୍ୟାକ୍ସ ବୋ.ରସିଦ୍-୩୯, ଦୁବେ-ରନ୍‌ଆଉଟ-୪୩, ସୂର୍ଯ୍ୟକୁମାର-ଷ୍ଟମ୍ପ.ବଟ୍ଲର ବୋ.ରସିଦ୍-୧୧, ହାର୍ଦ୍ଦିକ-ରନ୍‌ଆଉଟ-୨୭, ତିଳକ-ବୋ.ଆର୍ଚର-୨୧, ଅକ୍ଷର-ଅପରାଜିତ-୨, ବରୁଣ-ଅପରାଜିତ-୦, ଅତିରିକ୍ତ-୧୨।

ବୋଲିଂ (ଇଂଲଣ୍ଡ)- ଆର୍ଚର: ୪-୦-୬୧-୧, ଜ୍ୟାକ୍ସ: ୪-୦-୪୦-୨, ଓଭରଟନ: ୩-୦-୩୬-୦, କରାନ: ୪-୦-୫୩-୦, ରସିଦ୍: ୪-୦-୪୧-୨, ଡାଓସନ: ୧-୦-୧୯-୦।

**ଇଂଲଣ୍ଡ ଇନିଂସ: ୨୪୬/୭,୨୦ଓଭର**
(ସଲ୍ଟ-କ୍ୟା.ଅକ୍ଷର ବୋ.ହାର୍ଦ୍ଦିକ-୫, ବଟ୍ଲର-ବୋ. ବରୁଣ-୨୫, ବ୍ରୁକ୍-କ୍ୟା.ଅକ୍ଷର ବୋ.ବୁମ୍‌ରା-୭, ବେଥେଲ-ରନ୍‌ଆଉଟ-୧୦୫, ବାଣ୍ଟନ-ବୋ.ଅକ୍ଷର-୧୭, ଜ୍ୟାକ୍ସ-କ୍ୟା.ଦୁବେ ବୋ.ଅର୍ଶଦୀପ-୩୫, କରାନ-କ୍ୟା.ତିଳକ ବୋ.ହାର୍ଦ୍ଦିକ-୧୮, ଓଭରଟନ-ଅପରାଜିତ-୨, ଆର୍ଚର-ଅପରାଜିତ-୧୯, ଅତିରିକ୍ତ-୧୩।

ବୋଲିଂ (ଭାରତ)- ଅର୍ଶଦୀପ: ୪-୦-୫୧-୧, ହାର୍ଦ୍ଦିକ: ୪-୦-୩୮-୨, ବୁମ୍‌ରା: ୪-୦-୩୩-୧, ବରୁଣ: ୪-୦-୬୪-୧, ଅକ୍ଷର: ୩-୦-୩୫-୧, ଦୁବେ: ୧-୦-୨୨-୦।

## ଭାରତର ଚତୁର୍ଥ ଫାଇନାଲ

**ମୁମ୍ବାଇ,୫।୩(ଏଜେନ୍ସି):** ଇଂଲଣ୍ଡକୁ ୭ ରନ୍‌ରେ ହରାଇ ଭାରତ ଟି-୨୦ ବିଶ୍ୱକପ୍ କ୍ରିକେଟରେ ଚତୁର୍ଥ ଏବଂ କ୍ରମାଗତ ଦ୍ୱିତୀୟଥର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଗତଥର ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯାଇଥିବା ୨୦୨୪ ସଂସ୍କରଣରେ ଦକ୍ଷିଣ ଆଫ୍ରିକାକୁ ହରାଇ ଓ ୨୦୦୭ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ପାକିସ୍ତାନକୁ ୫ ରନ୍‌ରେ ହରାଇ ଭାରତ ଫାଇନାଲରେ ପ୍ରବେଶ କରିବା ସହ ଚାମ୍ପିଅନ ହୋଇଥିଲା। କିନ୍ତୁ ୨୦୧୪ରେ ଶ୍ରୀଲଙ୍କା ନିକଟରୁ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏଥରର ପ୍ରତିଦ୍ୱନ୍ଦ୍ୱୀ ନ୍ୟୁଜିଲାଣ୍ଡ ସହ ଭାରତ ପ୍ରଥମଥର ଭେଟ ହେବ। ଟି-୨୦ ବିଶ୍ୱକପ୍‌ରେ ଉଭୟ ପରସ୍ପର ସହ ୩ଥର ଭେଟାଛନ୍ତି। ନ୍ୟୁଜିଲାଣ୍ଡ ସମସ୍ତ ୩ଟିଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି।

## କ୍ରମାଗତ ମ୍ୟାନ୍ ଅଫ୍ ଦି ମ୍ୟାଚ୍

ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍ ଓ ବିଶ୍ୱକପ୍‌ରେ ୨ଟି ମ୍ୟାଚ୍‌ରେ ଫ୍ଲପ୍ ହୋଇଥିଲେ ମଧ୍ୟ ସଞ୍ଜୁ ସାମସନଙ୍କ ଉପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଭରସା ରଖିଥିଲା। ସାମସନ ମଧ୍ୟ ତାଙ୍କ ଉପରେ ଥିବା ଭରସାକୁ ଅତୁଟ ରଖିଥିଲେ। କୋଲକାତାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ କର ଅବା ମର ସୁପର ଏଇଟ୍ ମୁକାବିଲାରେ ସାମସନ ୯୭ ରନ୍‌ରେ ଶେଷଯାଏ ଅପରାଜିତ ରହିବା ସହ ଭାରତକୁ ୫ ୱିକେଟରେ ଜିତାଇବା ସହ ସେମି ଫାଇନାଲରେ ପ୍ରବେଶ କରାଇଥିଲେ। ସେହିପରି ଆଜି ଖେଳାଯାଇଥିବା ସେମିଫାଇନାଲରେ ସେ ୪୨ ବଲ୍‌ରେ ୮୯ ରନ୍ କରି ଭାରତକୁ ଫାଇନାଲରେ ପ୍ରବେଶ କରାଇବାରେ ସହାୟତା କରିଥିଲେ। ଉଭୟ ମ୍ୟାଚ୍‌ରେ ସଞ୍ଜୁ ସାମସନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ବାହାହେଲେ ଅର୍ଜୁନ

**ମୁମ୍ବାଇ, ୫।୩ (ଏଜେନ୍ସି):** କ୍ରିକେଟ କିଂବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନଙ୍କର ଆଜି ଶିଳ୍ପପତି ସାନିଆ ଚାଣ୍ଡୋକଙ୍କ ସହ ଧୂମ୍‌ଧାମରେ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହରେ କ୍ରିକେଟ ଖେଳାଳି, ଚଳଚ୍ଚିତ୍ର ତାରକା ଓ



ରାଜନେତାଙ୍କୁ ଦେଖିବାକୁ ମିଳିଛି। ଏହା ମଧ୍ୟରେ ରହିଛନ୍ତି ଟିମ୍ ଇଣ୍ଡିଆର ହେଡ୍ କୋଚ୍ ଗୌତମ ଗମ୍ଭୀର। ସେ କୁର୍ତ୍ତା ପାଇଜାମା ପିନ୍ଧି ପତ୍ନୀଙ୍କ ସହ ଏହି ଉତ୍ସବରେ ଯୋଗଦେଇଥିବାର ଦେଖାଯାଇଥିଲା। ଉଲ୍ଲେଖନୀୟ ଘଟଣା ହେଲା, ଆଜି ଏଠାରେ ଇଂଲଣ୍ଡ ସହ ସେମିଫାଇନାଲ ଖେଳିବାର କିଛି ଘଣ୍ଟା ପୂର୍ବରୁ ଗମ୍ଭୀର ଏହି ଉତ୍ସବରେ ଯୋଗଦେବାକୁ ଆସିଥିବାରୁ ତାହା କ୍ରିକେଟପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ହ୍ୟାରୀ ବ୍ରୁକ୍‌ସଙ୍କ ନେତୃତ୍ୱରେ ଇଂଲଣ୍ଡ ଦଳ ସୂର୍ଯ୍ୟକୁମାର ଯାଦବଙ୍କ ଭାରତୀୟ ଦଳ ସହ ମହାମୁକାବିଲା କରୁଛନ୍ତି।

## ବିଶ୍ୱକପ୍ ମ୍ୟାଚ୍‌ରେ ସର୍ବାଧିକ ଛକା

**ମୁମ୍ବାଇ,୫।୩(ଏଜେନ୍ସି):** ଭାରତ-ଇଂଲଣ୍ଡ ସେମିଫାଇନାଲ ମ୍ୟାଚ୍‌ରେ ଏକାଧିକ ରେକର୍ଡ ହୋଇଛି। ତାହା ମଧ୍ୟରୁ ଏହି ମ୍ୟାଚ୍‌ରେ ସର୍ବାଧିକ ୩୪ଟି ଛକାର ରେକର୍ଡ ପ୍ରତିଷ୍ଠା ହୋଇଛି। ଭାରତ ଇନିଂସରେ ୧୯ଟି ଓ ଇଂଲଣ୍ଡ ଇନିଂସରେ ୧୫ଟି ଛକା ମରାଯାଇଛି। ପୂର୍ବରୁ ଏଠାରେ ଜିମ୍ବାୱେ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ସୁପର ଏଇଟ୍‌ସ ମ୍ୟାଚ୍‌ରେ ସର୍ବାଧିକ ୩୧ଟି ଛକା ମରାଯାଇଥିଲା।



ଏହି ମ୍ୟାଚ୍‌ରେ ଭାରତର ବରୁଣ ଚକ୍ରବର୍ତ୍ତୀ ୪ ଓଭର ବୋଲିଂ ସ୍ପେଲ୍‌ରେ ୬୪ ରନ୍ ବ୍ୟୟ କରିଥିଲେ। ବିଶ୍ୱକପ୍‌ରେ ଏହା ଦ୍ୱିତୀୟ ସର୍ବାଧିକ ଓ ନକ୍‌ଆଉଟରେ ସର୍ବାଧିକ ବ୍ୟୟବହୁଳ ସ୍ପେଲ୍। ୨୦୦୭ରେ ପାକିସ୍ତାନ ବିପକ୍ଷରେ ଜୟସୁରିଆ ୪ ଓଭରରେ ୬୪ ଓ ଚଳିତବର୍ଷ ଆମେରିକାର ସୌରଭ ନେତ୍ରାଭାଲକର ୪ ଓଭରରେ ୬୫ ରନ୍ ଦେଇ ବ୍ୟୟବହୁଳ ବୋଲର ହେବାର ନକରାତ୍ମକ ରେକର୍ଡର ଅଧିକାରୀ ହୋଇଛନ୍ତି।

ଗତକାଲି ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡର ଫିନ୍ ଆଲେନ ୩୩ ବଲ୍‌ରେ ୧୦୦ ରନ୍ ପୂରଣ କରି ବିଶ୍ୱକପ୍‌ରେ ଦ୍ରୁତତମ ଶତକ ହାସଲ କରିଥିଲେ। ଆଜି ଭାରତ ବିପକ୍ଷରେ ଇଂଲଣ୍ଡ ଜ୍ୟାକବ ବେଥେଲ ୪୫ ବଲ୍‌ରେ ୧୦୦ ରନ୍ ପୂରଣ କରି ଦ୍ୱିତୀୟ ଦ୍ରୁତତମ ବିଶ୍ୱକପ୍ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଜ୍ୟାକବ ୪୮ ବଲ୍‌ରେ ୧୦୫ ରନ୍ କରିବା ସହ ନକ୍‌ଆଉଟରେ ସର୍ବୋଚ୍ଚ ସ୍କୋର କରିବାର ରେକର୍ଡ କରିଛନ୍ତି।

ଏହି ସଂସ୍କରଣରେ ସଞ୍ଜୁ ସାମସନ ୧୬ଟି ଛକା ମାରିସାରିଲେଣି। ଗୋଟିଏ ସଂସ୍କରଣରେ ସର୍ବାଧିକ ଛକାରେ ସେ ରୋହିତ ଶର୍ମାଙ୍କ ୨୦୨୪ରେ ମାରିଥିବା ୧୫ଟି ଛକାର ରେକର୍ଡ ଭାଙ୍ଗିଦେଇଥିଲେ। ଏଠାରେ ଭାରତ ୭/୨୫୩ ରନ୍ କରିବା ସହ ବିଶ୍ୱକପ୍‌ରେ ସର୍ବାଧିକ ୬ଷ୍ଠ ଥର ଲାଗି ଗୋଟିଏ ଇନିଂସରେ ୨୫୦ କିମ୍ବା ତା'ଠାରୁ ଅଧିକ ରନ୍ କରିବାର ରେକର୍ଡ କରିଛନ୍ତି। ଏହି ସ୍କୋର ମଧ୍ୟ ବିଶ୍ୱକପ୍‌ରେ ଦ୍ୱିତୀୟଥର ଲାଗି ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ କରିବାର ରେକର୍ଡ ହୋଇଛି।

ଭାରତ-ଇଂଲଣ୍ଡ ମ୍ୟାଚ୍‌ରେ ୭୩ଟି ବାଉଣ୍ଡାରୀ ମରାଯାଇଛି। ଏହା ମଧ୍ୟରେ ରହିଛି ୩୯ଟି ଚୌକା ଓ ୩୪ଟି ଛକା। ବିଶ୍ୱକପ୍‌ରେ ଏହା ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ବାଉଣ୍ଡାରୀ ମରାଯାଇଥିବା ମ୍ୟାଚ୍।

## ହକି ବିଶ୍ୱକପ୍ କ୍ୱାଲିଫାୟର୍ସରୁ ଓହରିଲା ଆମେରିକା

**କାଇରୋ,୫।୩(ଏଜେନ୍ସି):** ପୁରୁଷ ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡ ମୁକାବିଲାରୁ ଓହରିଯାଇଛି ଯୁକ୍ତରାଷ୍ଟ୍ର ଆମେରିକା। ମଧ୍ୟ ପ୍ରାଚ୍ୟରେ ଲାଗିଥିବା ଯୁଦ୍ଧ ଯୋଗୁଁ ଆମେରିକା ହକି ଦଳ ସରକାରଙ୍କ ଅନୁରୋଧ ଅନୁଯାୟୀ ଏଭଳି ନିଷ୍ପତ୍ତି ନେଇଛି। ଇରାନ ସହ ଆମେରିକା ଓ ଇଜ୍ରାଏଲ୍‌ର ଯୁଦ୍ଧ ଚାଲିଥିବାରୁ ଏହି ଅଞ୍ଚଳ ନିକଟରୁ ଆମେରିକାବାସୀଙ୍କୁ ଦୂରେଇ ରହିବା ସକାଶେ ସରକାର ପରାମର୍ଶ ଦେଇଛନ୍ତି। ଏହାକୁ ଆଧାର କରି ଆମେରିକା ପ୍ରଥମ ରାଉଣ୍ଡ ପରେ ପ୍ରତିଯୋଗିତାରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି। ଦ୍ୱିତୀୟ ରାଉଣ୍ଡରେ ଆସନ୍ତା ୧୦ ତାରିଖରେ ଚୀନ୍ ସହ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହି ମ୍ୟାଚ୍ ସହ ଅନ୍ୟ ଦୁଇଟି ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଚୀନ୍ ଓ ଅନ୍ୟ ୨ ଦେଶକୁ ୱାକ୍‌ଓଭର ମିଳିଛି। ଚଳିତବର୍ଷ ଏହି ବିଶ୍ୱକପ୍ ବେଲଜିୟମ ଓ ନେଦରଲାଣ୍ଡସରେ ଅଗଷ୍ଟ ୧୪ରୁ ୩୦ ଯାଏ ଖେଳାଯିବ।

## ଭାରତ ଛାଡ଼ିଲେ ଜିମ୍ବାୱେ ଖେଳାଳି, ୱେଷ୍ଟଇଣ୍ଡିଜ୍ ଦଳ ଅଟକି ରହିଛି

**ନୂଆଦିଲ୍ଲୀ,୫।୩(ଏଜେନ୍ସି):** ଆମେରିକା-ଇସ୍ରାଏଲ ବନାମ ଇରାନ ଯୁଦ୍ଧ ଯୋଗୁଁ ଉପସାଗରୀୟ ଏୟାର ସ୍ପେଶକୁ ବନ୍ଦ କରିଦିଆଯାଇଛି। ଫଳରେ ଦୁବାଇ ଦେଇ ଜିମ୍ବାୱେ ଓ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଟିମ୍‌ର ସ୍ୱଦେଶ ଯାତ୍ରା ବନ୍ଦ ହୋଇଯାଇଛି। ଏମାନଙ୍କ ବିଶ୍ୱକପ୍ ଅଭିଯାନ ଶେଷ ହୋଇଥିଲେ ମଧ୍ୟ



ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଭାରତରେ ଅଟକି ରହିଥିଲେ। ଆଜି ଆଇସିସି ପକ୍ଷରୁ ଅନ୍ୟ ରୁଟ୍ ଦେଇ ବିମାନ ବ୍ୟବସ୍ଥା କରାଯାଇଥିଲା। ଫଳରେ ଜିମ୍ବାୱେ ଦଳର କିଛି ଖେଳାଳି ଗତକାଲି ଇଥିଓପିଆ ଦେଇ ସ୍ୱଦେଶ ଯାଇଛନ୍ତି। ଆଉ କିଛି ଖେଳାଳି ଆଜି ଯିବେ ବୋଲି ସୂଚନା ମିଳିଛି। କିନ୍ତୁ ୱେଷ୍ଟଇଣ୍ଡିଜ୍ ଭାଗ୍ୟରେ ଏଭଳି ସୁଯୋଗ ମିଳିନାହିଁ। ଏମାନେ ଏବେ ନୂଆଦିଲ୍ଲୀରେ ଅଟକି ରହିଛନ୍ତି। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଖୁବ୍ ଶୀଘ୍ର ସେମାନଙ୍କ ଦେଶକୁ ପଠାଇଦିଆଯିବ ବୋଲି ଆଇସିସି ସୂତ୍ରରୁ ଜଣାଯାଇଛି।

## କିଟ୍‌ରେ ବିଶ୍ୱ ବିଚ୍ ଭଲିବଲ ଉଦ୍‌ଘାଟିତ

**ଭୁବନେଶ୍ୱର,୫।୩(ସମିସ):** କିଟ ୟୁନିଭର୍ସିଟିର କ୍ରୀଡ଼ା ଆୟୋଜନ ଇତିହାସରେ ଆଜି ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡି ହୋଇଯାଇଛି। ଆଜି ଏଠାରେ ଆରମ୍ଭ ହୋଇଛି ବିଶ୍ୱ ବିଶ୍ୱବିଦ୍ୟାଳୟ ବିଚ୍ ଭଲିବଲ ଟୁର୍ଣ୍ଣାମେଣ୍ଟ। ଭାରତରେ ଏହି ପ୍ରତିଯୋଗିତା ପ୍ରଥମଥର ଆୟୋଜିତ ହୋଇଛି ଓ ଏହାକୁ କିଟ୍ ଆୟୋଜନ କରି ଇତିହାସ ସୃଷ୍ଟି କରିଛି। ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଏହି ଭଲିବଲ ଟୁର୍ଣ୍ଣାମେଣ୍ଟରେ ୫୨ଟି ଦେଶରୁ ୮୨ଟି ଟିମ୍ ଅଂଶଗ୍ରହଣ କରୁଛି। ଏହି ଟୁର୍ଣ୍ଣାମେଣ୍ଟକୁ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ବିଶ୍ୱଭଲିବଲ ମହାସଂଘର ଟେକ୍ନିକାଲ ଡେଲିଗେଟ୍ ବ୍ଲେୟାର ହ୍ୟାରିସନ, କିଟ୍ ଭାଇସ୍ ଚାନ୍ସେଲର ସରଣଜିତ ସିଂହ ଓ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



### ■ ବିଶ୍ୱ ପାରା ତୀରନ୍ଦାଜୀ ସିରିଜ୍
## ଭାରତୀୟ ଦଳରେ ଓଡ଼ିଶାର ପାୟଲ

**କଟକ, ୫।୩(ସମିସ):** ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ମାର୍ଚ୍ଚ ୨୯ରୁ ଏପ୍ରିଲ ୫ ମଧ୍ୟରେ ବିଶ୍ୱ ପାରା ତୀରନ୍ଦାଜୀ ସିରଜ୍ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ପାରା ତୀରନ୍ଦାଜୀ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ପାୟଲ ନାଗ ସ୍ଥାନ ପାଇଛନ୍ତି। ଫେବୃଆରୀ ୯ରୁ ୧୧ ପର୍ଯ୍ୟନ୍ତ ଦିଲ୍ଲୀରେ ହୋଇଥିବା ଟ୍ରାଏଲ୍‌ସର ପ୍ରଦର୍ଶନ ଭିତ୍ତିରେ ଭାରତୀୟ ପାରା ତୀରନ୍ଦାଜୀ ଦଳ ମନୋନୟନ କରାଯାଇଛି। ଭାରତୀୟ ଦଳରେ ସ୍ଥାନ ପାଇବାରେ ପାୟଲ ଏକମାତ୍ର ଓଡ଼ିଆ ତୀରନ୍ଦାଜ। ପାୟଲଙ୍କୁ ଓଡ଼ିଶା ତୀରନ୍ଦାଜୀ ସଂଘର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।



### ■ ନନ୍ଦିନୀଙ୍କ ଆଗରେ ଅଲିସ୍ମା ଫିକା
## ଓଡ଼ିଶାକୁ ହରାଇଲା ଉତ୍ତରାଖଣ୍ଡ

**ଭୁବନେଶ୍ୱର,୫।୩(ସମିସ):** ପୁଣେରେ ଚାଲିଥିବା ବିସିସିଆଇ ୨୩ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫିରେ ଆଜି ଖେଳାଯାଇଥିବା ମ୍ୟାଚରେ ଉତ୍ତରାଖଣ୍ଡ ୫ ୱିକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଅଧିନାୟିକା ଅଲିସ୍ମା ବିଶ୍ୱାଲଙ୍କ ୧୧୨ ବଲ୍‌ରୁ ୭୫ ଓ ଜିଏମ୍ ଅଲକାନନ୍ଦାଙ୍କ ୩୭ ବଲ୍‌ରୁ ଅପରାଜିତ ୪୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୫ ୱିକେଟରେ ୨୪୨ ରନ୍ କରିଥିଲା। ପ୍ରତିପକ୍ଷ ଦଳର ନିଶା ମିଶ୍ରଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ନନ୍ଦିନୀ ଯାଦବ ୧୩୩ ବଲ୍‌ରେ ୧୫ ଚୌକା ସହ ଅପରାଜିତ ୧୨୦ ଓ ରାଘବୀଙ୍କ ୫୧ ରନ୍ ସହାୟତାରେ ଉତ୍ତରାଖଣ୍ଡ ୪୭ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଫଳରେ ଅଲିସ୍ମାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଫିକା ପଡ଼ିଥିଲା। ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଉତ୍ତରପ୍ରଦେଶ ୭ ୱିକେଟରେ ଓଡ଼ିଶାକୁ ପରାସ୍ତ କରିଥିଲା। ଏଥିରେ ମଧ୍ୟ ଅଲିସ୍ମା ସର୍ବାଧିକ ୪୮ ରନ୍ କରିଥିଲେ।

### କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା କ୍ରିକେଟ
## ନକ୍‌ଆଉଟ୍‌ରେ ବଲାଙ୍ଗିର, ଝାରସୁଗୁଡ଼ା, ସୁନ୍ଦରଗଡ଼

**ଭୁବନେଶ୍ୱର,୫।୩(ସମିସ):** କଟକରେ ଓଡ଼ିଶା କ୍ରିକେଟ ଆସୋସିଏସନ ବା ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା କଳାହାଣ୍ଡି କପ୍‌ର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ଶେଷରେ କଟକ-ଏ, ଭୁବନେଶ୍ୱର-ଏ, ରାଉରକେଲା, ଡିଫେଣ୍ଡିଂ ଚାମ୍ପିଅନ ସୁନ୍ଦରଗଡ଼, ରାଉରକେଲା, ପୂର୍ବତଟ ରେଳବାଇ, ଅନୁଗୁଳ, ଝାରସୁଗୁଡ଼ା ଓ ବଲାଙ୍ଗିର ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ନକ୍‌ଆଉଟ ବା କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମାର୍ଚ୍ଚ ୮ରୁ ଆରମ୍ଭ ହେବ। କ୍ୱାର୍ଟର ଫାଇନାଲ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ କଟକ-ଏ' ସହ ବଲାଙ୍ଗିର, ଦ୍ୱିତୀୟ ମ୍ୟାଚ୍‌ରେ ସୁନ୍ଦରଗଡ଼ ସହ ଝାରସୁଗୁଡ଼ା, ତୃତୀୟ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ସହ ଅନୁଗୁଳ ଓ ଚତୁର୍ଥ ମ୍ୟାଚ୍‌ରେ ରାଉରକେଲା ସହ ପୂର୍ବତଟ ରେଳବାଇର ମୁକାବିଲା ହେବ। ଏହି ମ୍ୟାଚ୍‌ର ବିଜେତା ଦଳ ସେମିଫାଇନାଲକୁ ଉନ୍ନୀତ ହେଲେ। ମାର୍ଚ୍ଚ ୯ରେ ସେମିଫାଇନାଲ ଓ ମାର୍ଚ୍ଚ ୧୧ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଓସିଏ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରୁ ଜଣାଯାଇଛି।





ଆଜି ଟୁର୍ଣ୍ଣାମେଣ୍ଟର ଶେଷ ପର୍ଯ୍ୟାୟ ମୁକାବିଲା ହୋଇଥିଲା। ଏଥିରେ ୬ଟି ମ୍ୟାଚ୍ ଖେଳାଯାଇଥିଲା। ଏହା ମଧ୍ୟରୁ ରେଭେନ୍‌ଶା ଗ୍ରାଉଣ୍ଡରେ ବାଲେଶ୍ୱର ୮ ୱିକେଟରେ କଳାହାଣ୍ଡିକୁ, ଏମ୍‌ଜିଏମ୍ ଗ୍ରାଉଣ୍ଡରେ ରାଉରକେଲା ୧୧୦ ରନ୍‌ରେ ଜଗତସିଂହପୁରକୁ, ସନ୍‌ସାଇନ୍ କ୍ରିକେଟ ଗ୍ରାଉଣ୍ଡରେ କେନ୍ଦୁଝର ୪ ୱିକେଟରେ ନୂଆପଡ଼ାକୁ, ସେଞ୍ଚୁରିଅନ ୟୁନିଭର୍ସିଟି ଗ୍ରାଉଣ୍ଡରେ କଟକ-ଏ' ୧୩୦ ରନ୍‌ରେ କିଟ୍‌କୁ, ଡ୍ରିମ୍‌ସ କ୍ରିକେଟ ଗ୍ରାଉଣ୍ଡରେ ପାରାଦୀପ ୪ ୱିକେଟରେ ପାରାଦୀପକୁ ଓ ଖୋର୍ଦ୍ଧା ବିଜେବି ସ୍କୁଲ ଗ୍ରାଉଣ୍ଡରେ ଝାରସୁଗୁଡା ୬୧ ରନ୍‌ରେ ରାୟଗଡ଼ାକୁ ପରାସ୍ତ କରିଛି। ରାଉରକେଲାର ଆଶୀର୍ବାଦ ସ୍ୱାଇଁ ଶତକ ହାସଲ କରି ୧୧୭ ବୋଲିଂରେ ଜଗତସିଂହପୁରର ଅରୁଣ ମହାରଣା ୫ୱିକେଟ ନେଇ ଏହି ମ୍ୟାଚ୍ ଓ ରାଉଣ୍ଡରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

## ଶିବାନୀ, ସୁରଜ ଜିତିଲେ ବିଜୁ ପଟ୍ଟନାୟକ ମିନି ମାରାଥନ୍

**ଭୁବନେଶ୍ୱର, ୫।୩ (ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ କଟକରେ ଅନୁଷ୍ଠିତ ମିନି ମାରାଥନରେ ବାଜି ମାରିଛନ୍ତି ଶିବାନୀ ବାରିକ୍ ଓ ସୁରଜ ଚୋହାନ। ଆଜି ଅନୁଷ୍ଠିତ ଏହି ମାରାଥନରେ କାଜି ବଜାର ବାଳିକା ବିଦ୍ୟାଳୟର ଛାତ୍ରୀ ଶିବାନୀ ବାରିକ ପ୍ରଥମ, ତରଳ ୟୁପି ସ୍କୁଲ୍‌ର ଶାନ୍ତି ପୂର୍ତ୍ତି ଦ୍ୱିତୀୟ ଓ ରେଭେନ୍ସା କଲେଜିଏଟ ସ୍କୁଲ୍‌ର ଆସ୍ଥା ଆଲା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ତରଳ ସ୍କୁଲ୍‌ର ବାଳକ ପ୍ରତିଯୋଗୀମାନେ ପ୍ରଥମ ୩ଟି ସ୍ଥାନ ଅଧିକାର କରିନେଇଛନ୍ତି। ସେମାନଙ୍କ ମଧ୍ୟରେ ସୁରଜ ପ୍ରଥମ, ତାରକ ଟୁଡୁ ଦ୍ୱିତୀୟ ଓ କାହ୍ନୁ ହାଁସ୍‌ଦା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ସମସ୍ତଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୭,୦୦୦, ଦ୍ୱିତୀୟଙ୍କୁ ୫,୦୦୦ ଓ ତୃତୀୟ ସ୍ଥାନିତ ପ୍ରତିଯୋଗୀଙ୍କୁ ୩,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଶେଷରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ପ୍ରଶିକ୍ଷକ ଯୁଗଳ କିଶୋର ଦାସ, ଇଞ୍ଜିନିୟର ପ୍ରଭାକର ସ୍ୱାଇଁ, ଶିଳ୍ପୋଦ୍ୟୋଗୀ ସୁନୀଲ ମୁରାରକା ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟର କିଂବଦନ୍ତୀ କ୍ରୀଡ଼ାବିତ ଭାରତୀ ମିଶ୍ର, ସୟଦ ଜବିଉଲ୍ଲା, ଏସ୍ ରାମାରାଓ ଓ କ୍ରୀଡ଼ା ପ୍ରଶିକ୍ଷକ ସୁବାସଚନ୍ଦ୍ର ଦାସ ମହାପାତ୍ରଙ୍କୁ ଆୟୋଜକ ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଆୟୋଜକ ସଂଘ ପକ୍ଷରୁ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ୍, ସରୋଜ ସିଂ, ଅମୂଲ୍ୟ ବେହେରା, ରବି ପଟ୍ଟନାୟକ, କ୍ଷୀତୀଶ ପାତ୍ର, ସମୀର ପରିଜା, ସୌଦାମିନୀ ଦାସ୍, ଲକ୍ଷ୍ମୀପ୍ରିୟା ଦେଇ, ଅର୍ପିତା ଦାସ ପ୍ରମୁଖ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରସନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS